# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଏପ୍ରିଲ ୩/୨୦୨୧ (୧୬ ପୃଷ୍ଠା) | Rayagada, Saturday, April 3/2021

୧୧ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୋହିନୀଙ୍କୁ ଡବଲ ଟାଇଟଲ**

ଅହମଦାବାଦରେ ଅନୁଷ୍ଠିତ ସୁପର ସିରିଜ ଟେନିସର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତିଛନ୍ତି ଓଡ଼ିଶାର ସୋହିନୀ ମହାନ୍ତି।

୧୬

୧୪

**ପୁରସ୍କାରରେ ବିଶ୍ୱାସ କରନ୍ତି ନାହିଁ ଆମିର**

ପୁରସ୍କାରରେ ବିଶ୍ୱାସ କରୁ ନ ଥିବା ବଲିଉଡ ଅଭିନେତା ଆମିର ଖାନ୍ କୌଣସି ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦିଅନ୍ତି ନାହିଁ।



# ଭାଜପା କାର୍‌ରେ ଭୋଟିଂ ମେଶିନ

**ଆସାମର ଜଣେ ଭାଜପା ବିଧାୟକଙ୍କ ସ୍ତ୍ରୀଙ୍କ କାର୍‌ରୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଜବତ ହୋଇଛି । ନିର୍ବାଚନ କମିଶନ (ଇସି) ସମ୍ପୃକ୍ତ ପ୍ରିଜାଇଡିଂ ଅଫିସର ଓ ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟ ୩ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି । ଏହାସହ ସ୍ପେଶାଲ ଅବଜର୍ଭରଙ୍କୁ ଏନେଇ ଜବାବ ମାଗିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଇସି ରତାବାରି ଆସନରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ଏଆଇୟୁଡିଏଫ୍ ସମେତ ବିରୋଧୀ ଦଳଗୁଡ଼ିକ ଇସିଙ୍କୁ ଟାର୍ଗେଟ କରିଛନ୍ତି । କେବଳ ଏତିକି ନୁହେଁ, ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ବିଭିନ୍ନ ସ୍ଥାନରେ ଇଭିଏମ୍ ଅଚଳ ହୋଇଯିବା ଭୋଟିଂ ମେଶିନର ସ୍ୱଚ୍ଛତା ଓ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।**




- ଇଭିଏମ୍‌କୁ ନେଇ ପୁଣି ଉଠିଲା ପ୍ରଶ୍ନ
- ୪ ଅଧିକାରୀ ନିଲମ୍ବିତ, ସାନି ମତଦାନ ନିର୍ଦ୍ଦେଶ
- ଟ୍ୟାମ୍ପରିଂ ପାଇଁ ଚୋରି କରିଛି ଭାଜପା: ବିରୋଧୀ

**ଗୁଆହାଟୀ/କୋଲକାତା/ନୂଆଦିଲ୍ଲୀ,୨।୪**

ଆସାମର ୩୯ ଓ ପଶ୍ଚିମବଙ୍ଗର ୩୦ ଆସନରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା। ମତଦାନ ବେଳେ ଓ ପରେ ବିଭିନ୍ନ ସ୍ଥାନରେ ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠିଥିଲା। ଆସାମର କରିମଗଞ୍ଜ ଜିଲା ରତାବାରିରେ ଭୋଟ ଗ୍ରହଣ ପରେ ରାତିରେ ଭାଜପା ବିଧାୟକ ତଥା ପ୍ରାର୍ଥୀ କ୍ରିଷ୍ଣେନ୍ଦୁ ପଲଙ୍କ ସ୍ତ୍ରୀ ମଧୁମିତା ପଲ୍‌ଙ୍କ ନାମରେ ପଞ୍ଜୀକୃତ (ରେ.ନଂ. ଏଏସ୍‌୧୦ବି-୦୦୨୨) କାର୍‌ରେ ଷ୍ଟ୍ରଙ୍ଗ୍ ରୁମ୍‌କୁ ଇଭିଏମ୍ ନିଆଯାଉଥିଲା। ରାତି ୧୦ଟାରେ ଏହି ବିଷୟ ଜଣାପଡ଼ିବା ପରେ ଶତାଧିକ ଲୋକ ଉକ୍ତ କାର୍‌କୁ ଅଟକାଇ ଟେକାପଥର ମାଡ଼ କରିଥିଲେ। ଫଳରେ ପୋଲିଂ ପାର୍ଟି କାର୍‌କୁ ଛାଡ଼ିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ବ୍ଲାଙ୍କ ଫାୟାର କରିଥିଲା। ସୋସିଆଲ ମିଡିଆରେ ଏହାର ଦୃଶ୍ୟ ଭାଇରାଲ ହୋଇଛି। ଇଭିଏମ୍‌ଗୁଡ଼ିକୁ ଟ୍ୟାମ୍ପରିଂ ପାଇଁ ଚୋରି କରି ନିଆଯାଉଥିଲା ବୋଲି ଶୁକ୍ରବାର କଂଗ୍ରେସ ଏବଂ ବଦ୍‌ରୁଦ୍ଦିନ ଅଜମଲଙ୍କ ନେତୃତ୍ୱାଧୀନ ଏଆଇୟୁଡିଏଫ୍ ଅଭିଯୋଗ ଆଣିଛନ୍ତି। ନିର୍ବାଚନ ଦାୟିତ୍ୱରେ ଥିବା ୪ ଅଧିକାରୀଙ୍କୁ ଇସି ନିଲମ୍ବନ କରିବା ସହ ସମ୍ପୃକ୍ତ ବୁଥ୍‌ରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲା ପ୍ରଶାସନ ସଫେଇ ଦେଇଛି। ରତାବାରି(ଏସ୍‌ସି ସଂରକ୍ଷିତ) ଆସନର ୧୪୯-ଇନ୍ଦିରା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଯୁକ୍ତିରେ ବିଳମ୍ବ**

## ଇସିଙ୍କୁ ଫେରାଦ ହେଲା ଟିଏମ୍‌ସି

**କୋଲକାତା,୨।୪**

ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଜାଲିଆତି ଓ ଭାଜପା କର୍ମୀଙ୍କ ହିଂସାକୁ ନେଇ ଶୁକ୍ରବାର ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଫେରାଦ ହୋଇଛି। ଟିଏମ୍‌ସି ଉପାଧ୍ୟକ୍ଷ ଯଶୱନ୍ତ ସିହ୍ନା ଓ ବରିଷ୍ଠ ନେତା ଡେରେକ୍ ଓ'ବ୍ରିଏନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୋଲକାତାରେ ଇସିଙ୍କ ଅଧିକାରୀମାନଙ୍କୁ ଭେଟିଛନ୍ତି। ନନ୍ଦିଗ୍ରାମରେ ମତଦାନ ବେଳେ ସୃଷ୍ଟି ହୋଇଥିବା ଇଭିଏମ୍ ସମସ୍ୟା ଓ ଭାଜପା କର୍ମୀ ଭିଆଇଥିବା ହିଂସା ସମ୍ପର୍କରେ ସେମାନେ ଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ☞ପୃଷ୍ଠା-୪


DSPL - 275




## ରାଷ୍ଟ୍ରୀୟ ଲୋକ ଅଦାଲତ

ତା୧୦।୦୪।୨୦୨୧ରିଖ (ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩. ତା୧୦।୦୪।୨୦୨୧ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।

୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।

୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।

୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮. ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧
ମୋ: ୯୪୩୮୫୭୮୫୮୬ ଏବଂ ୧୫୧୬

OIPR-18008/13/0006/2021





**୩ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା କାକ୍‌ପୋରାରେ ଶୁକ୍ରବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। କାକ୍‌ପୋରା ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ମିଳିବା ପରେ ପୋଲିସ ଓ ସେନା ଯବାନମାନେ ଉକ୍ତ ଅଞ୍ଚଳକୁ ଘେରିଯାଇ ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀଙ୍କ ସହ ସେମାନଙ୍କର ଗୁଳି ବିନିମୟ ହୋଇଥିଲା।



## ସଂକ୍ଷେପରେ

### ପାକ୍ ଧର୍ମପୀଠରେ ସଂଘର୍ଷ: ୫୦ ଆହତ

**କରାଚି, ୨।୪(ଆଇଏଏନ୍ଏସ୍):** ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଥିବା ଏକ ଧର୍ମପୀଠରେ ଶ୍ରଦ୍ଧାଳୁ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟି ୫୦ ଜଣ ଆହତ ହୋଇଛନ୍ତି। କରୋନା ସଂକ୍ରମଣ ବଢୁଥିବାରୁ ପ୍ରାଦେଶିକ ସରକାର ସମସ୍ତ ଧର୍ମପୀଠକୁ ବନ୍ଦ କରିବା ପାଇଁ ଘୋଷଣା କରିବା ପରେ ଗୁରୁବାର ସନ୍ଧ୍ୟାରେ ସେହୱାନ୍‌ର ଲାଲ୍ ଶାହବାଜ କଲନ୍ଦରଠାରେ ଏହି ସଂଘର୍ଷ ଘଟିଛି। ସରକାରଙ୍କ କଟକଣା ସତ୍ତ୍ୱେ ହଜାର ହଜାର ଭକ୍ତ ସୁଫି ସନ୍ଥଙ୍କ ୭୬୯ତମ ଉର୍ସରେ ଯୋଗଦେବା ପାଇଁ ସେହୱାନ୍‌ରେ ପହଞ୍ଚିଥିଲେ। ପୋଲିସ ସେମାନଙ୍କୁ ଅଟକାଇଥିଲା। ତେବେ ଶ୍ରଦ୍ଧାଳୁମାନେ ଗୋଟିଏ ଗେଟ୍ ଦେଇ ଭିତରେ ପଶିବାରୁ ପୋଲିସ ସହ ସଂଘର୍ଷ ହୋଇଥିଲା। ଏଥିରେ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

### ଷ୍ଟାଲିନଙ୍କ ଜ୍ୱାଇଁ ଘରେ ଆୟକର ଚଢ଼ାଉ



**ମାଡ୍ରାସ୍, ୨।୪:** ତାମିଲନାଡୁ ବିଧାନସଭା ନିର୍ବାଚନର ୪ ଦିନ ପୂର୍ବରୁ ଶୁକ୍ରବାର ବିରୋଧୀ ଦଳ ନେତା ଏମ୍.କେ. ଷ୍ଟାଲିନ୍‌ଙ୍କ ଜ୍ୱାଇଁଙ୍କ ଘରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜ୍ୱାଇଁ ସବାରିସନ ଓ ତାଙ୍କ ସହଯୋଗୀଙ୍କ ମାଲିକାନାରେ ଥିବା ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହାର ଜବାବରେ ଡିଏମ୍‌କେ ଅଧ୍ୟକ୍ଷ କହିଛନ୍ତି, 'ଆଇ ଆମ୍ ଷ୍ଟାଲିନ୍'। ଆୟକର ଅଧିକାରୀମାନେ ନିଜ କର୍ତ୍ତବ୍ୟ ପାଳନ କରିବା ବାହାନାରେ ଏଆଇଏଡିଏମ୍‌କେ-ଭାଜପା ପାଇଁ ସୁଯୋଗ ଖୋଜୁଛନ୍ତି। ନିର୍ବାଚନ କମିଶନ (ଇସି) ଆୟକର ବିଭାଗକୁ ଏଭଳି କ୍ଷମତା ଅପବ୍ୟବହାରରୁ କ୍ଷାନ୍ତ ରହିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଷ୍ଟାଲିନ କହିଛନ୍ତି।

### ଟିକାଏତ୍‌ଙ୍କ ଗାଡ଼ି ଉପରେ ଆକ୍ରମଣ

**ଜୟପୁର, ୨।୪:** ରାଜସ୍ଥାନର ଅଲ୍‌ୱର ଜିଲା ଅନ୍ତର୍ଗତ ତତରପୁର ଗାଁରେ ଶୁକ୍ରବାର ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍‌ଙ୍କ କାର ଉପରେ ଆକ୍ରମଣ ହୋଇଛି। ଏଥିରେ ତାଙ୍କ କାର୍‌ର ୱିଣ୍ଡୋ ଭାଙ୍ଗିରୁଜି ଯାଇଛି। କେନ୍ଦ୍ରର ନୂତନ କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିବା କୃଷକ ନେତା ଟିକାଏତ୍ ହର୍‌ସୋରାଠାରେ ଏକ ସମାବେଶକୁ ଉଦ୍‌ବୋଧନ ଦେବା ପରେ ବନସୁର ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ସେ ଟୁଇଟର ଯୋଗେ ଭାଙ୍ଗିଯାଇଥିବା କାର୍‌ର ଭିଡିଓ ଶେୟାର କରିବା ସହ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଅଭିଯୋଗ ଆଣିଛନ୍ତି।

## ଏପ୍ରିଲ୍ ଫୁଲ୍ କଲେ ଜିଲ୍ ବାଇଡେନ



ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଗୁରୁବାର ଛଦ୍ମବେଶରେ ତାଙ୍କ କର୍ମଚାରୀ ଓ ରିପୋର୍ଟରମାନଙ୍କୁ ଏପ୍ରିଲ୍ ଫୁଲ୍ କରିଛନ୍ତି। ଜିଲ୍ ତାଙ୍କ କର୍ମଚାରୀ ଓ କେତେଜଣ ରିପୋର୍ଟରଙ୍କ ସହ କାଲିଫର୍ନିଆରୁ ୱାଶିଂଟନ ଫେରୁଥିବାବେଳେ ନିଜକୁ ବିମାନ ଆଟେଣ୍ଡାଣ୍ଟ ବେଶରେ ସଜାଇ ଅନ୍ୟମାନଙ୍କୁ ଆଇସ୍‌କ୍ରିମ୍ ବାର୍ ଦେଇଥିଲେ। ସେ କଳା ରଙ୍ଗର ଫେସ୍‌ମାସ୍କ ପିନ୍ଧିଥିଲେ, ଯେଉଁଥିରେ ଜସ୍ମିନ୍ ଲେଖାଥିଲା। ୫ ମିନିଟ ପରେ ପ୍ରେସ୍ ସେକ୍ସନରେ ସେ ରୂପ ବଦଳାଇ ରିପୋର୍ଟରମାନଙ୍କୁ 'ଏପ୍ରିଲ୍ ଫୁଲ୍' କହିଥିଲେ।

## ଦୈବୀକୋପ ଭୟରେ ଆତ୍ମସମର୍ପଣ

ମାଙ୍ଗାଲୋରର ସ୍ୱାମୀ କୋରାଗଜ୍ଜା ମନ୍ଦିର ଦାନବାକ୍ସରେ ଆପତ୍ତିଜନକ ପଦାର୍ଥ ପକାଇଥିବା ୨ ଅଭିଯୁକ୍ତ ଦୈବୀକୋପ ଭୟରେ ଦୋଷ ସ୍ୱୀକାର କରିବା ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇଜଣ ହେଲେ ଅବଦୁଲ ରହିମ ଏବଂ ତୌଫିକ୍। ମନ୍ଦିର ଅପବିତ୍ର କରିବାରେ ସେମାନଙ୍କ ସହ ସାମିଲ ଥିବା ଅନ୍ୟତମ ସହଯୋଗୀ ନୱାଜଙ୍କ ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ଦୈବୀଦଣ୍ଡ ଭାବି ଅବଦୁଲ୍ ଓ ତୌଫିକ୍ ଡରିଯାଇଥିଲେ। ମନ୍ଦିର ଅପବିତ୍ର ଘଟଣା ଭକ୍ତମାନଙ୍କୁ ମର୍ମାହତ କରିଥିଲା। ଏହାକୁ ନେଇ ଜିଲାରେ ଉତ୍ତେଜନା ବଢୁଥିବାବେଳେ ୨ ଅଭିଯୁକ୍ତ ବୁଧବାର ରାତିରେ ମନ୍ଦିର ପୂଜାରୀଙ୍କ ଆଗରେ ଦୋଷ ସ୍ୱୀକାର କରିବା ପରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ।





**ଦୈନିକ ସଂକ୍ରମଣ**

# ଆମେରିକାକୁ ଟପିଲା ଭାରତ

## ଦିନକରେ ୮୧,୪୬୬ ପଜିଟିଭ୍

**ନୂଆଦିଲ୍ଲୀ, ୨।୪(ଆଇଏଏନ୍ଏସ୍)**

ଭାରତରେ ଗୋଟିଏ ଦିନରେ ସର୍ବାଧିକ ୮୧,୪୬୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ୬ ମାସ ମଧ୍ୟରେ ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୨୩,୦୩,୧୩୧ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ସଂକ୍ରମଣରେ ଭାରତ ଆମେରିକାକୁ ଟପିଯାଇଛି। ବ୍ରାଜିଲରେ ୨୪ ଘଣ୍ଟାରେ ୯୧,୦୯୭ ଜଣ ସଂକ୍ରମିତ ହୋଇଥିବାବେଳେ ୮୧,୪୬୬ ପଜିଟିଭ୍ ସହ ଭାରତ ସାରା ବିଶ୍ୱରେ ଦୈନିକ ସଂକ୍ରମଣରେ ଦ୍ୱିତୀୟ ସ୍ଥାନରେ ରହିଛି। ଆମେରିକାରେ ୨୪ ଘଣ୍ଟାରେ ୭୭,୭୧୮ ସଂକ୍ରମିତ ହୋଇଥିବା ରେକର୍ଡ କରାଯାଇଛି। ତେବେ ମୋଟ ସଂକ୍ରମଣରେ ଆମେରିକା, ବ୍ରାଜିଲ୍ ପରେ ଭାରତ ତୃତୀୟ ସ୍ଥାନରେ ରହିଛି। ଆମେରିକାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୫,୩୮,୪୨୭ରେ ପହଞ୍ଚିଛି।

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ୪୬୯ ଜୀବନ ନେଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁସଂଖ୍ୟା ୧,୬୩,୩୯୬ରେ ପହଞ୍ଚିଛି। ଭାରତରେ କ୍ରମାଗତ ୨୩ ଦିନ ହେଲା ସଂକ୍ରମଣ ବଢ଼ିଚାଲିଛି। ଏବେ ସକ୍ରିୟ ମାମଲା ସଂଖ୍ୟା ୬,୧୪,୬୯୬ରେ ପହଞ୍ଚିଛି, ଯାହା ମୋଟ





ସଂକ୍ରମଣର ୫ ପ୍ରତିଶତ। ଆରୋଗ୍ୟ ହାର ୯୩.୬୭ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ଅକ୍ଟୋବର ୨ରେ ଦୈନିକ ସଂକ୍ରମଣ ଥିଲା ୮୧,୪୮୪। ମହାରାଷ୍ଟ୍ରରେ ଦିନକରେ ୪୭,୮୨୭ ନୂଆ ମାମଲା ସାମନାକୁ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଦିଲ୍ଲୀରେ ଶୁକ୍ରବାର ୩,୫୯୪ ସଂକ୍ରମିତ ହେବା ସହ ୧୪ ଜଣଙ୍କ ଜୀବନ ଯାଇଛି। ଡିସେମ୍ବର ୪ ପରେ ଦିଲ୍ଲୀରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ।

ଗତବର୍ଷ ଅଗଷ୍ଟ ୭ରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୦ ଲକ୍ଷ ଟପିଥିବାବେଳେ ୨୩ରେ ୩୦ ଲକ୍ଷ, ସେପ୍ଟେମ୍ବର ୫ରେ ୪୦ ଲକ୍ଷ, ସେପ୍ଟେମ୍ବର ୨୮ରେ ୬୦ ଲକ୍ଷ ଟପିଥିଲା। ଡିସେମ୍ବର ୧୯ରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ କୋଟି ଅତିକ୍ରମ କରିଥିଲା। କରୋନାରେ ବର୍ତ୍ତମାନ ସୁଦ୍ଧା ମୋଟ ୧,୬୩,୩୯୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୫୪,୮୯୮ ଜଣଙ୍କ ଜୀବନ ଯାଇଛି। ଏହା ପଛକୁ ତାମିଲନାଡୁ (୧୨,୭୩୮), କର୍ନାଟକ (୧୨,୫୮୫), ଦିଲ୍ଲୀ(୧୧,୦୩୬), ପଶ୍ଚିମବଙ୍ଗ ୧୦,୩୩୧) ରହିଛି। ଉତ୍ତରପ୍ରଦେଶରେ କରୋନାରେ ୮,୮୨୦ ଜଣ ପ୍ରାଣ ହରାଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୭,୨୨୦ ଏବଂ ପଞ୍ଜାବରେ ୬,୯୨୬ ଜଣଙ୍କ ମୃତ୍ୟୁ ଘଟିଛି।

ସବୁଠୁ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରରେ ଗୁରୁବାର ୪୩,୧୮୩ ନୂଆ ମାମଲା ଚିହ୍ନଟ ହୋଇଥିଲା। ଏହା ପଛକୁ ଛତିଶଗଡ଼ (୪,୬୧୭) ଏବଂ କର୍ନାଟକ (୪,୨୩୪) ରହିଛି। ନୂଆ ମାମଲାର ୮୪.୬୧ ପ୍ରତିଶତ ମହାରାଷ୍ଟ୍ର, ଛତିଶଗଡ଼, କର୍ନାଟକ, ପଞ୍ଜାବ, କେରଳ, ତାମିଲନାଡୁ, ଗୁଜରାଟ ଏବଂ ମଧ୍ୟପ୍ରଦେଶରୁ ରେକର୍ଡ କରାଯାଇଛି।

## ସର୍ବାଧିକ ୩୬.୭ ଲକ୍ଷଙ୍କୁ ଟିକା

**ନୂଆଦିଲ୍ଲୀ, ୨।୪**

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୩୬.୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଛି, ଯାହା କି ଗୋଟିଏ ଦିନରେ ସର୍ବାଧିକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୋଟ ୩୬,୭୧,୨୪୨ ଜଣଙ୍କ ମଧ୍ୟରୁ ୩୩,୬୫,୫୯୭ ଜଣ ପ୍ରଥମ ଡୋଜ୍ ଏବଂ ୩,୦୫,୬୪୫ ଜଣ ଦ୍ୱିତୀୟ ଡୋଜ୍ ନେଇଥିଲେ। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬.୮୭ କୋଟି ଡୋଜ୍ ଦିଆଗଲାଣି। ଗୁରୁବାରଠାରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଲୋକଙ୍କୁ କୋଭିଡ୍ ଟିକାଦାନ ଆରମ୍ଭ ହୋଇଛି।

## ୩୩% ଆକ୍ରାନ୍ତ ୪ ମାସ ଭିତରେ ହସ୍ପିଟାଲରେ ପୁଣି ଭର୍ତ୍ତି ହୋଇଛନ୍ତି

ବିଶ୍ୱର ପ୍ରାୟ ୩୩% କୋଭିଡ୍-୧୯ ସଂକ୍ରମିତ ହସ୍ପିଟାଲ ଛାଡ଼ିବାର ୪ ମାସ ମଧ୍ୟରେ ଅତିରିକ୍ତ ଚିକିତ୍ସା ପାଇଁ ପୁଣି ଭର୍ତ୍ତି ହୋଇଛନ୍ତି। ଏହି ଅବଧି ଭିତରେ ପ୍ରତି ୮ ରୋଗୀଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଥିବା ଡାକ୍ତରମାନେ କହିଛନ୍ତି। ୟୁନିଭର୍ସିଟି କଲେଜ ଲଣ୍ଡନ, ୟୁନିଭର୍ସିଟି ଅଫ୍ ଲେଇସେଷ୍ଟର ଏବଂ ଅଫିସ୍ ଫର୍ ନ୍ୟାଶନାଲ ଷ୍ଟାଟିଷ୍ଟିକ୍ସ ୨୦୨୦ ଅଗଷ୍ଟ ୩୧ ସୁଦ୍ଧା ଚିକିତ୍ସିତ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ୪୮,୦୦୦ ସଂକ୍ରମିତଙ୍କ ମେଡିକାଲ ହିଷ୍ଟ୍ରି ଯାଞ୍ଚ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏକତୃତୀୟାଂଶ କୋଭିଡ୍-୧୯ ରୋଗୀ ହସ୍ପିଟାଲ ଛାଡ଼ିବାର ୧୪୦ ଦିନ ମଧ୍ୟରେ ପୁଣି ଥରେ ଭର୍ତ୍ତି ହୋଇଥିଲେ ଏବଂ ପ୍ରତି ୮ ଜଣରେ ଜଣେ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ କିଡ୍‌ନୀଜନିତ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଏହା ଏକ ଉଦ୍‌ବେଗଜନକ ବିଷୟ, ଯାହାକୁ ଗମ୍ଭୀରତାର ସହ ନିଆଯିବା ଆବଶ୍ୟକ ବୋଲି ୟୁନିଭର୍ସିଟି କଲେଜ ଲଣ୍ଡନର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଇନ୍‌ଫର୍ମେଟିକ୍ସର ଡାକ୍ତର ଅମିତାଭ ବାନାର୍ଜୀ କହିଛନ୍ତି।

## ୟୁଡିଏଫ୍-ଏଲ୍‌ଡିଏଫ୍ ଯାଆଁଳା: ମୋଦି



**ଥିରୁଭାନନ୍ତପୁରମ୍/ କନ୍ୟାକୁମାରୀ, ୨।୪**

କେରଳର ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଟାର୍ଗେଟ କରିଛନ୍ତି। ଏହି ଦୁଇ ମେଣ୍ଟ କୁଶାସନ, ଦୁର୍ନୀତି, ବଂଶବାଦ, ସାମ୍ପ୍ରଦାୟିକତା ଓ ରାଜନୈତିକ ହିଂସାର ଯମଜ ସନ୍ତାନ ବୋଲି ମୋଦି ସମାଲୋଚନା କରିଛନ୍ତି। କଂଗ୍ରେସ ଓ ବାମପନ୍ଥୀଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବାରେ ଲାଗିଛି। କାରଣ ସେମାନେ ଯାଆଁଳା। ଏଲ୍‌ଡିଏଫ୍‌କୁ ହରାଇବା ପାଇଁ ୟୁଡିଏଫ୍‌ର ସାମର୍ଥ୍ୟ ନାହିଁ। କେରଳରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସପକ୍ଷରେ ଜନମତ ବଢୁଥିବା ମୋଦି ଦର୍ଶାଇଛନ୍ତି। ଏହା ପୂର୍ବରୁ ମୋଦି ତାମିଲନାଡୁର ମଦୁରାଇ ଓ କନ୍ୟାକୁମାରୀରେ ଦ୍ରାବିଡ ମୁନେତ୍ରା କାଜାଗାମ (ଡିଏମ୍‌କେ) ମୁଖ୍ୟ ଏମ୍.କେ ଷ୍ଟାଲିନ ଓ ତାଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କ ଉପରେ ପାରିବାରିକ ରାଜନୀତି ଅଭିଯୋଗ ଆଣି ବର୍ଷିଥିଲେ। ଏହାସହ ଭାଜପା ଏବଂ ସହଯୋଗୀ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ (ଏଆଇଏଡିଏମ୍‌କେ) ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ।

## ମୁଁ ମୋଦି ଦଳର ସଦସ୍ୟ ନୁହେଁ

**କୋଲକାତା, ୨।୪**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନନ୍ଦିଗ୍ରାମରୁ ହାରିଯିବେ। ତେଣୁ ସେ ଅନ୍ୟ ଆସନରୁ ପ୍ରାର୍ଥିପତ୍ର ଦାଖଲ ପାଇଁ ଚିନ୍ତା କରୁଛନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ଏକ ରାଲିରେ ତାଚ୍ଛଲ୍ୟ କରିଥିଲେ। ଶୁକ୍ରବାର ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ଜବାବ ଦେଇଛନ୍ତି। କୁଚ୍‌ବିହାର ଜିଲା ଦିନହାଟରେ



ମମତା ବାନାର୍ଜୀ

କହିଛନ୍ତି, ମୁଁ ନନ୍ଦିଗ୍ରାମରୁ ଜିତୁଛି। ବିକଳ୍ପ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆପଣଙ୍କ ପରାମର୍ଶ ଲୋଡ଼ାନାହିଁ। କାରଣ ମୁଁ ଆପଣଙ୍କ ଦଳର ସଦସ୍ୟ ନୁହେଁ। ପ୍ରଧାନମନ୍ତ୍ରୀ ପ୍ରଥମେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଲଗାମ ଲଗାନ୍ତୁ ତା' ପରେ ଆମ କଥା ଚିନ୍ତା କରିବେ। ଶାହା କହିଛନ୍ତି, ମମତା ନିର୍ବାଚନୀ ଯୁଦ୍ଧ ହାରିଗଲେଣି। ରାଜ୍ୟରେ ଭାଜପା କ୍ଷମତାସୀନ ହେଲେ ପ୍ରଥମ ବୈଠକରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ ପାଇଁ ନିଷ୍ପତ୍ତି ନିଆଯିବ।

## ତାଇୱାନ୍‌ରେ ଟ୍ରେନ୍ ଲାଇନଚ୍ୟୁତ: ୪୮ ମୃତ

**ତାଇପେଇ, ୨।୪(ଆଇଏଏନ୍ଏସ୍):** ତାଇୱାନ୍‌ର ହୁଆଲିଏନ୍‌ରେ ଶୁକ୍ରବାର ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ୪୮ ଜଣଙ୍କ ମୃତ୍ୟୁ ଘଟିଛି। ଟ୍ରେନ୍ ଲାଇନଚ୍ୟୁତ ହେବାରୁ ଏଭଳି ଭୟାବହ ଦୁର୍ଘଟଣା ଘଟିଛି। ଉକ୍ତ ଲାଇନକୁ ମରାମତି କରିବାକୁ ୭ ଦିନ ଲାଗିଯିବ ବୋଲି ରେଳ କର୍ତ୍ତୃପକ୍ଷ କହିଛନ୍ତି। ୪୦୮ ନମ୍ବର ଟରୋକୋ ଟ୍ରେନ୍ ନ୍ୟୁ ତାଇପେଇର ଶୁଲିନ୍‌ରୁ ତାଇତୁଙ୍ଗ୍ ଯାଉଥିବାବେଳେ ଡାକିଙ୍ଗ୍‌ଶୁଇ ଟନେଲ୍ ନିକଟରେ ଲାଇନଚ୍ୟୁତ ହୋଇଥିଲା। ସେଥିରେ ୩୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯାନଟି



ଗଡ଼ିଆସି ଟ୍ରେନ୍ ସହ ମାଡ଼ ହେବାରୁ ଏହା ଲାଇନଚ୍ୟୁତ ହୋଇଥିଲା। ୫ଟି ବଗି ଟନେଲ ଭିତରେ ଫସି ରହିଯାଇଛି।

**ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କ କ୍ଷମତା ଅପହରଣ କରି ନୋବେଲ ବିଜୟିନୀ ନେତ୍ରୀ ଅଙ୍ଗ୍ ସାନ୍ ସ୍ୟୁ ଚୀଙ୍କୁ ଜେଲ୍‌ରେ ପୂରାଇବାର ୨ ମାସ ମଧ୍ୟରେ ୫୩୬ ଜଣଙ୍କ ଜୀବନ ନେଲାଣି ମ୍ୟାନ୍‌ମାର ସେନା। ମୃତକଙ୍କ ମଧ୍ୟରେ ଅନ୍ୟୁନ ୪୩ ଶିଶୁ ରହିଛନ୍ତି। ସର୍ବକନିଷ୍ଠ ମୃତକଙ୍କ ବୟସ ୬ ବର୍ଷ ବୋଲି 'ସେଭ୍ ଦି ଚିଲ୍‌ଡ୍ରେନ୍' ପକ୍ଷରୁ କୁହାଯାଇଛି। ଉକ୍ତ ଶିଶୁ ଅଧିକାର ସଂଗଠନ ମତରେ ଦକ୍ଷିଣ ଏସିଆର ଏହି ରାଷ୍ଟ୍ର ବର୍ତ୍ତମାନ ଭୟାବହ ସ୍ଥିତି ଦେଇ ଗତି କରୁଛି।**

**ମ୍ୟାନ୍‌ମାରରେ ସାମରିକ ବଳର ବର୍ବରତା**



# ୪୩ ଶିଶୁଙ୍କ ଜୀବନ ନେଲାଣି ସେନା

**ନାପିତାଉ, ୨।୪**

ଦୁଇମାସ ତଳେ ସ୍ୟୁ ଚୀଙ୍କ ଦଳ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି)କୁ ନିର୍ବାଚନରେ ବିପୁଳ ସଫଳତା ମିଳିଥିଲା। ଫେବୃୟାରୀ ୧ରେ ମ୍ୟାନ୍‌ମାର ସେନା କମାଣ୍ଡର-ଇନ୍-ଚିଫ୍ ମିନ୍ ଅଙ୍ଗ୍ ହାଇଙ୍ଗ୍ ସ୍ୟୁ ଚୀଙ୍କୁ କ୍ଷମତାଚ୍ୟୁତ କରି ଶାସନ ନିଜ ହାତକୁ ନେଇଥିଲେ। ମ୍ୟାନ୍‌ମାରକୁ ପୁଣିଥରେ ସାମରିକ ଶାସନ ଫେରିଥିଲା। ଏହାର ପ୍ରତିବାଦରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ସେନା ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି। ପ୍ରଥମେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ସୈନ୍ୟମାନେ ୱାଟର କ୍ୟାନନରୁ ପାଣିବର୍ଷା ସହ ଲୁହବୁହା ବାଷ୍ପ ପ୍ରୟୋଗ କରୁଥିଲେ। ସପ୍ତାହେ ପରେ ରବର ବୁଲେଟ ଓ ଗୁଳିଗୋଳା ଚଳାଇ ଲୋକଙ୍କ ଜୀବନ ନେବାରେ ଲାଗିଲେ। ସେନାର ସବୁଠୁ ଘାତକ ଆକ୍ରମଣ ଦେଖିବାକୁ ମିଳିଥିଲା ଶନିବାର। ଗୁଳି ବର୍ଷଣରେ ନିହତ ହୋଇଥିଲେ ଶତାଧିକ ବିକ୍ଷୋଭକାରୀ। ଇତିମଧ୍ୟରେ କ୍ଷମତାଚ୍ୟୁତ ନେତ୍ରୀ ସ୍ୟୁ



ମ୍ୟାନ୍‌ମାର ସେନାର ବର୍ବରତା ବିରୋଧରେ ବିକ୍ଷୋଭକାରୀଙ୍କ ନୀରବ ପ୍ରତିବାଦ।

ଚୀଙ୍କ ବିରୋଧରେ ଦେଶର ଅଫିସିଆଲ ସିକ୍ରେଟ୍ସ ଆକ୍ଟ ଲାଗୁ କରାଯାଇଛି। ତାଙ୍କ ସହ ୪ ସହଯୋଗୀଙ୍କ ବିରୋଧରେ ଆଗତ ଗୋପନୀୟତା ଉଲ୍ଲଂଘନ ଅଭିଯୋଗ ପ୍ରମାଣିତ ହେଲେ ସେମାନଙ୍କୁ ୧୪ ବର୍ଷ ଲେଖାଏ ଜେଲରେ ରହିବାକୁ ପଡ଼ିପାରେ। ଏହା ପୂର୍ବରୁ ସେନା ସ୍ୟୁ ଚୀଙ୍କ ବିରୋଧରେ ବେଆଇନ ଭାବେ ୱାକି-ଟକି ରଖିବା, ନିର୍ବାଚନ ସମୟରେ କୋଭିଡ୍-୧୯ କଟକଣା ଉଲ୍ଲଂଘନ ଏବଂ ଭୟ ସୃଷ୍ଟିକାରୀ ତଥ୍ୟ ପ୍ରକାଶ କରିବା ଭଳି ଅଭିଯୋଗ ଆଣିସାରିଛି। ଦେଶରେ ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭ ତେଜିବାରେ ଲାଗିଥିବାରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ରକ୍ତପାତ ହୋଇପାରେ ବୋଲି ମ୍ୟାନ୍‌ମାରରେ ଜାତିସଂଘ ପ୍ରତିନିଧି ଆଶଙ୍କା ବ୍ୟକ୍ତ କରିଛନ୍ତି। ସୀମାରେ ସେନା ଓ ସଂଖ୍ୟାଲଘୁ ମିଲିସିଆଙ୍କ ମଧ୍ୟରେ ଚାଲିଥିବା ଲଢ଼େଇକୁ ଦୃଷ୍ଟିରେ ରଖି ଏପରି ଚେତାବନୀ ଦିଆଯାଇଛି। ଜାତିସଂଘ ସମେତ ଅନେକ ସଙ୍ଗଠନ ନିଜ କର୍ମଚାରୀଙ୍କ ପରିବାରକୁ ମ୍ୟାନ୍‌ମାର ଛାଡ଼ି ଚାଲିଯିବା ପାଇଁ ପରାମର୍ଶ ଦେଇଛନ୍ତି।

### ୬ ବର୍ଷୀୟାଙ୍କୁ ବି ଛାଡ଼ିଲେନି

ସଶସ୍ତ୍ର ବଳ ବୁଧବାର ବିକ୍ଷୋଭକାରୀଙ୍କୁ କରିଥିବା ଆକ୍ରମଣରେ ୬ ବର୍ଷର ଝିଅ ଖିନ୍ ମ୍ୟୋ ଚିଟ୍ ପ୍ରାଣ ହରାଇଥିଲେ। ମଣ୍ଡଲେୟ ସହରସ୍ଥିତ ଘରେ ପୋଲିସ ଚଢ଼ାଉ ବେଳେ ଖିନ୍ ତାଙ୍କ ବାପାଙ୍କ ଆଡ଼କୁ ଧାଉଁଥିବାବେଳେ ଗୁଳିମାଡ଼ ହୋଇଥିଲା। ଏଥିରେ ସେ ଟଳିପଡ଼ିଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ସେମାନେ କବାଟକୁ ଗୋଇଠା ମାରିଥିଲେ। କବାଟ ଖୋଲିବା ପରେ ତୁମ ଘରେ ଆଉ କିଏ ଅଛନ୍ତି ବୋଲି ବାପାଙ୍କୁ ପଚାରିଥିଲେ। କେହି ନାହାନ୍ତି ବୋଲି ବାପା ଉତ୍ତର ଦେବାରୁ ସେମାନେ କହିଥିଲେ, ତୁମେ ମିଛ କହୁଛ। ତା' ପରେ ସେମାନେ ଘର ଯାଞ୍ଚ କରିଥିଲେ। ଏହି ସମୟରେ ଖିନ୍ ବାପାଙ୍କ ପାଖକୁ ଦୌଡ଼ିଯିବାରୁ ସେମାନେ ତାକୁ ଗୁଳି କରିଥିଲେ ବୋଲି ମୃତ ଝିଅଙ୍କ ବଡ଼ ଭଉଣୀ ମେ ଥୁ ସୁମୟା କହିଛନ୍ତି।





### ନିନ୍ଦାକଲା ଭାରତ

ମ୍ୟାନ୍‌ମାର ସେନା ସମସ୍ତ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରୁ। ଏସିଆନ୍ ରାଷ୍ଟ୍ରଗୁଡ଼ିକର ଉଦ୍ୟମରେ ସ୍ଥିତି ସ୍ୱାଭାବିକ ହେଉ। ଏହି ପ୍ରସଙ୍ଗରେ ନୂଆଦିଲ୍ଲୀ ଏକ ସନ୍ତୁଳିତ ଓ ଗଠନମୂଳକ ଭୂମିକା ନେବା ପାଇଁ ନିଜ ଅନ୍ତର୍ଜାତୀୟ ମଧ୍ୟସ୍ଥ ଏବଂ ଜାତିସଂଘ ସୁରକ୍ଷା ପରିଷଦ ସହ ଯୋଗସୂତ୍ରରେ ରହିଛି। ପଡ଼ୋଶୀ ଦେଶରେ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ହେଉ।

- ଅରିନ୍ଦମ ବାଗ୍‌ଚୀ, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

# ଓଡ଼ିଶାରେ ଉପରାଷ୍ଟ୍ରପତି

## ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଉପରାଷ୍ଟ୍ରପତି ରାଜଭବନକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ପରେ ସେ କଟକସ୍ଥିତ ସାରଳା ଭବନଠାରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଏବଂ ୪୦ତମ ସାରଳା ସାହିତ୍ୟ ସଂସଦରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେଠାରୁ ଫେରି ଉପରାଷ୍ଟ୍ରପତି ରାଜଭବନରେ ରାତ୍ରିଯାପନ କରିଛନ୍ତି। ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୫ଟାରେ ସେ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ସମାରୋହରେ ଉପରାଷ୍ଟ୍ରପତି ଦୀକ୍ଷାନ୍ତ ଭାଷଣ ଦେବେ। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏଥିରେ ଅଧ୍ୟକ୍ଷତା କରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି, ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦେଶର ୫ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏଥିସହ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ମୋଟ୍ ୪୧ଜଣଙ୍କୁ ପିଏଚ୍.ଡି. ଓ ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟ ନୂଆ ସମାବର୍ତ୍ତନ ପ୍ରେକ୍ଷାଳୟ 'ଦୀକ୍ଷାନ୍ତ ଭବନ'ରେ ସରକାରଙ୍କ ପକ୍ଷରୁ ଜାରି କୋଭିଡ୍ ନିୟମାବଳୀକୁ ପାଳନ କରାଯାଇ ଏହି ସମାରୋହ ଅନୁଷ୍ଠିତ ହେବ। କୋଭିଡ୍ ରିପୋର୍ଟ ନେଗେଟିଭ୍ ଥିଲେ ଉତ୍ସବରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିବ ବୋଲି ସେ କହିଛନ୍ତି।

# ଦଶମ ଶ୍ରେଣୀ ଫାଇନାଲ ପ୍ରାକ୍ଟିସ୍ ଟେଷ୍ଟ କାର୍ଯ୍ୟସୂଚୀ ପ୍ରକାଶିତ

**କଟକ ଅଫିସ,୨।୪**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫାଇନାଲ ପ୍ରାକ୍ଟିସ ଟେଷ୍ଟର କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ ପାଇଛି। ଆସନ୍ତା ୧୫ରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ ଭାଷା ଓଡ଼ିଆ ଓ ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ସେହିପରି ୧୬ରେ ପ୍ରଥମ ପର୍ଯ୍ୟାୟରେ ଇଂଲିଶ ପରୀକ୍ଷା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ବିଜ୍ଞାନ ପରୀକ୍ଷା ହେବ। ୧୭ରେ ପ୍ରଥମ ପର୍ଯ୍ୟାୟରେ ଗଣିତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ତୃତୀୟ ଭାଷା ହିନ୍ଦୀ କିମ୍ବା ସଂସ୍କୃତ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷା ପୂର୍ବଦିନ ପ୍ରଶ୍ନପତ୍ର ପ୍ରକାଶ ପାଇବ। ୱେବ୍‌ସାଇଟ୍‌ରୁ ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରି ଜିଲା ଶିକ୍ଷା ଅଧିକାରୀମାନେ ନିଜ ଅଧୀନରେ ଥିବା ବିଦ୍ୟାଳୟଗୁଡିକରେ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ଦିନ ସନ୍ଧ୍ୟାରେ ଉତ୍ତର ୱେବ୍‌ସାଇଟ୍‌ରେ ଅପଲୋଡ କରାଯାଇ ମୂଲ୍ୟାୟନ କରାଯିବ।




# ଗଞ୍ଜାମକୁ ୬ ଜାତୀୟ ପଞ୍ଚାୟତ ଆୱାର୍ଡ

**ଛତ୍ରପୁର,୨।୪(ଡି.ଏନ.ଏ)**

ଭାରତ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲାକୁ ୬ଟି ଜାତୀୟ ପଞ୍ଚାୟତ ଆୱାର୍ଡ ମିଳିଛି। ଜିଲାର ହିଞ୍ଜିଳିକାଟୁ, ଶେରଗଡ଼ ବ୍ଲକ ଓ ବଡଖଣ୍ଡି, ରାମଚନ୍ଦ୍ରପୁର, ଆଡ଼ପଡ଼ା ଏବଂ ବଡବୋରସିଙ୍ଗି ପଞ୍ଚାୟ ଏହି ମର୍ଯ୍ୟାଦାସମ୍ପନ୍ନ ଆୱାର୍ଡ ପାଇଛି। ଆୱାର୍ଡ ପାଇଥିବା ବ୍ଲକ ଓ ପଞ୍ଚାୟତଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଟୁଇଟ କରି ଶୁଭେଚ୍ଛା ଜଣାଇଛନ୍ତି। ଓଡିଶାରେ ପଞ୍ଚାୟତିରାଜ ସଂସ୍ଥାକୁ କ୍ଷମତାଶୀଳ କରାଯାଇଥିବା ଏହି ସଫଳତା ପ୍ରତିପାଦିତ କରିଛି ବୋଲି ଦର୍ଶାଇଛନ୍ତି। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ଓ ଭଲ କାର୍ଯ୍ୟ ପାଇଁ ହିଞ୍ଜିଳି, ଶେରଗଡ ବ୍ଲକ ଏବଂ ବଡ଼ଖଣ୍ଡି ଓ ରାମଚନ୍ଦ୍ରପୁର ପଞ୍ଚାୟତକୁ ଭାରତ ସରକାରଙ୍କ ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ




ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍ ।

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ମିଳିଛି। ସେହିପରି ନିଜ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଡ଼ପଡ଼ା ପଞ୍ଚାୟତକୁ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର-୨୦୨୧ ପ୍ରଦାନ କରାଯାଇଛି। ଏଥିସହ ପୋଷ୍ୟ ଶିଶୁ କାର୍ଯ୍ୟ ପାଇଁ ବଡ଼ବୋରସିଂ ପଞ୍ଚାୟତକୁ ଭାରତ ସରକାର ଚାଇଲ୍ଡ ଫ୍ରେଣ୍ଡଲି ଗ୍ରାମପଞ୍ଚାୟତ ଆୱାର୍ଡ ପ୍ରଦାନ କରିଛନ୍ତି। ସଫଳତା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରେୟ ଭାଉସାହେବ ମଧ୍ୟ ଉକ୍ତ ବ୍ଲକ ଓ ପଞ୍ଚାୟତ ଟିମ୍‌କୁ ପ୍ରଶଂସା କରିଛନ୍ତି।

# ଭାଜପା-ବିଜେଡି କର୍ମୀ ମୁହାଁମୁହିଁ



ପିପିଲି ଥାନା ଆଗରେ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି।

**ପିପିଲି, ୨।୪(ଡି.ଏନ୍.ଏ/ସ୍ୱ.ପ୍ର.)**

## ପିପିଲିରେ ପ୍ରାକ୍ ନିର୍ବାଚନୀ ହିଂସା

- ଭାଜପା କର୍ମୀଙ୍କୁ ଆକ୍ରମଣ, ବାଇକ୍ ଭଙ୍ଗାରୁଜା
- ଭାଜପା କର୍ମୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ମହିଳା
- କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା, ଥାନା ଘେରାଉ

ଆସନ୍ତା ୧୭ତାରିଖରେ ହେବାକୁ ଥିବା ପିପିଲି ଉପନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଚାଲିଥିବାବେଳେ ଶୁକ୍ରବାର ରାଇଗୁରପୁର ଗ୍ରାମରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଛି। ଜଣେ ଭାଜପା କର୍ମୀଙ୍କୁ ବିଜେଡି ସମର୍ଥକ ଆକ୍ରମଣ କରିବା ସହ ତାଙ୍କୁ ହତ୍ୟା ଧମକ ଦେଇଥିବା ଓ ବାଇକ୍ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଭାଜପା ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ ଅଣାଯାଇ ସମ୍ପୃକ୍ତ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଧାରଣା ଦିଆଯିବା ସହ ପିପିଲି ଥାନା ଘେରାଉ କରାଯାଇଛି। ଅନ୍ୟପକ୍ଷରେ ଭାଜପା କର୍ମୀଙ୍କ ବିରୋଧରେ ଜଣେ ମହିଳା ପାଲଟା ଅଭିଯୋଗ ଆଣିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଭାଜପା କର୍ମୀ ମାଡ଼ ମାରିଥିବା ଓ ସେ ନିଖୋଜ ଥିବା ନେଇ ମହିଳା ଜଣକ ପୋଲିସ ନିକଟରେ ଏତଲା ଦେଇଛନ୍ତି। ଉକ୍ତ ମହିଳାଙ୍କ ସମେତ ବହୁସଂଖ୍ୟକ ମହିଳା ଓ ବିଜେଡି କର୍ମୀ ଥାନା ଆଗରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସେଠାରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ଭାଜପାର ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ସହଜପୁର ପଞ୍ଚାୟତରେ ନିଜର ନିର୍ବାଚନ ପ୍ରଚାର ଅଭିଯାନ ଚଳାଇଥିଲେ। ସେ ସମର୍ଥକଙ୍କ ସହ ଯାଉଥିବାବେଳେ ରାଇଗୁରପୁର ଗ୍ରାମରେ କୌଣସି କାରଣକୁ ନେଇ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସୁହାଗପୁର ଗ୍ରାମର ଭାଜପା କର୍ମୀ ଚିତ୍ତରଞ୍ଜନ ନାୟକଙ୍କୁ ସୁବୁଦ୍ଧିପଡ଼ା ଗ୍ରାମର ବିପିନ ବେହେରା ଆକ୍ରମଣ କରିବା ସହ ବିଭିନ୍ନ ଧମକଚମକ ଦେଇଥିବା ଓ ବାଇକ୍ ଭଙ୍ଗାରୁଜା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା, ଓମ୍‌ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ସମର୍ଥକମାନେ ରାଇଗୁରପୁରଠାରେ ପ୍ରାୟ ୪ଘଣ୍ଟା ଧାରଣାରେ ବସିଥିଲେ। ପରେ ସେମାନେ ସେଠାରୁ ଆସି ଅପରାହ୍ନ ସାଢେ ୪ଟାରେ ପିପିଲି ଥାନା ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ବିଧାୟକ ରବି ମଲ୍ଲିକ, ମନସ୍ୱିତା ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ। ତେବେ ଏହି ସମୟରେ ବିପିନଙ୍କ ସ୍ତ୍ରୀ ରଶ୍ମିତା ବେହେରା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀଙ୍କୁ ଭାଜପା କର୍ମୀମାନେ ମାଡ଼ ମାରିଥିବାବେଳେ ସେ ନିଖୋଜ ଅଛନ୍ତି। ଭାଜପା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରଶ୍ମିତାଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ବିଜେଡି କର୍ମୀ ପିପିଲି ଥାନା ପରିସରରେ ଧାରଣା ଦେଇଥିଲେ। ଖବର ପାଇ ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଓ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ ପିପିଲି ଥାନାରେ ପହଞ୍ଚି ନିଜ ଦଳର କର୍ମୀ ଓ ସମର୍ଥକଙ୍କୁ ବୁଝାଶୁଝା କରି ସେଠାରୁ ନେଇଯାଇଥିଲେ। ତେବେ ଭାଜପା କର୍ମୀ ଓ ସମର୍ଥକମାନେ ଆନ୍ଦୋଳନ ଜାରି ରଖିଥିଲେ। ପିପିଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଏସ୍‌ଡିପିଓ ଦେବଦତ୍ତ ବରାଳ ଏବଂ ପୁରୀ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ସେଠାରେ ପହଞ୍ଚି ଧାରଣାରତ ଭାଜପା କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଭାଜପାର ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ସୁରକ୍ଷା ଯୋଗାଇ ଦିଆଯାଉ: ପୃଥ୍ୱୀରାଜ

ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଭୟମୁକ୍ତ ଶାସନ ହେବା ସହ ସମସ୍ତଙ୍କୁ ସମାନ ଅଧିକାର ଦିଆଯାଉ। ଘରେ ପଶିଲା ବେଳକୁ ଚାଳ ବାଜିଲା ପରି ନିର୍ବାଚନ ଆରମ୍ଭ ହେଉ ହେଉ ଭାଜପା କର୍ମୀଙ୍କୁ ଆକ୍ରମଣ କରାଯିବା ସହ ହିଂସାର ବାତାବରଣ ସୃଷ୍ଟି କରାଯାଉଛି। ତେଣୁ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୨୪ଘଣ୍ଟା ଭିତରେ ଗିରଫ କରାଯିବା ସହ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ହିଂସାକାଣ୍ଡ ହୋଇଥିବା ଗ୍ରାମରେ ନିର୍ବାଚନ ସରିବା ପର୍ଯ୍ୟନ୍ତ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ଭୋଟରଙ୍କୁ ପୋଲିସ ଆବଶ୍ୟକ ସୁରକ୍ଷା ଯୋଗାଇବାକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଦାବି କରିଛନ୍ତି। ଏଥିରେ ଯଦି ପୋଲିସ ଅବହେଳା କରେ ତେବେ ପୁଣି ଥାନା ଘେରାଉ କରାଯିବ ବୋଲି ହରିଚନ୍ଦନ କହିଛନ୍ତି।

### ଭାଜପାକୁ ପରାଜୟ ଭୟ ଘାରିଛି: ଅନନ୍ତ

ପିପିଲିରେ ବିଜେଡିର ଲୋକପ୍ରିୟତା ଓ ବିଜେଡି ପ୍ରାର୍ଥୀଙ୍କ ବିଶାଳ ରାଲିକୁ ଦେଖିବା ପରେ ଭାଜପାକୁ ପରାଜୟ ଭୟ ଘାରିଛି। ଫଳରେ ଏକ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଆକ୍ରମଣ ଘଟଣାକୁ ଭାଜପା ଅତିରଞ୍ଜିତ କରି ରାଜନୀତି କରୁଛି। ବିଜେଡି ଉପରେ ଆକ୍ରମଣର ମିଥ୍ୟା ଅଭିଯୋଗ ଲଗାଯାଇଛି। ବିଜେଡି ସଦାବେଳେ ଶାନ୍ତି ଓ ଅହିଂସାକୁ ଭଲ ପାଏ। ତେଣୁ ଉକ୍ତ ଘଟଣାରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି।

### ଘଟଣାକୁ ନିନ୍ଦା କରୁଛି: ନିଶିକାନ୍ତ

କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କହିଛନ୍ତି, ଆମ ଦଳ ହିଂସାରେ ବିଶ୍ୱାସ କରେନାହିଁ। ତେଣୁ ଏହି ଘଟଣାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ପିପିଲିବାସୀ ସର୍ବଦା ଶାନ୍ତି ଚାହାନ୍ତି।



ଧରିତ୍ରୀ
DHARITRI
ଶନିବାର, ୩ ଏପ୍ରିଲ, ୨୦୨୧

**ଆଜିର ମନ୍ତବ୍ୟ**

ଏବେ ଯଦି ନିର୍ବାଚନ କମିଶନ ଜାଗ୍ରତ ନ ହୋଇ ନୀରବ ରହନ୍ତି, ତେବେ ଗଣତନ୍ତ୍ର ପାଇଁ ମରଣାନ୍ତକ ହେବ।
**-ରଣଦୀପ୍ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ପରପଞ୍ଚ ଶାଶୁ ଶ୍ୱଶୁର,
କଖାରୁ ବଡିଟି ଦେଖା ସୁନ୍ଦର।**

ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। କିଛି ବ୍ୟକ୍ତି କଖାରୁ ବଡି ଭଳି ଉପରକୁ ଚିକ୍କଣିଆ ଦେଖାଯାଇଥାନ୍ତି କିନ୍ତୁ ତାଙ୍କ ଭିତରର ପ୍ରକୃତି ବା ଗୁଣ କଥା କହିଲେ ନ ସରେ। ଶାଶୁ ଶ୍ୱଶୁରଙ୍କ କୁଟ କପଟତା ଆଗରେ ବୋହୂ ବିବଶ ହୋଇପଡିବା ଅର୍ଥରେ ଏଭଳି କ୍ଷୋଭୋକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟି ଛୁରି ତଣ୍ଟି କାଟେ
ଅଣ୍ଟି ଛୁରି କମର କାଟେ।**

ବ୍ୟକ୍ତି ନିଜର ବ୍ୟବହାର ପାଇଁ ଛୁରିଟିକୁ ନିଜ ଅଣ୍ଟି ବା କମର ପାଖରେ ରଖିଥାଏ। ଏହାଦ୍ୱାରା ସେ ନିଜକୁ ଅନେକ ବିପତ୍ତିରୁ ରକ୍ଷା କରିପାରିଥାଏ। ତେବେ ବେଳେବେଳେ ସେହି ଛୁରିଟି ତା'ର ଅନେକ କ୍ଷତିସାଧନ କରୁଥିବା ଭଳି ଅତି ଆତ୍ମୀୟ ଲୋକ ନିଜର ଅନେକ ଅପକାର ବା କ୍ଷତି କରିଥାନ୍ତି। ଆତ୍ମୀୟ ବ୍ୟକ୍ତିର ବିଶ୍ୱାସଘାତକତା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଆଭ୍ୟନ୍ତରୀଣ ଜିଲାରେ ତାତି, ଉପକୂଳରେ ଆଶ୍ୱସ୍ତି

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

**ଗ୍ରୀଷ୍ମ ପ୍ରବାହ**
- ୪୦ ଡିଗ୍ରୀ ଉପରେ ୯ ସହର ପାରଦ
- ୩ ଦିନ ଯାଏ ଝଡ଼ବର୍ଷା ସମ୍ଭାବନା



ଗତ କିଛିଦିନ ଧରି ଲାଗି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ଦାଉରୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକୁ ତ୍ରାହି ମିଳିଛି। ଘୂର୍ଣ୍ଣିଝଡ଼ ଯୋଗୁ ପାରଦ ତଳକୁ ଖସିଛି। ମାତ୍ର ଗୁଳୁଗୁଳି ଆରମ୍ଭ ହୋଇଛି। ତେବେ ଆସନ୍ତା ୩ ଦିନ ଯାଏ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୪ ତାରିଖରେ କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରେ ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପକୂଳରେ ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି କଳବଳ କରୁଛି। ଅଧିକାଂଶ ଜିଲାରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆସନ୍ତା ୧୦ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧, ସମ୍ବଲପୁର ୪୧.୬, ସୁନ୍ଦରଗଡ଼ ୪୧, ହୀରାକୁଦ ୪୦.୫, ତାଳଚେର ୪୧.୫, ଭବାନୀପାଟଣା ୪୦.୫, ଟିଟିଲାଗଡ଼ ୪୧.୨, ବାରିପଦାରେ ସର୍ବାଧିକ ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ପୋଲାଭରମ୍ ପ୍ରକଳ୍ପକୁ ନେଇ ମୋଟୁରେ ତାତି


ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

**ଏମ୍‌ଭି-୭୯, ୨।୪ (ଡି.ଏନ୍.ଏ.)**

ଭିଟାମାଟି ହରାଇବା ଚିନ୍ତାରେ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି ମୋଟୁ ଅଞ୍ଚଳବାସୀ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସେମାନେ ଆନ୍ଧ୍ରରେ ମିଶିବାକୁ ଚେତାବନୀ ଦେଇଛନ୍ତି ପଞ୍ଚାୟତର ପ୍ରଭାବିତ ୮ଟି ଗ୍ରାମର ଲୋକ। ପୋଲାଭରମ ପ୍ରକଳ୍ପ ପୂର୍ବରୁ ଏହି ଅଞ୍ଚଳରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକଳ୍ପ ନିର୍ମାଣ ପରେ ପ୍ରତିବର୍ଷ ଦୁର୍ଦ୍ଦଶାରେ ଶଢୁଛନ୍ତି ମୋଟୁ ଅଞ୍ଚଳବାସୀ। ପୋଲାଭରମ ପ୍ରକଳ୍ପ ଆନ୍ଧ୍ରର ଏକ ବଡ଼ ପ୍ରକଳ୍ପ। ଏଥିରୁ ଏବେ ଆନ୍ଧ୍ର ଖାଉଛି ଲାଭ, ଦୁର୍ଦ୍ଦଶା ଭୋଗୁଛନ୍ତି ମାଲକାନଗିରିବାସୀ। ବନ୍ୟା ମୋଟୁବାସୀଙ୍କୁ କଳବଳ କରୁଛି। ଏ ଦିଗରେ ରାଜ୍ୟ ସରକାର କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବର୍ଷାଦିନେ ଗୋଦାବରୀ ନଦୀ ଜଳସ୍ତର ଯେତିକି ବଢୁଛି ତାହା ବନ୍ୟା ଘଟାଉଛି ମୋଟୁରେ। ଏହି ପ୍ରକଳ୍ପକୁ ବିରୋଧକରି କ୍ଷତିପୂରଣ ଦାବି କରିଛନ୍ତି ଅଞ୍ଚଳବାସୀ। ସରପଞ୍ଚ ମୁନା ସୋଡ଼ି, ପୂର୍ବତନ ପିସିସି ସଭ୍ୟ ଏମ୍‌ଡି ମାସୁମ ଖାନ୍‌ଙ୍କ ସହ ୱାର୍ଡ ସଭ୍ୟାସଭ୍ୟଙ୍କ ସହ ମିଶି ଅଞ୍ଚଳବାସୀ ବାରମ୍ବାର ମୋଟୁ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ, ଜିଲାପାଳ, ତହସିଲଦାର ଏବଂ ଆନ୍ଧ୍ର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଥିଲେ ମଧ୍ୟ ଏଯାଏ କିଛି ସୁଫଳ ମିଳିନାହିଁ। ମାସେ ଭିତରେ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ତୀବ୍ର ଜନ ଆନ୍ଦୋଳନ ହେବା ଚେତାବନୀ ଦେଇଛନ୍ତି। ପୂର୍ବରୁ ଏହି ପ୍ରକଳ୍ପ ହେଲେ ମାଲକାନଗିରି ଜିଲାର ମୋଟୁ ଅଞ୍ଚଳର ୩ଟି ପଞ୍ଚାୟତର ୨୦ରୁ ୨୫ଟି ଗାଁ ଜଳମଗ୍ନ ହେବ ବୋଲି ବିଭିନ୍ନ ସଙ୍ଗଠନ ଦାବିକରି ଆସୁଛନ୍ତି। ଏହାଦ୍ୱାରା ମଧ୍ୟ ୨୦ରୁ ୨୫ ହଜାର ହେକ୍ଟର ଜଙ୍ଗଲ ଓ ଚାଷ ଜମି ଜଳମଗ୍ନ ହେବ ବୋଲି କୁହାଯାଉଥିଲା। ତେବେ ପୋଲାଭରମ ପ୍ରକଳ୍ପ ଦ୍ୱାରା ରାଜ୍ୟର କେତେ କ୍ଷୟକ୍ଷତି ହେବ ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ।

# ୱାଜେ ମାମଲାରେ ନୂଆ ମୋଡ଼

**ନୂଆଦିଲ୍ଲୀ, ୨।୪**

ମୁମ୍ବାଇର ଏକ ପଞ୍ଚତାରକା ହୋଟେଲର ରୁମ୍ ନମ୍ବର ୧୯୬୪ ଗିରଫ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ମାମଲାର ମୋଡ଼ ବଦଳାଇଦେଇଛି। ଜଣେ ବ୍ୟବସାୟୀ ୧୨ ଲକ୍ଷ ଟଙ୍କାରେ ନରିମାନ ପଏଣ୍ଟ ହୋଟେଲ୍‌ର ଉକ୍ତ ରୁମ୍‌କୁ ୱାଜେଙ୍କ ପାଇଁ ୧୦୦ ଦିନ ନିମନ୍ତେ ବୁକ୍ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତରୁ ଜଣାପଡ଼ିଛି। ଉକ୍ତ ବ୍ୟବସାୟୀଙ୍କୁ କେତେକ ବିବାଦରେ ୱାଜେ ସହାୟତା କରିଥିଲେ।

ତଦନ୍ତରୁ ଜଣାପଡ଼ିଛି ୱାଜେ ଉକ୍ତ ରୁମ୍‌ରୁ ତାଙ୍କ କଳା କାରନାମା ଚଳାଇଥିଲେ। ସେ ନିଜକୁ ସୁଶାନ୍ତ ସଦାଶିବ ଖାମକାର ପରିଚୟ ଦେଇ ରହୁଥିଲେ ଓ ଜାଲ୍ ଆଧାର କାର୍ଡ ବ୍ୟବହାର କରୁଥିଲେ। ଫେବୃୟାରୀ ମାସରେ କ୍ରାଇମ୍ ବ୍ରାଞ୍ଚ୍ ଡ୍ୟୁଟି କରୁଥିବା ରିପୋର୍ଟିଂ କରି ୱାଜେ ଉକ୍ତ ରୁମ୍‌ରେ ରହିଥିଲେ। ଫେବୃୟାରୀ ୧୬ରେ ସେ ଇନୋଭା ଯୋଗେ ଉକ୍ତ ହୋଟେଲରେ ପ୍ରବେଶ କରିଥିଲେ ଓ ୨୦ରେ ଲ୍ୟାଣ୍ଡ କ୍ରୁଇଜରରେ ବାହାରିଥିଲେ। ଉଭୟ ଗାଡ଼ିକୁ ଏନ୍‌ଆଇଏ ଜବତ କରିଛି। ଲାଇସେନ୍ସ ଉଲ୍ଲଂଘନ ଅଭିଯୋଗରେ ୱାଜେ ଓ ତାଙ୍କ ଟିମ୍ ମୁମ୍ବାଇର ବିଭିନ୍ନ ପ୍ରତିଷ୍ଠାନ ଉପରେ ରାତି ଅଧିଆ ଚଢ଼ାଉ କରୁଥିଲେ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି। ୱାଜେଙ୍କ ସହ ସମ୍ପର୍କରେ ଥିବା ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ଏନ୍‌ଆଇଏ ଜେରା କରୁଛି। ସେମାନଙ୍କ ମଧ୍ୟରୁ କେତେଜଣ ଗିରଫ ହୋଇପାରନ୍ତି।

# ବିଜେଡି, କଂଗ୍ରେସର ଷ୍ଟାର କ୍ୟାମ୍ପେନର ତାଲିକା

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

**ପିପିଲି ଉପନିର୍ବାଚନ**

ପିପିଲି ଉପନିର୍ବାଚନ ପାଇଁ ବିଜେଡି ଓ କଂଗ୍ରେସ ଶୁକ୍ରବାର ନିଜର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛନ୍ତି। ପୂର୍ବରୁ ଭାଜପା ନିଜର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିସାରିଛି। ବିଜେଡି ଷ୍ଟାର କ୍ୟାମ୍ପେନର ତାଲିକାର ମୁଖ୍ୟ ଆକର୍ଷକ ଭାବେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରହିଛନ୍ତି। ଏହାସହ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ୭ ମନ୍ତ୍ରୀ ତଥା ନିରଞ୍ଜନ ପୂଜାରୀ, ଅଶୋକ ଚନ୍ଦ୍ର ପଣ୍ଡା, ସମୀର ରଞ୍ଜନ ଦାଶ, ସୁଶାନ୍ତ ସିଂ, ନବ କିଶୋର ଦାସ, ଟୁକୁନି ସାହୁ ଏବଂ ତୁଷାରକାନ୍ତି ବେହେରାଙ୍କୁ ଏହି ତାଲିକାରେ ରଖାଯାଇଛି। ସେହିପରି ବିଧାୟକ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ବିଜେଡିର ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତି, ପୁରୀ ଏମ୍‌ପି ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍, ବିଧାୟିକା ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ଚନ୍ଦ୍ରସାରଥୀ ବେହେରା, ପ୍ରୀତିରଞ୍ଜନ ଘଡାଇ, ପ୍ରଣବ କୁମାର ବଳବନ୍ତରାୟ, ସୁଧୀର କୁମାର ସାମଲ, ବ୍ୟୋମକେଶ ରାଏ, ଉମାକାନ୍ତ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା, ରାଜେନ୍ଦ୍ର କୁମାର ସାହୁ, ଦେବୀ ରଞ୍ଜନ ତ୍ରିପାଠୀ, ବିଜେଡି ନେତା ଆକାଶ ଦାସ ନାଏକ, ଅରିନ୍ଦମ ରାୟ ଏବଂ ବିଭୂତି ବଳବନ୍ତରାୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏମାନେ ପିପିଲି ଉପନିର୍ବାଚନ ପାଇଁ ପ୍ରଚାର ଦାୟିତ୍ୱ ତୁଲାଇବେ ବୋଲି ଦଳ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସେହିପରି କଂଗ୍ରେସ ମଧ୍ୟ ଦଳର ହେଭିୱେଟ୍‌ମାନଙ୍କୁ ନେଇ ଏକ ୩୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ପ୍ରକାଶିତ ତାଲିକାରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସମେତ ୮ଜଣ ବିଧାୟକ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଚନ୍ଦ୍ର ଜେନା, ମହମ୍ମଦ ମୋକିମ, ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ସି.ଏସ୍. ରାଜନ ଏକ୍କା। ତାଲିକାରେ ଥିବା ଅନ୍ୟ ବରିଷ୍ଠ ନେତାମାନେ ହେଲେ ଭକ୍ତ ଚରଣ ଦାସ, ଜି.ରୁଦ୍ର ରାଜୁ, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝି, ଶରତ ରାଉତ, ବିଶ୍ୱରଞ୍ଜନ ମହାନ୍ତି, ରାଗିଣୀ ନାଏକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ସୁଶିଳା ତିରିଆ, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ବନ୍ଦିତା ପରିଡ଼ା, ସଂଗ୍ରାମ କେଶରୀ ଜେନା, ସ୍ମୃତି ରଞ୍ଜନ ଲେଙ୍କା, ସତ୍ୟପ୍ରକାଶ ନାଏକ ଏବଂ ସାୟିଦ ୟାସିର ନୱାଜ ପ୍ରମୁଖ ରହିଛନ୍ତି। ୩ ଦଳର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ ପାଇବା ପରେ ରବିବାରଠାରୁ ପିପିଲିରେ ପ୍ରଚାର ଆହୁରି ଜୋରଦାର ହେବ ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ଭାଜପା କାର୍‌ରେ ଭୋଟିଂ ...

ଏମ୍‌ଭି ସ୍କୁଲରେ ମତଦାନ ପରେ ଇଭିଏମ୍ ନେଇ ଷ୍ଟ୍ରଙ୍ଗ୍ ରୁମ୍‌କୁ ଯାଉଥିବା ଗାଡ଼ି ବାଟରେ ଖରାପ ହୋଇଯିବାରୁ ସେମାନେ ଏକ ଘରୋଇ କାର୍ ଭଡ଼ାରେ ନେଇ ଯାଉଥିଲେ। ସଂଯୋଗବଶତଃ ଉକ୍ତ କାର୍ ପଥରକାଣ୍ଡି ବିଧାୟକ କ୍ରିଷ୍ଣେନ୍ଦୁ ପଲଙ୍କ ସ୍ତ୍ରୀଙ୍କ ନାମରେ ରହିଛି। ନିମଲ ବଜାର ଅଞ୍ଚଳରେ କେତେଜଣ ଲୋକ ଏହାକୁ ଅଟକାଇଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ କ୍ରିଷ୍ଣେନ୍ଦୁ ପଥରକାଣ୍ଡି ଆସନରୁ ନିର୍ବାଚନ ଲଢୁଥିବାବେଳେ ରତାବାରିରୁ ଭାଜପା ବିଧାୟକ ବିଜୟ ମାଲାକର ଦଳୀୟ ପ୍ରାର୍ଥୀ ହୋଇଛନ୍ତି।

> ନିର୍ବାଚନ କମିଶନଙ୍କ କାର୍ ଖରାପ ହୋଇଯାଇଛି। ଭାଜପାର ମନ୍ଦ ଉଦ୍ଦେଶ୍ୟ ରହିଛି ଏବଂ ଗଣତନ୍ତ୍ରର ଅବସ୍ଥା ଦୟନୀୟ ହୋଇଛି।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଘରୋଇ ଗାଡ଼ିଗୁଡ଼ିକରେ ଇଭିଏମ୍ ନିଆଯାଉଛି। ନିର୍ବାଚନ କମିଶନ ଏହା ଉପରେ ଗମ୍ଭୀର ଭାବେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଇଭିଏମ୍‌କୁ ନେଇ ସମସ୍ତ ଜାତୀୟ ଦଳ ପୁନଃ ସମୀକ୍ଷା କରିବା ସମୟ ଆସିଛି।
> **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

### ଇସିଙ୍କୁ ଫେରାଦ ହେଲା ...

ପ୍ରକାଶ ଯେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ନନ୍ଦିଗ୍ରାମର ଟିଏମ୍‌ସି ପ୍ରାର୍ଥୀ ଗୁରୁବାର ଉକ୍ତ ଆସନରେ ଭାଜପା କର୍ମୀଙ୍କ ପକ୍ଷରୁ ବୁଥ୍ ରିଗିଂ କରାଯାଇଥିବା ଅଭିଯୋଗ ଆଣି ରାଜ୍ୟପାଳ ଜଗଦୀପ ଧନକାରଙ୍କୁ ଫୋନ୍ କରିଥିଲେ। ସେହିପରି ମତଦାନ ଆରମ୍ଭ ହେବାବେଳେ ୧୫୦ରୁ ଊର୍ଦ୍ଧ୍ୱ ଇଭିଏମ୍ କାମ କରୁ ନ ଥିବା ନେଇ ଟିଏମ୍‌ସି ଏମ୍‌ପି ମୋହୁଆ ମୋଇତ୍ର ଟୁଇଟ୍ କରିଥିଲେ। ଟିଏମ୍‌ସି ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଏସବୁ ବିଷୟ ଅବଗତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ଇସିଙ୍କ ଦାୟିତ୍ୱ। ଭାଜପାର ସବୁ କୌଶଳ ପରେ ନନ୍ଦିଗ୍ରାମରେ ମମତା ବିଜୟୀ ହେବେ ବୋଲି ଗଣମାଧ୍ୟମକୁ ୟଶୱନ୍ତ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଚନ୍ଦ୍ରଙ୍କ ଷଷ୍ଠସ୍ଥ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାରର ରହିବ। କିନ୍ତୁ ମନ ଅନୁଯାୟୀ କାମ ସମ୍ପନ୍ନ କରିବା କଷ୍ଟକର ହୋଇପଡିବ। କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରିବାରେ ସମର୍ଥ ହେବେ। ସତର୍କତା ଅଭାବରୁ ସାଧାରଣ ଘଟଣା ବିବାଦୀୟ ପରିସ୍ଥିତି କିମ୍ବା ଭିନ୍ନରୂପ ନେଇପାରେ।

**ବୃଷ** - ବିଳାସକାରକ ଶୁକ୍ର ଉଚ୍ଚସ୍ଥ ଯୋଗୁ ଖୁସି ମିଜାଜରେ କାମ କରିବାର ସୌଭାଗ୍ୟ ଅର୍ଜନ କରିବେ କିନ୍ତୁ ଅଷ୍ଟମଚନ୍ଦ୍ର କୌଣସି ଅନର୍ଥର କାରଣ ପାଲଟିଯାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ** - ଧନାଧିପ ରାଶିକୁ ଦେଖୁଥିବାରୁ ଅର୍ଥଲାଭ ସହିତ ବନ୍ଧୁମିଳନରୁ ଖୁସୀ ହେବେ। ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ଭାବରେ ସଫଳତା ଅର୍ଜନ କରିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ।

**କର୍କଟ** - ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ସାମାଜିକ ସ୍ତରରେ ସାଧାରଣ କଥାରେ ବନ୍ଧୁମାନେ ମୁହଁ ଫୁଲାଇବେ। ସଭାସମିତି, ମନୋରଞ୍ଜନ, ଆଧ୍ୟାତ୍ମିକ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** - ଅଷ୍ଟମସ୍ଥ ରବିଙ୍କ ଯୋଗୁ ଆଜି ସତର୍କରେ ନ ଚଳିଲେ ଅର୍ଥହାନି ସଙ୍ଗକୁ କଳହ ଘଟିପାରେ। କିନ୍ତୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସାନ୍ନିଧ ଲାଭ କରିବେ। ବ୍ୟବସାୟୀମାନେ, ବିଶେଷଭାବେ ପରିବହନ, ମନୋରଞ୍ଜନ କାର୍ଯ୍ୟକ୍ରମାଦିରୁ ଲାଭବାନ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**କନ୍ୟା** - କଥା କଥାକେ ସାହାଯ୍ୟର ପ୍ରତିଶ୍ରୁତି ଦେଉଥିବା ଲୋକଟି ଠିକଣା ସମୟରେ ସାମ୍ନାକୁ ଆସିବ ନାହିଁ। ବୁଧଙ୍କ ଦୁର୍ବଳତା ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ଚିନ୍ତା ବଢିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ। ପାରିବାରିକ, ଆନୁଷ୍ଠାନିକ, ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ତୁଳା** - ବିଭିନ୍ନ ଯୋଜନା ହାତକୁ ନେବେ କିନ୍ତୁ ଶନିଙ୍କ ପ୍ରଭାବ ଆର୍ଥିକସ୍ଥିତିକୁ ବିଗାଡୁଥିବାରୁ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ଏବଂ ନିର୍ମାଣ କାର୍ଯ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ ; ଯାହା କି ଆପଣଙ୍କ କଳ୍ପନା ବାହାରେ ଥିବ।

**ବିଛା** - ଆଜି ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ବିଚଳିତ ବୋଧ କରିବେ। ପୁତ୍ରକନ୍ୟାଙ୍କ ବୈବାହିକ କର୍ମ ସକାଶେ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** - ଆଜି ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି କାମ କଲେ ନିଶ୍ଚିତ ଉପକୃତ ହେବେ। ଉପଯୁକ୍ତ ପରାମର୍ଶ ଏବଂ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ସାମୟିକ ବ୍ରଣ, ଘିମିରି, ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ ରୋଗରେ କଷ୍ଟ ପାଇପାରେ। ପୂର୍ବାଷାଢା ନକ୍ଷତ୍ରର ଆକସ୍ମିକ ଭାବରେ ଘରକୁ ବନ୍ଧୁ କେହି ଆସିପାରନ୍ତି।

**ମକର** - ପାପଗ୍ରହ ଯୁକ୍ତ ଚତୁର୍ଥାଧିପ ହେତୁ ଜଣାଶୁଣା କେହି ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇବେ। ତଥାପି ଆପଣ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରି କାର୍ଯ୍ୟଟିକୁ ସମ୍ପନ୍ନ କରିବେ। ଉତ୍ତରାଷାଢା ନକ୍ଷତ୍ରର ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**କୁମ୍ଭ** - କେତୁଙ୍କ କୁପ୍ରଭାବରୁ ହାତକୁ ନେଇଥିବା କାମ ଗୁଡିକ ସହଜରେ ସମ୍ପନ୍ନ ନ ହୋଇପାରେ। ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିଜନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** - ରେବତୀ ନକ୍ଷତ୍ର ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢେଇ କଲେ ବାଦୀ ଓ ପ୍ରତିବାଦୀ ଉଭୟେ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁଣ୍ଣ ରହିବ। ନୂତନ ସ୍ଥାନ ପରିଦର୍ଶନ ସଙ୍ଗକୁ ବନ୍ଧୁ ଦର୍ଶନର ସୁଯୋଗ ପାଇବେ।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ଶନିବାର, ଏପ୍ରିଲ ୩ ତାରିଖ, ରାଶିନକ୍ଷତ୍ର-ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯.୪୭ମି. ଗତେ ଘ.୦୧.୦୩ମି. ମଧ୍ୟେ, ରାତ୍ରି ଘ.୦୮.୧୮ମି. ଗତେ ଘ.୧୦.୩୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୪୬ମି. ଗତେ ଘ.୧୦.୧୮ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**

real estate

**SALE**

ସୁନ୍ଦରପଦା **Hi-tech Apartment Opposite** ରେ **Boundary** ଥାଇ **Gharabari Plot** କିଣନ୍ତୁ। **7008492511.** D-69390

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

ଭୁବନେଶ୍ୱର ଗଙ୍ଗପଡ଼ା **NH-16**ରୁ **400mtr** ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। **7978676652.** D-70819

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Develope land for sale 3500sqft. adjacent to 100ft. Puri canalroad Hanspal. Kindly contact genuine buyer only- 9437922726, 7205337726.** D-70912

3BHK Semi- furnished flats1583sqft. and duplexes 1750sqft. brokers excuse. 6371090682. D-68277

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି **SC Plot 5,41,000/-**ରେ ବିକ୍ରି ହେବ। **9439832956.** D-70824

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**Require, Minimum 2Acre Yellowzone Homestead Land with 30/40 feet Road on Sharing/ Outright basis across Bhubaneswar for Duplex Project/ Plotting. Contact- 9861022055/ 9938219397.** D-20406

ଭୁବନେଶ୍ୱର **Hot location** ପାହାଳ **NH** ଜଗନ୍ନାଥମନ୍ଦିର ପାଖରେ **yellow zone plot sqft. 1850/-**, ବାଲିଅନ୍ତାରେ ଘରବାରି **boundary sqft. 1200/-, 7978230118, 8249477254.** D-70826

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20409

to-let

Ground floor 2Bed room independent house LaxmiSagar. Bhubaneswar. Contact: 9437075580, 9437557580. D-69494

Single room for office 5. Kharvelnagar near Keshari Talkies, Bhubaneswar. 9238647661. D-69392

Semifurnished A/C room near Lingaraj Temple, Bhubaneswar. Rs. 5,000/-, 9437388990. D-69495

healthcare

Massage for ladies and gents therapist only 5th cute No.- 9439140029. D-20396

Zen SPA positively health benefits with experts therapeutic genuinely massage. 7205084157. D-70568

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Refreshing your mind your body with the best therapy at Lotus Spa. 9801811949. D-70441

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୦୬,୦୮,୦୩୪ | ୨୮,୪୫,୪୨୩ | ୧୦,୫୧,୪୦,୮୬୨ |
| ଭାରତ | ୧,୨୩,୭୬,୯୬୫ | ୧,୬୪,୦୦୯ | ୧,୧୫,୬୧,୬୬୧ |
| ଓଡ଼ିଶା | ୩,୪୧,୩୧୧ | ୧୯୨୧(+୫୩) | ୩,୩୭,୪୩୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଷ୍ଟାଡିୟମ୍‌ରୁ ଭୟଙ୍କର ସଂକ୍ରମଣ ଆଶଙ୍କା

## ଦିନକରେ ୪୬୧ ପଜିଟିଭ୍ ଚିହ୍ନଟ

- ନୂଆପଡ଼ାରେ ସର୍ବାଧିକ ୮୬ ଆକ୍ରାନ୍ତ
- ଛତିଶଗଡ଼ ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ
- ସୀମାନ୍ତ ଜିଲା ଉପରେ କଡ଼ା ନଜର ନିର୍ଦ୍ଦେଶ



ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍

ଭୁବନେଶ୍ୱର, ୨।୪(ବ୍ୟୁରୋ)

ଛତିଶଗଡ଼ର ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରୁ ସାରା ଦେଶକୁ ବ୍ୟାପିଗଲା ସଂକ୍ରମଣ, ଯାହା ଏବେ ଭୟଙ୍କର ରୂପ ନେଇଛି। ସେହିଠାରୁ ହିଁ ସଂକ୍ରମଣ ଓଡ଼ିଶାକୁ ପଶିଥିବା ଆଶଙ୍କା କରାଯାଉଛି। ସୀମାନ୍ତ ନୂଆପଡ଼ା, କଳାହାଣ୍ଡି ଆଦି ଜିଲା ଦେଇ ପୂରା ରାଜ୍ୟକୁ ବ୍ୟାପି ଚାଲିଛି କରୋନା। ୨୪ଘଣ୍ଟାରେ ୪୬୧ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ନୂଆପଡ଼ା ଜିଲାରୁ ସର୍ବାଧିକ ୮୬ଜଣ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ୬୯, ସୁନ୍ଦରଗଡ଼ ୬୨, କଳାହାଣ୍ଡି ୩୬, ବରଗଡ଼ ୩୨ ଓ ଅନ୍ୟ ଜିଲାରେ ଚିହ୍ନଟ ଆକ୍ରାନ୍ତଙ୍କ ସଂଖ୍ୟା ଏହା ତଳକୁ ରହିଛି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୪୧,୭୭୨ରେ ପହଞ୍ଚିଛି। ଓଡ଼ିଶା ସମେତ ଦେଶରେ କରୋନାର ଦ୍ୱିତୀୟ ଲହର ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ଏଭଳି ଏକ ସୂଚନା ଏବେ ବଡ଼ ବିପଦର ଆଭାସ ଦେଉଛି।

ଗତ ମାସ ୫ ତାରିଖରୁ ୨୧ ପର୍ଯ୍ୟନ୍ତ ଉକ୍ତ ଷ୍ଟାଡିୟମ୍‌ରେ ରୋଡ୍ ସେଫ୍‌ଟି ୱାର୍ଲଡ ସିରିଜ୍ ଟି୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଦର୍ଶକ ପାଭିଲିୟନ୍‌ରେ ବସିଥିବାବେଳେ କୋଭିଡ୍ ନିୟମ ପାଳନ କରି ନ ଥିବା ଦେଖାଯାଇଥିଲା। ସେହି ଖେଳ ପରେ ହିଁ ସଚିନ ତେନ୍ଦୁଲକର ଓ ୟୁସୁଫ୍ ପଠାନ କରୋନାରେ ଆକ୍ରାନ୍ତ ହୋଇଥିବା ଏବଂ ଛତିଶଗଡ଼ରେ ସଂକ୍ରମଣ ବଢ଼ିଛି। ସେହିପରି ସେହିଠାରୁ ହିଁ ବହୁ ଦର୍ଶକ ସଂକ୍ରମିତ ହୋଇଥିବା କୁହାଯାଉଛି। ଏହା ଜଣାପଡିବା ପରେ ଓଡ଼ିଶାରେ ଏବେ ଭାଳେଣି ପଡିଛି। କାରଣ ଏହି ଖେଳ ଦେଖିବାକୁ ଓଡ଼ିଶାରୁ ବହୁ ଦର୍ଶକ ଯାଇଥିଲେ। ପୁଣି ପ୍ରତିଦିନ ସୀମାନ୍ତ ଜିଲାର ଲୋକେ ଛତିଶଗଡ଼ ଯାଇ ସଂକ୍ରମିତ ହେଉଛନ୍ତି।

ତେବେ ଏ ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ସ୍ଥିତି ଉପରେ ନଜର ରଖାଯାଇଛି। ଜିଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଅଧିକ ସଂକ୍ରମିତ ଚିହ୍ନଟ ହେଲେ କଣ୍ଟେନମେଣ୍ଟ କରାଯାଉଛି। ନୂଆପଡ଼ା ଓ କଳାହାଣ୍ଡି ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଛତିଶଗଡ଼ରେ ହୋଇଥିବା ମ୍ୟାଚ୍ ଦେଖିବାକୁ ବିଭିନ୍ନ ଅଞ୍ଚଳର ଲୋକ ଏକତ୍ରିତ ହୋଇଥିଲେ। ତେଣୁ ସେଠାରୁ ମହାମାରୀ ସଂକ୍ରମଣ ଅଧିକ ବଢ଼ିଥିବା ଅନୁମାନ କରାଯାଉଛି। ହେଲେ ସୀମା ସିଲ୍ ସମାଧାନ ନୁହେଁ। ଛତିଶଗଡ଼ରୁ କଳାହାଣ୍ଡି, ନୂଆପଡ଼ାକୁ ଆସୁଥିବା ଲୋକଙ୍କୁ ଟେଷ୍ଟିଂ ପାଇଁ କୁହାଯାଇଛି। ପ୍ରବେଶ ପଥରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୪(ବ୍ୟୁରୋ)

- ଜିଲା, ମହାନଗର ନିଗମକୁ ସ୍ୱାସ୍ଥ୍ୟ ବିଭାଗର ଚିଠି
- ଆବଶ୍ୟକ ପଦକ୍ଷେପ ନେବେ ସରକାରୀ ଓ ଘରୋଇ ହସ୍ପିଟାଲ
- ଅକ୍ସିଜେନ, ମେଡିସିନ, ରାପିଡ୍ ରେସ୍‌ପନ୍ସ ଟିମ୍ ପ୍ରସ୍ତୁତ ରଖିବାକୁ ପରାମର୍ଶ

ରାଜ୍ୟରେ ପୁଣି ସକ୍ରିୟ ହୋଇଉଠିଛି କରୋନା ଭୂତାଣୁ। ରାଜ୍ୟରେ କରୋନାର ଲେଉଟାଣି ସଂକ୍ରମଣ ପୂର୍ବାପେକ୍ଷା ମାରାତ୍ମକ ବୋଲି କୁହାଯାଉଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଥିବାବେଳେ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ରାଜ୍ୟର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ କରୋନା ମୁକାବିଲା ନିମନ୍ତେ ସମସ୍ତେ ପ୍ରସ୍ତୁତ ରହିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସବୁ ଜିଲା ହସ୍ପିଟାଲରେ କରୋନା ରୋଗୀଙ୍କ ପାଇଁ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ବ୍ୟବସ୍ଥା ସହ ବେଡ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଘରୋଇ ଓ ସରକାରୀ ହସ୍ପିଟାଲରେ ଆଇସୋଲେଶନ ବେଡ୍, ଆଇସିୟୁ, ଡାଏଲିସିସ୍, ଲେବର୍ ରୁମ୍ ଆଦି ପ୍ରସ୍ତୁତ ରଖିବାକୁ ମଧ୍ୟ କୁହାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ମହାପାତ୍ର କହିଛନ୍ତି, ରାଜ୍ୟରେ ଗତ କିଛିଦିନ ହେଲା ସଂକ୍ରମଣ ବଢ଼ିବାରେ ଲାଗିଛି। ଯଦି ସାବଧାନତା ଅବଲମ୍ବନ କରା ନ ଯାଏ ତେବେ ସ୍ଥିତି ସାଂଘାତିକ ହୋଇଯିବ ବୋଲି ଅନୁମାନ କରାଯାଉଛି। ତେଣୁ ଏପରି ସ୍ଥିତିରେ ସ୍ଥାନୀୟ ଅଞ୍ଚଳରେ ଫ୍ଲାଭିପିରାଭିର୍, ରେମଡେସିଭିର ଆଦି ମେଡିସିନ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରଖିବା ସହ ହୋମ୍ ଆଇସୋଲେଶନ, ଏସ୍‌ଓପିକୁ କଡ଼ାକଡ଼ି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାପିଡ୍ ରେସପନ୍ସ ଟିମ୍ ମଧ୍ୟ ବିଭିନ୍ନ ଜିଲାରେ ପ୍ରସ୍ତୁତ ରହିବା ସହିତ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ବହୁବିଧ ରୋଗାକ୍ରାନ୍ତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଟିକାକରଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ପୂର୍ବରୁ କରୋନା ପିକ୍‌ରେ ଥିବାବେଳେ ଦେଶରେ ଦୈନିକ ୯୬ହଜାର ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଏବେ ୮୧ହଜାର ଚିହ୍ନଟ ହେଉଛନ୍ତି। ତେଣୁ ଆମେ ଏବେ ପୂର୍ବ ସ୍ଥିତିକୁ ଫେରୁଛେ। ଏହାକୁ ଦୃଷ୍ଟିରେ ରଖି ଟେଷ୍ଟିଂ, ଟ୍ରେସିଂ ଓ ସର୍ଭେଲାନ୍ସ ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଟିକାକରଣରେ ରେକର୍ଡ

ଭୁବନେଶ୍ୱର, ୨।୪(ବ୍ୟୁରୋ)

ରାଜ୍ୟରେ ଗତ ଜାନୁୟାରୀରୁ କରୋନା ଟିକାକରଣ ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୨୮,୬୬,୨୫୫ଜଣଙ୍କୁ ଟିକା ଦିଆଯାଇ ସାରିଲାଣି। ତେବେ ଶୁକ୍ରବାର ଟିକାକରଣରେ ରେକର୍ଡ ହୋଇଛି। ଗୋଟିଏ ଦିନରେ ସର୍ବାଧିକ ୨,୫୨,୦୮୦ଜଣ ଟିକା ନେଇଛନ୍ତି। ଏପ୍ରିଲ ୧ରୁ ଦୈନିକ ୨ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଦୁଇଦିନ ହେବ ତାହା ସଫଳ ହୋଇଛି। ପ୍ରଥମ ଦିନରେ ମଧ୍ୟ ୨,୦୩,୧୬୨ଜଣ ଟିକା ନେଇଥିଲେ। ତେବେ ଶୁକ୍ରବାର ୧,୭୦,୦୬୯ଜଣ ୪୫ରୁ ୫୯ ବର୍ଷ ବୟସ୍କ ବ୍ୟକ୍ତି ଟିକା ନେଇଥିବାବେଳେ ୧,୨୯୮ଜଣ ସ୍ୱାସ୍ଥ୍ୟ କର୍ମୀ, ୨,୪୦୬ଜଣ ସମ୍ମୁଖ ଯୋଦ୍ଧା ଓ ୭୮,୩୦୭ଜଣ ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

# ପଦୋନ୍ନତି ପରେ ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨।୪(ବ୍ୟୁରୋ)

ନିକଟରେ ପଦୋନ୍ନତି ପାଇଥିବା ଆଇଏଏସ୍ ଅଧିକାରୀଙ୍କୁ ଶୁକ୍ରବାର ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅନୁଯାୟୀ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ଗଣେଶ ଚନ୍ଦ୍ର ପାତ୍ରଙ୍କୁ ସେହି ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଶଶୀଧର ନାୟକ ଲ୍ୟାଣ୍ଡ୍ ରେକଡସ୍ ଆଣ୍ଡ ସର୍ଭେ ନିର୍ଦ୍ଦେଶକ, ବିକାଶ ଚନ୍ଦ୍ର ମହାପାତ୍ର ଓଡିଶା ଟେକ୍ସ ବୁକ ପ୍ରଡକ୍ସନ ଓ ମାର୍କେଟିଂ ନିର୍ଦ୍ଦେଶକ ସହିତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଭାରତୀ ହରିଚନ୍ଦନଙ୍କୁ ଏସଏସଇପିଡି ନିର୍ଦ୍ଦେଶିକା, ମନୋଜ କୁମାର ପଟ୍ଟନାୟକଙ୍କୁ ଇ ଆଣ୍ଡ୍ ଆଇଟି ଯୁଗ୍ମ ସଚିବ ସହ ଓକାକ୍‌ର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସଦାନନ୍ଦ ନାୟକଙ୍କୁ କାଜୁ ନିଗମର ଏମଡି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ମେରୀ ଲାକ୍ରାଙ୍କୁ ଅବକାରୀ ବିଭାଗ ଯୁଗ୍ମ ସଚିବ, ଦୟାନିଧି ନାୟକଙ୍କୁ କୃଷି ବିଭାଗ ଯୁଗ୍ମ ସଚିବ, ଶ୍ରୀନିବାସ ବେହେରାଙ୍କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଅତିରିକ୍ତ କମିଶନର, ଯୁଧିଷ୍ଠିର ନାୟକଙ୍କୁ ସାଧାରଣ ଉଦ୍ୟୋଗର ଯୁଗ୍ମ ସଚିବ, ଉଦୟ ନାରାୟଣ ଦାସଙ୍କୁ ଏମ୍‌ଏସଏମ୍‌ଇ ବିଭାଗର ଯୁଗ୍ମ ସଚିବ, ସୁଜାତା ସାହୁଙ୍କୁ ବ୍ରହ୍ମପୁର ଆରଡିସି, ଗଙ୍ଗାଧର ସାହୁଙ୍କୁ ଏସ୍‌ଇଆରଟିର ନିର୍ଦ୍ଦେଶକ, ଅଶ୍ୱିନୀ ମିଶ୍ରଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ରାମଶିଷ ହାଜରାଙ୍କୁ କଟକ ସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନର ସଭାପତି, ସୁଶାନ୍ତ ମହାନ୍ତିଙ୍କୁ ଶିଳ୍ପ ବିଭାଗର ଯୁଗ୍ମ ସଚିବ, ଜ୍ୟୋତି ପ୍ରକାଶ ଦାଶଙ୍କୁ ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସୀତାଂଶୁ ରାଉତଙ୍କୁ ଆରଓଟିଆଇ ନିର୍ଦ୍ଦେଶକ ଏବଂ କୃଷ୍ଣ ପ୍ରସାଦ ପତିଙ୍କୁ ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

# ଲହଡ଼ି ମାଡ଼ରେ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଲା

ପୁରୀ ଅଫିସ, ୨।୪

ସମୁଦ୍ରରେ ସ୍ନାନ ବେଳେ ଲହଡ଼ି ମାଡ଼ରେ ଜଣେ ମହିଳା ପର୍ଯ୍ୟଟକ ଆହତ ହୋଇଛନ୍ତି। ତାଙ୍କ ବାମଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ସରସ୍ୱତୀ କର୍ମକାର ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶୁକ୍ରବାର ସମୁଦ୍ରରେ ଗାଧୋଇବା ପାଇଁ ସରସ୍ୱତୀ ନିଜ ପରିବାର ସହ ହୋଟେଲ ଦୀପ୍ ରିସର୍ଟ ସମ୍ମୁଖ ବେଳାଭୂମିକୁ ଯାଇଥିଲେ। ସେ ସମୁଦ୍ରରେ ଗାଧୋଉଥିବାବେଳେ ଉଚ୍ଚ ଲହଡ଼ି ମାଡ଼ରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇ ଆଉ ଉଠିପାରି ନ ଥିଲେ। ସେଠାରେ ମୁତୟନ ଥିବା ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଛତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। -ଶ୍ରୀଅରବିନ୍ଦ

# ନିଯୁକ୍ତିରେ ବିଳମ୍ବ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଷ୍ଟ୍ରୀୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ କାହିଁକି ରୋକାଯାଉଛି ତାହା ସମସ୍ତଙ୍କୁ ଚକିତ କରିଛି। ଗତ ବର୍ଷ ସେପ୍ଟେମ୍ବର ପରଠାରୁ ଦି ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ବିନା ଅଧ୍ୟକ୍ଷରେ କାର୍ଯ୍ୟ କରିଆସୁଥିବା ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି। ସେତେବେଳେ ଅଧ୍ୟକ୍ଷ ରାଜୀବ କୁମାରଙ୍କୁ ବଦଳି କରାଯାଇ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦିଆଯିବା ପରେ ପିଇଏସ୍‌ବିର ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ଏହାର ଗୁରୁତ୍ୱପୂର୍ଣ୍ଣ ତିନିଟି ସଦସ୍ୟ ପଦରୁ ଗୋଟିଏ ବହୁଦିନ ହେବ ପୂରଣ କରାଯାଇନାହିଁ। କୌତୂହଳର କଥା,ସିଲେକ୍ସନ ବୋର୍ଡ ଗତ ୫ ବର୍ଷ ମଧ୍ୟରେ ୫ ଜଣ ଅଧ୍ୟକ୍ଷଙ୍କୁ ଦେଖିଛି ଏବଂ ଏବେ ୬ଷ୍ଠ ଜଣଙ୍କ ଅପେକ୍ଷାରେ ରହିଛି। କ୍ଷେତ୍ରରେ ପଦବୀ ଖାଲିଥିବା ଘଟଣା କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ ବିଭାଗର ପାର୍ଲାମେଣ୍ଟାରି ଷ୍ଟାଣ୍ଡିଙ୍ଗ କମିଟିର ଧ୍ୟାନକୁ ଆସିଛି। ପିଇଏସ୍‌ବିରେ ଶୀର୍ଷ ପଦବୀଗୁଡ଼ିକୁ ପୂରଣ କରିବାରେ ବିଳମ୍ବ ପାଇଁ ଏହି କମିଟି ମଧ୍ୟ ପ୍ରତିକୂଳ ମନ୍ତବ୍ୟ ଦେଇଛି। କେତେ ପଦବୀ ଖାଲି ରହିଛି ସେ ସମ୍ପର୍କରେ ତିନି ମାସ ମଧ୍ୟରେ ଜଣାଇବା ସହ କାହିଁକି ଏହି ପଦବୀଗୁଡ଼ିକ ପୂରଣ କରାଯାଇନାହିଁ ତାହାର କାରଣ ଦର୍ଶାଇବା ଲାଗି ପିଇଏସ୍‌ବିକୁ ପାର୍ଲାମେଣ୍ଟାରି କମିଟି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହାବାଦ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ମହିଳାମାନଙ୍କ ସଂଖ୍ୟା ଖୁବ୍ କମ ଥିବାରୁ କମିଟି କ୍ଷୋଭର ସହ ଉଲ୍ଲେଖ କରିଛି। ଆଶାୟୀ ଦକ୍ଷ ମହିଳାମାନଙ୍କ ଅଭାବ ଯୋଗୁ ଏମିତି ହୋଇଛି ନା ସେମାନଙ୍କ ପ୍ରବେଶକୁ ବାଧା ଦିଆଯାଉଛି, ସେ ସମ୍ପର୍କରେ ପିଇଏସ୍‌ବିଠାରୁ କମିଟି ଜାଣିବାକୁ ଚାହିଁଛି। ସ୍ପଷ୍ଟତଃ, ସିଏମ୍‌ଡି ( ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ) ଓ ନିର୍ଦ୍ଦେଶକ ପଦବୀଗୁଡ଼ିକରୁ ୧୩ଟିରୁ ଅଧିକ ପଦବୀ ପୂରଣ କରାଯାଇନାହିଁ। ଅନେକ ସିଏମ୍‌ଡି ମଧ୍ୟ ବର୍ଷେ ଭିତରେ ଅବସର ନେବାକୁ ଯାଉଛନ୍ତି। ଏଣୁ ପଦବୀ ପୂରଣ କରିବା ପାଇଁ ଯଦି ପଦକ୍ଷେପ ନିଆ ନ ଯାଏ, ତେବେ ଆହୁରି ଅଧିକ ପଦବୀ ଖାଲି ପଡ଼ିବାର ଆଶଙ୍କା ରହିଛି।

## ଜୋର୍‌ସୋର୍‌ରେ ଲାଗିଛି ସିଭିସି

ଶୃଙ୍ଖଳାଗତ ମାମଲାଗୁଡ଼ିକର ସମାଧାନରେ ଅହେତୁକ ବିଳମ୍ବ ହେତୁ ଏକ ପାର୍ଲାମେଣ୍ଟାରି କମିଟି ବିରକ୍ତି ପ୍ରକାଶ କରିଛି। ପଦକ୍ଷେପ ନେବାରେ ନିଷ୍କ୍ରିୟତା ପ୍ରକାଶ କରିଥିବା କିମ୍ବା ବିଳମ୍ବ କରିବାରେ ଉତ୍ତରଦାୟୀ ଅଧିକାରୀମାନଙ୍କ ସନ୍ଧାନ କରିବା ପାଇଁ କମିଟି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି)କୁ ପରାମର୍ଶ ଦେଇଛି। ସିଭିସିର ଯାଞ୍ଚ ଦକ୍ଷତା ଏବଂ ଡାଟାବେସ ମଜଭୁତ କରିବା ଲାଗି ପାଣ୍ଠି ଯୋଗାଇ ଦେବାକୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗକୁ ମଧ୍ୟ କମିଟି କହିଛି। କମିଟିକୁ ସିଭିସି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସନ(ସିବିଡିଟି), ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ କଷ୍ଟମ୍ସ(ସିବିଆଇସି) ଏବଂ ରେଲୱେ ଆଦି ଭିଜିଲାନ୍ସ ମାମଲାଗୁଡ଼ିକ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ବିଳମ୍ବକୁ ଲକ୍ଷ୍ୟକରି ସିଭିସି ସେମାନଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସିଭିସି ରିପୋର୍ଟ ଅନୁଯାୟୀ, ୨୦୨୦ରେ ଗ୍ରହଣ କରାଯାଇଥିବା ୩୩୭୦ ମାମଲା ମଧ୍ୟରୁ କମିଶନ ୨୬୧୭ ମାମଲାର ଫେଜ୍‌ଟି ଆଡଭାଇସ ଉପାୟରେ ସମାଧାନ କରିଛନ୍ତି। ତେବେ ଏଥିରୁ ଜଣାପଡୁଛି ଯେ, ମାମଲାଗୁଡ଼ିକର କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ବିଳମ୍ବ ଯୋଗୁ ୬୫୪ଟି ମାମଲା ୨୦୨୧କୁ ଆସିବାର ଅଛି। କିନ୍ତୁ ସିଭିସି ସାମ୍ନା କରିଥିବା ଅର୍ଥାଭାବକୁ ଲକ୍ଷ୍ୟ କରି ଏହାକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେବାକୁ କମିଟି ସରକାରଙ୍କୁ ପରାମର୍ଶ ଦେବା ଲାଗି ନିଷ୍ପତ୍ତି ନେଲା ପରେ ମୁଖ୍ୟ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି ଏବଂ ତାଙ୍କ ଟିମ୍ ଉତ୍ସାହିତ ହେବା ସହ ଏକ ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି।

## କ୍ୟାଡର ସମୀକ୍ଷା ଚିନ୍ତା

ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଅନ୍ୟ ସବୁ ସେବାର କ୍ୟାଡର କଣ୍ଟ୍ରୋଲିଂ ଅଥରିଟିମାନେ ଠିକ୍ ଭାବେ କାର୍ଯ୍ୟ କଲେ ତାହା ସରକାରଙ୍କୁ ଆଗକୁ ନୂତନ ପ୍ରଶାସନିକ ସଂସ୍କାର ଗ୍ରହଣ କରିବା ଲାଗି ଅନୁମତି ଦେବ। ଏହି ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିବା ପରେ ମୋଦି ସରକାର ଶ୍ୱାସରୁଦ୍ଧ ହେବା ଭଳି ଅନୁଭବ କରୁଛନ୍ତି। ସରକାରଙ୍କ ଏହି ସଂସ୍କାରରେ ପୁରୁଣାକାଳିଆ ସେବା ବନ୍ଦ ହୋଇପାରେ ଏବଂ ପ୍ରଶାସନିକ ଦକ୍ଷତା ବଢାଇବା ପାଇଁ କିଛି କ୍ୟାଡରକୁ ସାମିଲ ବି କରାଯାଇପାରେ। ସୂତ୍ରରୁ ଜଣାପଡ଼ିଛି ଯେ,କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ର ସଚିବ ଦୀପକ ଖାଣ୍ଡେକର ସମସ୍ତ କ୍ୟାଡର କଣ୍ଟ୍ରୋଲିଂ ଅଥରିଟିଙ୍କୁ ଯୁଗ୍ମ ସଚିବ ସ୍ତରର ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। କ୍ୟାଡର ସମୀକ୍ଷା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେଉଥିବା ନିଶ୍ଚିତ କରିବାକୁ ଯାଇ ସେ ଏହା କରିଛନ୍ତି। ୫ ବର୍ଷରେ ସବୁ ସର୍ଭିସ ପାଇଁ ଗୋଟିଏ ପର୍ଯ୍ୟାୟ କ୍ୟାଡର ସମୀକ୍ଷା କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ସରକାରୀ ସେବାଗୁଡ଼ିକରେ ଖାଲି ପଦବୀ ସଂଖ୍ୟା ବୃଦ୍ଧି, ପଦୋନ୍ନତିରେ ବିଳମ୍ବ ଯୋଗୁ ପ୍ରଭାବିତ ହୋଇଥିବା ଅଧିକାରୀମାନଙ୍କ ଅଭିଯୋଗକୁ ଲକ୍ଷ୍ୟ କରି ସରକାର ଏପରି ପଦକ୍ଷେପ ନେଇଛନ୍ତି। ତେବେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗରେ ଥିବା କ୍ୟାଡର କଣ୍ଟ୍ରୋଲିଂ ଅଥରିଟି ସମୟ ସୀମା ମଧ୍ୟରେ ସମୀକ୍ଷା କରିବାକୁ ବିଫଳ ହୋଇଛନ୍ତି। ଏଥିପାଇଁ କୋଭିଡ ମହାମାରୀକୁ ଏମାନେ ଦାୟୀ କରିଛନ୍ତି। କିନ୍ତୁ ନିଯୁକ୍ତି ପାଇଁ ଡିଓପିଟିର ନିର୍ଦ୍ଦେଶ ପରେ ସରକାର ସେମାନଙ୍କର ଏଭଳି ବହାନା ବା ଯୁକ୍ତିକୁ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ସରକାର ତାଙ୍କ କାର୍ଯ୍ୟରେ ସଫଳ ହେବା, କ୍ୟାଡର ଢାଞ୍ଚାକୁ ସରଳ କରିବା ତଥା ଏବକାର ବ୍ୟବସ୍ଥାରେ ଥିବା ଅଭାବ ଦୂର କରିବା ପାଇଁ ତାଙ୍କ ଅଭିଯାନ ଜାରି ରଖିବାକୁ ଚାହୁଁଛନ୍ତି।

Email: dilipcherian@gmail.com

# ଜଳବାୟୁ ପରିବର୍ତ୍ତନ ଓ ଘରୋଇ ଉଦ୍ୟୋଗ

ଡ.ଚିତ୍ତରଞ୍ଜନ ମିଶ୍ର

୨୦୨୦ ନଭେମ୍ବର ୫ରେ ଭାରତର ୨୪ଟି ପ୍ରମୁଖ କମ୍ପାନୀ ଜଳବାୟୁ ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ଏକ ଘୋଷଣାନାମାରେ ଦସ୍ତଖତ କରିଛନ୍ତି, ଯାହାର ନାଁ ରଖାଯାଇଛି ''ଡିକ୍ଲାରେଶନ ଅଫ୍ ଦି ପ୍ରାଇଭେଟ ସେକ୍ଟର ଅନ୍ କ୍ଲାଇମେଟ୍ ଚେଞ୍ଜ'' ବା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଘରୋଇ ଉଦ୍ୟୋଗଗୁଡ଼ିକର ଘୋଷଣାନାମା। ନିଶ୍ଚିତରୂପେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶୁଭାରମ୍ଭ , କାରଣ ଘରୋଇ ଉଦ୍ୟୋଗଗୁଡ଼ିକୁ ହିଁ ସମ୍ବଳ ସଂଗ୍ରହ ଓ ବିନିଯୋଗ ତଥା ଜ୍ଞାନ ଓ ନବସୃଜନ କ୍ଷେତ୍ରରେ ସିଦ୍ଧାନ୍ତମୂଳକ ଭୂମିକା ସମ୍ପାଦିତ କରିବାକୁ ପଡିବ।

ସମଗ୍ର ବିଶ୍ୱରେ ପାରିବାରିକ ମାଲିକାନାଭିତ୍ତିକ ବ୍ୟବସାୟ କ୍ଷମତାଶାଳୀ ସାବ୍ୟସ୍ତ ହୋଇଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଭାରତୀୟ ଶିଳ୍ପ ସାମ୍ରାଜ୍ୟ ମଧ୍ୟରେ ପାରିବାରିକ ବ୍ୟବସାୟ ନିଜର ଆଧିପତ୍ୟ ସାବ୍ୟସ୍ତ କରିଆସିଛି। ୧୯୯୦ ଦଶକ ପର୍ଯ୍ୟନ୍ତ କେତେକ ସ୍ୱଳ୍ପ ପୁରୁଣା 'ବିଜ୍‌ନେସ ହାଉସ' ନିଜର ପ୍ରତିପତ୍ତିକୁ ପ୍ରଦର୍ଶନ କରୁଥିଲେ ଏବଂ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏକାଧିକ ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ସେମାନଙ୍କର ପ୍ରଭୁତ୍ୱ ସେ ସମୟର 'ଲାଇସେନ୍ସ ରାଜ' ମଡେଲ ଭଳି ଯୋଜନାବଦ୍ଧ ଅର୍ଥନୈତିକ ଢାଞ୍ଚା ଦ୍ୱାରା ଆଂଶିକ ଭାବେ ସାମର୍ଥ୍ୟ ଲାଭ କରିଥିଲା। ୧୯୯୧ରେ ଦେଶରେ ଅର୍ଥନୈତିକ ସଂସ୍କାର ବ୍ୟବସ୍ଥାର ପ୍ରଚଳନ ପରଠାରୁ ଏହି ପୁରୁଣା 'ବିଜ୍‌ନେସ ହାଉସ'ଗୁଡିକ ନୂଆ କରି ଗଢି ଉଠିଥିବା ବ୍ୟବସାୟିକ ପରିବାର ଏବଂ ଅଣବ୍ୟବସାୟିକ ପରିବାରଗୁଡ଼ିକ ଦ୍ୱାରା ପ୍ରତିଦ୍ୱନ୍ଦ୍ୱିତାମୂଳକ ଆହ୍ୱାନର ସମ୍ମୁଖୀନ ହେଲେ। ତା'ସତ୍ତ୍ୱେ ମଧ ଏକ 'ବ୍ୟବସାୟିକ ମଡେଲ' ଭାବେ ପାରିବାରିକ 'ବିଜ୍‌ନେସ ହାଉସ'ଗୁଡ଼ିକର ଶକ୍ତିରେ ହ୍ରାସ ଘଟିନାହିଁ। ଯଦିଓ କେତେକ ପୁରୁଣା 'ବିଜ୍‌ନେସ ହାଉସ'୧୯୯୧ର ଅର୍ଥନୈତିକ ସଂସ୍କାର ବ୍ୟବସ୍ଥା କାରଣରୁ ତିଷ୍ଠି ରହିପାରିଲେ ନାହିଁ, ହେଲେ ଅନେକ ବିଜ୍‌ନେସ ହାଉସ ତିଷ୍ଠି ରହିପାରିଲେ ଏବଂ ତତ୍‌ସହ ସମୃଦ୍ଧି ପଥର ଯାତ୍ରୀ ହେଲେ।

ଆଜିର ଦିନରେ ସମଗ୍ର ବିଶ୍ୱରେ ଚାଇନା ଓ ଆମେରିକା ପରେ ପରିବାର ନିୟନ୍ତ୍ରଣାଧୀନ ପଞ୍ଜୀକୃତ କମ୍ପାନୀ ସଂଖ୍ୟାରେ ଭାରତ ତୃତୀୟ ସର୍ବବୃହତ୍ ସ୍ଥାନ ଅଧିକାର କରିଛି। ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକର ଶେୟାର-ପ୍ରାଇସ୍ ରିଟର୍ନ ମଧ କ୍ରମାଗତ ଭାବେ ଅଣପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକ ଅପେକ୍ଷା ଅଧିକ ହୋଇଥାଏ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସରେ ମଧ ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକର ଆଧିପତ୍ୟ ସ୍ୱଷ୍ଟ ପ୍ରତିପାଦିତ ହୋଇଥାଏ। ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକର ଭୂମିକା ହେଲା ସେମାନେ ଜୀବାଶ୍ମ ଇନ୍ଧନ ପ୍ରାଧାନ୍ୟଯୁକ୍ତ ସେକ୍ଟରଗୁଡ଼ିକରେ ହିଁ କାର୍ଯ୍ୟ ନିର୍ବାହ କରିଥାନ୍ତି। ଏହାଦ୍ୱାରା ଭାରତବର୍ଷର ଅଙ୍ଗାରକାମ୍ଳ ବାଷ୍ପର ନିର୍ଗମନ ପରିମାଣର ବୃଦ୍ଧି ହେଉଛି। ଏହାକୁ ରୋକିବାରେ ଏବେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ଦେଶର ମାତ୍ର ୭ଟି ପରିବାର ନିୟନ୍ତ୍ରଣାଧୀନ କମ୍ପାନୀ ଯଥା- ରିଲାଏନ୍ସ, ଆଦାନି, ଟାଟା, ଆଦିତ୍ୟ ବିର୍ଲା, ମହିନ୍ଦ୍ରା, ଜିନ୍ଦଲ ଏବଂ ବେଦାନ୍ତ ବର୍ଷକୁ ୫୩୦ ନିୟୁତ ଟନ୍‌ର ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ନିର୍ଗମନ କରୁଛନ୍ତି। ଏହି ପରିମାଣ ଭାରତବର୍ଷର ମୋଟ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନର ୨୨ ପ୍ରତିଶତ ସହ ସମାନ। ୨୦୧୯-୨୦ରେ ଏହି ୭ଟି ଗ୍ରୁପ୍ କମ୍ପାନୀ ଭାରତବର୍ଷର କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରର୨୫ପ୍ରତିଶତ ଅର୍ଥାତ୍ ୫୦,୦୦୦ମେଗାୱାଟ୍, ଭାରତବର୍ଷର ମୋଟ ଇସ୍ପାତ ଉତ୍ପାଦନର ୩୯ପ୍ରତିଶତ ଅର୍ଥାତ୍ ୪୩ ନିୟୁତ ଟନ୍, ଭାରତବର୍ଷର ମୋଟ ସିମେଣ୍ଟ ଉତ୍ପାଦନର ୨୭ ପ୍ରତିଶତ ଅର୍ଥାତ୍ ୯୧ ନିୟୁତ ଟନ୍ ଏବଂ ଭାରତବର୍ଷର ଯାତ୍ରୀବାହୀ ଏବଂ ବ୍ୟବସାୟିକ ଯାନବାହନର ୨୨ ପ୍ରତିଶତ ଅର୍ଥାତ୍ ୦.୯୨ ନିୟୁତ ଟନ୍ ଉତ୍ପାଦନ କରିଥିଲେ। ସେମାନେ ମଧ ଦେଶର ତୈଳ ବିଶୋଧନ କ୍ଷମତାର ୩୦ ପ୍ରତିଶତ ଏବଂ ଅଶୋଧିତ ତୈଳ ଉତ୍ପାଦନର ୨୫ ପ୍ରତିଶତ କାର୍ଯ୍ୟକାରୀ କରିଥାନ୍ତି।

ଯଦି ଏହି କମ୍ପାନୀଗୁଡ଼ିକ ଦେଶର ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଭାରତବର୍ଷରେ ନିଆଯାଉଥିବା ନାନାବିଧ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତେ, ତା'ହେଲେ ଦେଶର 'ଏମିଶନ୍ ପ୍ରୋଫାଇଲ' ବା ନିର୍ଗମନ ଚିତ୍ର ମୌଳିକତା ଦୃଷ୍ଟିକୋଣରୁ ବଦଳିଯାଆନ୍ତା। ପୁନଶ୍ଚ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକ ସାମାଜିକ ଦୃଷ୍ଟିକୋଣରୁ ଅଧିକ ଦାୟିତ୍ୱବାନ୍ ହୋଇଥାନ୍ତି, କାରଣ ସେମାନେ ଯେଉଁ ସବୁ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି ସେ ସବୁ କ୍ଷେତ୍ରରେ ସାମାଜିକ ଓ ଭିତ୍ତିଭୂମି ଉପରେ ଅଧିକରୁ ଅଧିକ ପୁଞ୍ଜି ନିବେଶ କରିଥାନ୍ତି। କାହିଁକି ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକ ପୁଞ୍ଜି ନିବେଶ କ୍ଷେତ୍ରରେ ଏଭଳି ନିର୍ଣ୍ଣୟ ନେଇଥାନ୍ତି, ତା'ର କାରଣ ହେଲା ତାଙ୍କର 'ୟୁନିକ୍ ଷ୍ଟ୍ରକ୍ଚର' ବା ଅଦ୍ୱିତୀୟ ଓ ଅସାଧାରଣ ଗଠନ ଶୈଳୀ। ଅନ୍ୟାନ୍ୟ 'କର୍ପୋରେଟ୍ ହାଉସ' ପରି ପରିବାର ନିୟନ୍ତ୍ରଣାଧୀନ କମ୍ପାନୀଗୁଡ଼ିକ ସେମାନଙ୍କର ସମ୍ଭ୍ରାନ୍ତ ପୈତୃକ ଓ ମାତୃକ ସଂସ୍କୃତିର ଚାରିପଟେ ନିଜକୁ ଶୃଙ୍ଖଳିତ କରି ରଖିଥାନ୍ତି, ଯେଉଁମାନେ କି ପ୍ରାଥମିକ ଦାୟିତ୍ୱକୁ ନିଜ ମୁଣ୍ଡ ଉପରକୁ ନେଇଥାନ୍ତି ଏବଂ ସର୍ବଶେଷ ନିର୍ଣ୍ଣାୟକ ଭୂମିକା ସମ୍ପାଦିତ କରିଥାନ୍ତି।

ଜଳବାୟୁ ପରିବର୍ତ୍ତନ ପରି ଏକ ଭୟଙ୍କର ସଙ୍କଟର ନିବାରଣ କରିବା ପାଇଁ ସୁଦୂରପ୍ରସାରୀ ଦୃଷ୍ଟିକୋଣ ଏବଂ ଦୀର୍ଘମିଆଦୀ ଯୋଜନା ଏକାନ୍ତ ଅପରିହାର୍ଯ୍ୟ, ଯେଉଁଥି ପାଇଁ କି ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ପରମ ଆବଶ୍ୟକତାକୁ ଆଦୌ ହେୟଜ୍ଞାନ କରାଯାଇପାରିବ ନାହିଁ। ଯେହେତୁ ପରିବାର ନିୟନ୍ତ୍ରଣାଧୀନ ବ୍ୟବସାୟିକ ସଂଗୋଷ୍ଠୀଗୁଡ଼ିକ ପ୍ରଚଣ୍ଡ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ଦ୍ୱାରା ଶୃଙ୍ଖଳିତ ଭାବେ କାର୍ଯ୍ୟନିର୍ବାହ କରିଥାନ୍ତି । ଯଦି ସେମାନେ ପ୍ରକୃତରେ ଆନ୍ତରିକତା ସହ ଜଳବାୟୁ ପରିବର୍ତ୍ତନ ବିରୋଧରେ ହେଉଥିବା ରାଷ୍ଟ୍ରୀୟ ମହା ସଂଗ୍ରାମରେ ଅବତୀର୍ଣ୍ଣ ହୁଅନ୍ତେ ତେବେ ଏହି ମହାରାକ୍ଷସ କବଳରୁ ଭାରତବର୍ଷକୁ ମୁକ୍ତି ଦେବାରେ ମହତ୍ତର ଭୂମିକା ସମ୍ପାଦିତ କରିପାରନ୍ତେ। ସେମାନେ ମଧ ନିଜ ବ୍ୟବସାୟର ପ୍ରକ୍ଷେପ ପଥ ପରିବର୍ତ୍ତନ କରିବା ସହ ସମ୍ପୂର୍ଣ୍ଣ ସେକ୍ଟରର ଦ୍ରୁତ ପରିବର୍ତ୍ତନ ହାସଲ କରିପାରନ୍ତେ। କେତେକ ପରିମାଣରେ ସେମାନେ ମଧ ତାହା ଏବେ କାର୍ଯ୍ୟକାରୀ କରୁଛନ୍ତି।

ନିକଟ ଅତୀତରେ ମୁକେଶ ଅମ୍ବାନୀ ଘୋଷଣା କରିଛନ୍ତି ଯେ, ରିଲାଏନ୍ସ ଶିଳ୍ପ ସଂସ୍ଥା ୨୦୩୫ ମସିହା ସୁଦ୍ଧା 'ନେଟ ଜିରୋ କାର୍ବନ କମ୍ପାନୀ' ଭାବେ ମୁଣ୍ଡଟେକି ଠିଆ ହେବ। ସମ୍ପ୍ରତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଉଦ୍‌ଜାନ ଶକ୍ତି, ପବନ ଶକ୍ତି, ସୌରଶକ୍ତି, ଫୁଏଲ ସେଲ୍‌ସ ଏବଂ ବ୍ୟାଟେରି କ୍ଷେତ୍ରରେ ମଲ୍ଟି ବିଲିୟନ ଡଲାରର ପୁଞ୍ଜି ଲଗାଣ କରିବାକୁ ଯୋଜନା କରୁଛି, ଯାହା ଫଳରେ କି ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ 'ନ୍ୟୁ ଏନର୍ଜି' କମ୍ପାନୀ ଭାବେ ଉଦ୍‌ଭାସିତ ହେବ। ଟାଟା କମ୍ପାନୀ ମଧ ଦୃଢ ସଙ୍କଳ୍ପ ପ୍ରଦାନ କରିଛି ଯେ, ସେମାନେ କୋଇଲା ସେକ୍ଟରରୁ ନିଜକୁ ମୁକ୍ତି ଦେଇ ଅଣପାରମ୍ପରିକ ଶକ୍ତି, ଇଲେକ୍ଟ୍ରିକ ଭେହିକଲ୍ ଏବଂ ଉଦ୍‌ଜାନଭିତ୍ତିକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଦ୍ରୁତ ପଦକ୍ଷେପ ନେଉଛନ୍ତି। ଠିକ୍ ସେହିପରି ମହିନ୍ଦ୍ରା କମ୍ପାନୀ ମଧ ନିଜର କାର୍ଯ୍ୟଧାରା ଓ ପରିଚାଳନା ଶୈଳୀକୁ ପ୍ୟାରିସ ରାଜିନାମାର ବିଜ୍ଞାନଭିତ୍ତିକ ଲକ୍ଷ୍ୟସ୍ଥଳ ଢାଞ୍ଚାରେ ରୂପରେଖ ଦେବାକୁ ଚାହୁଁଛନ୍ତି ଏବଂ ଆଦାନି ଗ୍ରୁପ ମଧ ସୌରଶକ୍ତି କ୍ଷେତ୍ରରେ ପ୍ରଚୁର ପରିମାଣର ପୁଞ୍ଜିନିବେଶ କରୁଛନ୍ତି ଯଦ୍ଦ୍ୱାରା କି ସେମାନେ ବିଶ୍ୱର ସର୍ବ ବୃହତ 'ଗ୍ରୀନ ଏନର୍ଜି ଏଣ୍ଟରପ୍ରାଇଜ' ବା ସବୁଜଶକ୍ତି ପ୍ରତିଷ୍ଠାନ ଭାବେ ବିଶ୍ୱବିଦିତ ହେବେ। ଏ ସମସ୍ତ ପ୍ରକଳ୍ପ ରୂପାୟିତ ହେଲେ ଏହିସବୁ କମ୍ପାନୀ 'କ୍ଲାଇମେଟ ଚାମ୍ପିୟନ' ବା ଜଳବାୟୁ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ପ୍ରତିଦ୍ୱନ୍ଦ୍ୱୀ ଭାବେ ସାବ୍ୟସ୍ତ ହେବେ ଏବଂ ଭାରତବର୍ଷର ମୁଖ ଉଜ୍ଜ୍ୱଳ କରିବେ। ଯଦିଓ ଏ ସମସ୍ତ ଘୋଷଣାନାମା ଏବଂ ପୁଞ୍ଜି ଲଗାଣ ଅତ୍ୟନ୍ତ ଉତ୍ସାହଜନକ, ହେଲେ ସତ କଥାଟି ହେଲା ଏ ସମସ୍ତ ଶିଳ୍ପ ଗୋଷ୍ଠୀଙ୍କ ଭିତରୁ ଅନେକ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଏବେ ବି ପୁଞ୍ଜି ଲଗାଣ ଜାରି ରଖିଛନ୍ତି।

ସେମାନଙ୍କ ଆର୍ଥିକ ଶକ୍ତି ଏବଂ ଦେଶର ପଲିସି ଉପରେ ସେମାନଙ୍କ ପ୍ରଭାବକୁ ଦୃଷ୍ଟିଗୋଚର କଲେ ଆମେ ଲକ୍ଷ୍ୟ କରିବା ଯେ, ଜଳବାୟୁ ପରିବର୍ତ୍ତନ ଆବଶ୍ୟକ କରୁଥିବା ରୂପାନ୍ତରିତ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଶିଳ୍ପ ସମୃଦ୍ଧ ପରିବାରଗୁଡ଼ିକର ଅଙ୍ଗୀକାରବଦ୍ଧତାର ଆବଶ୍ୟକତା ପଡିବ। ତାଙ୍କ ପରବର୍ତ୍ତୀ ପିଢ଼ିକୁ ତଦନୁଯାୟୀ ଗଢି ତୋଳିବାର ଦାୟିତ୍ୱ ଆମ ସଭିଙ୍କ କାନ୍ଧରେ ନ୍ୟସ୍ତ, ଯଦ୍ଦ୍ୱାରା ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରାଟେଜିର ଅଂଶ ବିଶେଷ ହେବା ସଙ୍ଗେ ସଙ୍ଗେ 'କ୍ଲାଇମେଟ ଆକ୍ସନ'ର ଚାମ୍ପିୟନ ସାଜି ସବୁଜ ଭବିଷ୍ୟତ ଆଡ଼କୁ ପଦଯାତ୍ରା କରିବେ। ଏହି ମୁକୁଟ ବିହୀନ ଶିଳ୍ପ ସମ୍ରାଟମାନଙ୍କୁ ରାଷ୍ଟ୍ରର ନୂତନ ଆବଶ୍ୟକତା ଓ ବାସ୍ତବତା ସମ୍ବନ୍ଧରେ ଅତ୍ୟନ୍ତ ବିଶ୍ୱାସଜନକ ଭାବରେ ହୃଦ୍‌ବୋଧ କରାଇବାକୁ ପଡ଼ିବ ଏବଂ ସେମାନଙ୍କ କାନେ କାନେ ମନ୍ତ୍ର ଫୁଙ୍କି କହିଦେବାକୁ ପଡ଼ିବ ଯେ, ଆମର ଉତ୍ତର ପୁରୁଷ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ଜଳବାୟୁ ପ୍ରପୀଡ଼ିତ ବିଶ୍ୱର ଉତ୍ତରାଧିକାରୀ ହେବାକୁ ଯାଉଛନ୍ତି। ପାରିବାରିକ ଧନ ସମ୍ପତ୍ତି ଅସୀମ ସୁରକ୍ଷା ପ୍ରଦାନ କରିପାରିବ ନାହିଁ କିନ୍ତୁ ଏହି ଅଜସ୍ର ଧନସମ୍ପଦ ଓ ପ୍ରାଚୁର୍ଯ୍ୟତାର ଯଦି ବିଜ୍ଞତାପୂର୍ବକ ସୁବିନିଯୋଗ କରାଯାଇପାରିବ ତେବେ ଏହି ଧରିତ୍ରୀ ସମଗ୍ର ବିଶ୍ୱବାସୀଙ୍କ ପାଇଁ ସ୍ୱର୍ଗର ନନ୍ଦନକାନନ ପାଲଟିଯିବ।

ବି-୩ ,ଏଚ୍‌ଆଇଜି କଲୋନୀ
ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ- ୯୩୩୮୨୦୪୯୯୩

# ଚନ୍ଦ୍ରପୃଷ୍ଠରେ ଜନବସତି

ଡ. ନରେନ୍ଦ୍ର ସେଠୀ

ଜହ୍ନମାମୁ ଆଡ଼େ ହାତ ଦେଖେଇ ମାଆ ଆମକୁ ପିଲାବେଳେ ଖୁଆଇ ଦେଉଥିବା ସମସ୍ତଙ୍କ ମନେଥିବ। ଜହ୍ନ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ଧର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି। ୫୦ ବର୍ଷ ପୂର୍ବେ ଶେଷ ଥର ମଣିଷ ଜହ୍ନ ଉପରେ ପାଦ ରଖିଥିଲା। ବିଜ୍ଞାନର ଅପାର ସଫଳତା ଭିତରେ ଏହା ସବୁଠୁ ବଡ଼ ଐତିହାସିକ ଘଟଣା ଥିଲା କହିଲେ ଭୁଲ୍ ହବନି। ସେଦିନ ପରେ ମଣିଷର ଚନ୍ଦ୍ର ବା ଜହ୍ନ ପ୍ରତି ଥିବା କୌତୂହଳ ଅନେକାଂଶରେ ଦୂର ହୋଇଥିଲା ଓ ଏହା ଯେ ପୃଥିବୀ ପରି ମାଟି ପଥରରେ ଗଢ଼ା, ଏହା ଭୂଖଣ୍ଡରୁ କିଛି ଅଧିକ ନୁହେଁ ଜାଣିଲା। ତଥାପି ହିନ୍ଦୁ ଧର୍ମର ଅନେକ ପର୍ବପର୍ବାଣି ଯେମିତି କୁମାର ପୂର୍ଣ୍ଣିମା, ତିଜ୍ ଓ ମୁସଲମାନଙ୍କର ଇଦ୍ ଓ ରମ୍‌ଜାନରେ ଜହ୍ନର ଧାର୍ମିକ ଗୁରୁତ୍ୱ ଅକ୍ଷୁଣ୍ଣ ରହିଛି ଓ ରହିଥିବ। ତେବେ ପୃଥିବୀ ଉପରେ ସରି ଆସୁଥିବା ପ୍ରାକୃତିକ ସମ୍ପଦ, ପାରମ୍ପରିକ ଇନ୍ଧନ, ଜନସଂଖ୍ୟା ବିସ୍ଫୋଟ, ଖାଦ୍ୟ ସମସ୍ୟା, ଅସ୍ତିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି କରୁଥିବା ବୈଶ୍ୱିକ ମହାମାରୀ ଯୋଗୁ ବିଜ୍ଞାନ ସହାୟତାରେ ମଣିଷ ବସତି ସ୍ଥାପନ ପାଇଁ ଅନ୍ୟ ଗ୍ରହ ଉପଗ୍ରହ ଆଡ଼େ ମନ ବଳେଇଛି। ପୃଥିବୀ ବାହାରେ ଜନବସତି ପାଇଁ ମଙ୍ଗଳ ଗ୍ରହ ଓ ଚନ୍ଦ୍ରକୁ ମଣିଷ ବେଶି ନିକଟତର ହୋଇ ବିଚାରକୁ ନେଇଛି। ଯଦିଓ ଏଯାଏ ମଙ୍ଗଳ ଗ୍ରହରେ ମଣିଷ ପାଦ ପଡ଼ିନି ତେବେ ଯା ଭିତରେ ଅନେକ ଦେଶର ବୈଜ୍ଞାନିକ ନିଜ ନିଜ ଜ୍ଞାନ କୌଶଳର ପ୍ରଦର୍ଶନ ସ୍ୱରୂପ ଜହ୍ନରେ ଜନବସତି ସ୍ଥାପନ କରିବାକୁ ପ୍ରୟାସ କଲେଣି। ଏପରି କି ଘରୋଇ କମ୍ପାନୀ ସ୍ପେସେକ୍ସ ଚନ୍ଦ୍ର ପୃଷ୍ଠକୁ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ବ୍ୟବହାର କରିବାକୁ ଆଗେଇ ଆସିଲାଣି। କିଛି ଲୋକ ଜହ୍ନରେ ଜାଗା କିଣିବାର ଶୁଣିବାକୁ ମିଳେ ; ଯାହା ଆନ୍ତର୍ଜାତିକ ମହାକାଶ ଚୁକ୍ତିନାମା ଅନୁଯାୟୀ ଅସମ୍ଭବ। ତେବେ ବୈଜ୍ଞାନିକମାନଙ୍କର ଜହ୍ନ ପ୍ରତି ଏତେ ଆକର୍ଷିତ ହେବାର ଆହୁରି ଅନେକ କାରଣ ମଧ ଅଛି। ସୂଚନାଯୋଗ୍ୟ ଯେ, ଜହ୍ନରେ ମାଧ୍ୟାକର୍ଷଣ ବଳ ପୃଥିବୀଠାରୁ ଛ' ଗୁଣ କମ୍। ଫଳରେ ଏଠି ଇନ୍ଧନ କମ୍ ଖର୍ଚ୍ଚ ହେବ ଓ ଗମନା ଗମନ ପାଇଁ ଖର୍ଚ୍ଚ ପୃଥିବୀ ଅପେକ୍ଷା କମ୍ ଲାଗିବ। ତା' ଛଡ଼ା ଖଣିଜ ପଦାର୍ଥର ଉତ୍ତୋଳନ କରି ହେବ। ବଡ଼ ବଡ଼ ସୂଚନା ଉପକରଣ ଲଗେଇ ପୃଥିବୀ ସହିତ ଖୁବ୍ ସହଜରେ ଯୋଗାଯୋଗ କରିହେବ। ସାମାନ୍ୟ ମାଧ୍ୟାକର୍ଷଣ ବଳ ଯୋଗୁ ଚନ୍ଦ୍ରପୃଷ୍ଠରୁ ସହଜରେ ମହାକାଶର ଅନ୍ୟ ଗ୍ରହକୁ ଉପଗ୍ରହ ପ୍ରକ୍ଷେପଣ କରିବାରେ ସୁବିଧା ହେବ।

ମହାକାଶରେ ଚନ୍ଦ୍ର ପୃଥିବୀର ସବୁଠୁ ନିକଟରେ ଅବସ୍ଥିତ। ତେଣୁ ସେଠାକୁ ସହଜରେ ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷ ଯେମିତି ସ୍ପେସ ସୁଟ, ହାଇଡ୍ରୋଫୋନିକ ଯନ୍ତ୍ରାଂଶ, ଔଷଧ, ଫିଉଜନ ରିଆକ୍ଟର, ସୋଲାର ପ୍ୟାନେଲ ଇତ୍ୟାଦି ସହଜରେ ପହଞ୍ଚେଇ ଦିଆଯାଇ ପାରିବ। ତେଣୁ ମହାକାଶରେ ମଣିଷର ପ୍ରଭୁତ୍ୱର ପାଦଚିହ୍ନ ପକେଇବା ପାଇଁ ଖାଦ୍ୟ, ଇନ୍ଧନ, ବାସସ୍ଥାନ ଓ ଆନୁଷଙ୍ଗିକ ବ୍ୟବସ୍ଥା ତିଆରି ଲାଗି ଚନ୍ଦ୍ରପୃଷ୍ଠ ଏକ ଉପଯୁକ୍ତ ସ୍ଥାନ। ଚନ୍ଦ୍ରପୃଷ୍ଠରେ ଅନେକ ପରିମାଣରେ ହିଲିୟମ-୩ ଅଛି ; ଯାହା ଭବିଷ୍ୟତରେ ଫିଉଜନ ଶକ୍ତି ଉତ୍ସ ଭାବରେ ବ୍ୟବହାର କରି ହେବ। ଚନ୍ଦ୍ରପୃଷ୍ଠର ମାଟି ନମୁନା ପରୀକ୍ଷା କରି ୟୁରୋପୀୟନ ସ୍ପେସ ଏଜେନ୍ସି ଏଥିରେ ୪୦ରୁ ୪୫% ଅମ୍ଳଜାନ ଥିବାର ପ୍ରମାଣ ପାଇଛି ; ଫଳରେ ଜୀବନ ଦାୟୀ ଅମ୍ଳଜାନ ଉତ୍ପାଦନ କରି ଜନବସତି ସ୍ଥାପନ କରିବାରେ ସହାୟକ ହେବ ବୋଲି କୁହାଯାଏ। ଜୀବନ ପାଇଁ ସବୁଠୁ ବଡ଼ ଦରକାରୀ ଜିନିଷ ହେଲା ପାଣି। ଭାରତର ଚନ୍ଦ୍ରାୟନ ମିଶନ ଓ ନାସାର ଲୁନାର ମିଶନ ଜହ୍ନରେ ପାଣି ଥିବାର ସନ୍ଧାନ ପାଇଛନ୍ତି। ଏହା ସତ୍ତ୍ୱେ ମଧ ଚନ୍ଦ୍ରରେ ଜନବସତି ତିଆରି କରି ରହିବା ଏକ ଜଟିଳ ପ୍ରକ୍ରିୟା। ଆସନ୍ତା ଦଶନ୍ଧି ମଧ୍ୟରେ ଚାଇନା, ଆମେରିକା ଓ ରୁଷିଆ ପ୍ରଭୃତି ଦେଶଗୁଡ଼ିକ ନିଜ ନିଜର ମାନବ କଲୋନି ଚନ୍ଦ୍ର ଉପରେ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ନାସା ଏ ଦିଗରେ ପାଦେ ଆଗକୁ ଯାଇ ୧୫ ମିଲିୟନ ଡଲାରର ଏକ ପାଞ୍ଚ ବର୍ଷିଆ ଗବେଷଣା କାର୍ଯ୍ୟର ମଞ୍ଜୁରୀ ପ୍ରଦାନ କରିଛି। ପ୍ରାରମ୍ଭିକ ସ୍ତରରେ ନାସା ସୂକ୍ଷ୍ମ ଫଙ୍ଗସମାନଙ୍କ ପାଇଁ ଏକ ଘର ତିଆରି କରି ଚନ୍ଦ୍ର ପୃଷ୍ଠରେ ପରୀକ୍ଷାମୂଳକ ଜନବସତି ସ୍ଥାପନ କରିବାକୁ ଯାଉଛି। ଅତି ସହଜରେ ନିର୍ମାଣ କରି ହେଉଥିବା କଇଁଛ ଆକାରର ଏକ ସ୍ୱତନ୍ତ୍ର ଘର ମଧ ଡିଜାଇନ କରାଯାଇଛି। ଏହି ଘରେ ପାଣି ଦେଲା ମାନେ ବ୍ୟାକ୍ଟେରିଆ ଓ ଫଙ୍ଗୀମାନେ ବଂଶ ବିସ୍ତାର କରିପାରନ୍ତି। ଏତେ ସବୁ ଦେଶର ଚନ୍ଦ୍ରପୃଷ୍ଠରେ ଜନବସତି ସ୍ଥାପନ କରିବାର ଉଦ୍ଦେଶ୍ୟ ମଧ୍ୟରେ ସବୁଠୁ ବଡ଼ କାରଣ ହେଲା ଗଚ୍ଛିତ ଖଣିଜ ଲବଣକୁ ହାତେଇବା। ୟୁରୋପୀୟନ ସ୍ପେସ ଏଜେନ୍ସି ୨୦୨୫ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ବିରଳ ଖଣିଜ ଲବଣ ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛି। ଏକ ଅନୁମାନରୁ ଜଣାଯାଏ ଯେ, ଚନ୍ଦ୍ରପୃଷ୍ଠରେ ଥିବା ଅପାର ହିଲିୟମ-୩କୁ ପୃଥିବୀକୁ ଅଣାଯାଇ ଆଣବିକ ବିଜୁଳି ଉତ୍ପାଦନ କରାଯାଇପାରିବ ; ଫଳରେ ତୀବ୍ର ଗତିରେ ହ୍ରାସ ପାଉଥିବା ପାରମ୍ପରିକ ଇନ୍ଧନ ସମସ୍ୟାର ଏକ ଆଶୁ ଉପାୟ ମିଳିବ। ସବୁଠୁ ବଡ଼ କଥା ହେଲା ଚନ୍ଦ୍ରପୃଷ୍ଠରୁ ପୃଥିବୀକୁ ଉତ୍ତୋଳିତ ଖଣିଜ ଲବଣକୁ ଅତି ସହଜରେ ଲିନିୟର ଆକ୍ସିଲେଟର କିମ୍ବା ହିଲିୟମ-୩ ଆଣବିକ ଶକ୍ତି ଚାଳିତ ଯାନରେ ପହଞ୍ଚେଇ ହେବ। ତେଣୁ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ବସତି ସ୍ଥାପନ କରିବା ପଛରେ ଅପାର ବାଣିଜ୍ୟିକ ସମ୍ଭାବନା ମଧ ଅଛି।

ପାଣି ଓ ଅମ୍ଳଜାନ ଭଳି ସୁବିଧା ମିଳିବା ପରେ ମଧ ଜହ୍ନ ଉପରେ ଘର କରିବା କଷ୍ଟକର ବ୍ୟାପାର। ଏଠାରେ ତାପମାତ୍ରା ଦିନରେ ୨୫୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ରାତିରେ -୨୦୦ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ଯାଇଥାଏ। ଛୋଟ ଛୋଟ ଉଲ୍‌କା ପିଣ୍ଡଗୁଡ଼ିକ ଗୁଳି ବେଗରେ ବେଳେ ବେଳେ ଚନ୍ଦ୍ରପୃଷ୍ଠରେ ବର୍ଷିଥାଆନ୍ତି। ଘଣ୍ଟା ଘଣ୍ଟା ଧରି ବଡ଼ ଧରଣର ଭୂମିକମ୍ପ ହୋଇଥାଏ। ଖାଲି ଆଖିରେ ଅନେଇଲେ ଭୟଙ୍କର ବିକିରଣ ସମସ୍ୟାକୁ ସାମ୍ନା କରିବାକୁ ପଡ଼େ। ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ଏକ ଉପଯୁକ୍ତ ଘର ଡିଜାଇନ କରିବା ବୈଜ୍ଞାନିକମାନଙ୍କର ପ୍ରଥମ ଲକ୍ଷ୍ୟ ହୋଇପଡିଛି ; ଯାହା ଭିତରେ ପାଣି, ପବନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଥିବ। କେତେକ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ଥିବା ମୃତ ଆଗ୍ନେୟଗିରିର ସୁଡ଼ଙ୍ଗକୁ ବାସ ଉପଯୋଗୀ କରିବା ପାଇଁ ଯୁକ୍ତି ମଧ ବାଢ଼ିଛନ୍ତି। ତେବେ ଏକଥା ନିଶ୍ଚିତ ଯେ ଆଗାମୀ ଦଶନ୍ଧି ଭିତରେ ମଣିଷ ତା'ର ପ୍ରଭୁତ୍ୱକୁ ଚନ୍ଦ୍ର ପୃଷ୍ଠ ଉପରେ ଜମେଇ ସାରିଥିବ। ଶେଷରେ ଏତିକି କୁହାଯାଇ ପାରେ ଯେ, ଭବିଷ୍ୟତରେ ଚନ୍ଦ୍ରପୃଷ୍ଠରେ ଅନେକ ଗାଁଗଣ୍ଡା ଗଢ଼ି ଉଠିବ ଓ ଦେଶ ବିଦେଶର ଲୋକ ନିଜର ଅସ୍ଥାୟୀ ବାସ ସ୍ଥାନ ରୂପେ ଚନ୍ଦ୍ରପୃଷ୍ଠକୁ ବାଛି ନେବେ।

ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ
ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ
ପରୀକ୍ଷାଗାର, ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ,
ମୋ-୭୦୦୪୦୬୮୧୧୦

## ଏଇ ଭାରତରେ

ଲକ୍‌ଡାଉନ ଦୁଃଖ ଦେଇଥିଲେ ବି ମହାରାଷ୍ଟ୍ରର ୧୧ ଜଣ କୃଷକଙ୍କ ପାଇଁ ଏହା ଆଣିଛି ଏକ ବଡ଼ ସୁଯୋଗ। ଏହାକୁ ସେମାନେ ଉପଯୋଗ କରି ଶହ ଶହ କୃଷକଙ୍କୁ ଆୟର ପନ୍ଥା ଯୋଗାଇଦେଇଛନ୍ତି। ଅହମଦନଗରର ଏହି କୃଷକମାନେ 'କିଷାନ କନେକ୍ଟ' କମ୍ପାନୀ ପ୍ରତିଷ୍ଠା କରି ଲକ୍‌ଡାଉନ ସମୟରେ ପରିବା ବିକ୍ରି ଆରମ୍ଭ କରିଥିଲେ। ଏହି କମ୍ପାନୀ ପ୍ରତିଷ୍ଠା କରିବାର ମୁଖ୍ୟ ଭୂମିକାରେ ରହିଛନ୍ତି ୩୯ ବର୍ଷୀୟ ମନୀଷ ମୋରେ। ମନୀଷ କୃଷିରେ ସ୍ନାତକ ଡିଗ୍ରୀ ହାସଲ କରି ଚାକିରି କରିଥିଲେ ଓ ୨୦୦୮ରେ ଚାକିରି ଛାଡ଼ି ଚାଷ ଆରମ୍ଭ କରିଥିଲେ। କୃଷକମାନେ କମ୍ପାନୀ ମାଧ୍ୟମରେ ମୁମ୍ବାଇ, ପୁଣେ ସହରରେ ପରିବା ବିକ୍ରିକରି ମୋଟା ଅଙ୍କର ଲାଭ ପାଇପାରିଛନ୍ତି। ସେମାନେ ସୋସିଆଲ ମିଡିଆରେ ଲୋକଙ୍କ ସହ ଯୋଗାଯୋଗ କରି ପରିବା ବିକ୍ରି କରୁଛନ୍ତି। କୌଣସି ମଧ୍ୟସ୍ଥଙ୍କର ଆବଶ୍ୟକତା ପଡୁନାହିଁ। ୧୧ଜଣ କୃଷକ ସେମାନଙ୍କ ଯାତ୍ରା ଆରମ୍ଭ କରି ଏବେ ବିଭିନ୍ନ ଅଞ୍ଚଳର ୪୮୦ ଜଣ କୃଷକଙ୍କୁ କମ୍ପାନୀ ସହ ଯୋଡ଼ିପାରିଛନ୍ତି। ସେମାନଙ୍କ ମାଧ୍ୟମରେ ପରିବା ସଂଗ୍ରହ କରାଯାଉଛି ଓ ବିକ୍ରି କରାଯାଉଛି । ଏବେ ସୁଦ୍ଧା ସେମାନେ ୬.୬ କୋଟି ଟଙ୍କା ଲାଭ କରିପାରିଛନ୍ତି। ଲୋକଙ୍କଠାରୁ ଅର୍ଡର ପାଇବା ପରେ ୪ କେ.ଜି.ରୁ ୧୨ କେ.ଜି. ପରିବା ବାସ୍କେଟ୍‌କୁ ସେମାନଙ୍କ ଘରେ ୨୪ ଘଣ୍ଟା ମଧ୍ୟରେ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଏପ୍ରିଲ ୧୯୯୬

- ନୋବେଲ ପୁରସ୍କାର ବିଜେତା ତଥା ପୋଲାଣ୍ଡର ପୂର୍ବତନ ରାଷ୍ଟ୍ରପତି ଲୋକ୍‌ୱାଲେସା ନିଜର ପୁରୁଣା ଚାକିରି ଇଲେକ୍ଟ୍ରିସିଆନ ଭାବେ ପୁନଶ୍ଚ କାର୍ଯ୍ୟ ଆରମ୍ଭ କରିଛନ୍ତି।
- ତାମିଲନାଡୁରେ ମୁପାନାରଙ୍କ ନେତୃତ୍ୱରେ କଂଗ୍ରେସ (ଇ)ରୁ ବିଚ୍ଛିନ୍ନ ହୋଇଥିବା ଦଳକୁ ନିର୍ବାଚନ ଆୟୋଗ ତାମିଲ ମାନିଲ କଂଗ୍ରେସ ନାମ ଓ ସାଇକେଲ ଚିହ୍ନ ପ୍ରଦାନ କରିଛନ୍ତି।
- ବ୍ରହ୍ମପୁର ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମନୋନୟନପତ୍ର ଦାଖଲ।

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | 5 | | | 2 | | 0 | | 7 | | 1 | | |
| | 2 | | | E | 1 | | | | | | B | | 9 | |
| 0 | 6 | | | | | | | 7 | | 1 | | 8 | | |
| | | 9 | 4 | | | | | | 3 | C | 2 | | | E |
| | | A | | | | B | | | 9 | | | C | 3 | 2 |
| | | 0 | | | | | | | D | 9 | | 6 | 7 | C |
| | | | 8 | | | | C | | | 5 | | A | | B |
| 3 | A | 7 | | | E | | | 9 | | | | | 4 | |
| D | | | | | | 1 | | | | 3 | | | | |
| 5 | | | C | | | | | | | | 8 | | E | 1 |
| | 8 | 4 | | | | | | E | | | | | 1 | |
| | | | 1 | | A | | | 8 | | 2 | 9 | | | |
| | | 3 | E | | 4 | | | | | | 0 | | A | 7 |
| | | 6 | | | 3 | 0 | 7 | | 5 | | D | B | | |
| A | 1 | | | | | | | | C | | | 0 | 2 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | 2 | 5 | 7 | E | A | 4 | 3 | D | 0 | 1 | B | C | 8 |
| 4 | 1 | E | B | 6 | 8 | 5 | C | 7 | 3 | 9 | A | 2 | D | 0 |
| 7 | 0 | 3 | 1 | 9 | 4 | 2 | B | D | C | 8 | 5 | A | E | 6 |
| 8 | D | 5 | C | 0 | A | 9 | E | 6 | 2 | B | 4 | 3 | 7 | 1 |
| C | A | B | 3 | D | 2 | 0 | 8 | 1 | 6 | 7 | E | 9 | 5 | 4 |
| 1 | 2 | D | A | B | 3 | C | 9 | 4 | 7 | E | 8 | 6 | 0 | 5 |
| 5 | E | C | 0 | 8 | 9 | 7 | D | 2 | B | A | 6 | 1 | 4 | 3 |
| B | 7 | 6 | 2 | 1 | D | 3 | A | 5 | 0 | 4 | C | 8 | 9 | E |
| 0 | 4 | 9 | E | C | 6 | B | 1 | 8 | 5 | D | 3 | 7 | A | 2 |
| A | 3 | 8 | 4 | 5 | 7 | E | 6 | 0 | 9 | 1 | 2 | D | B | C |
| 2 | B | 4 | D | E | 1 | 6 | 3 | 9 | A | 5 | 0 | C | 8 | 7 |
| 3 | 8 | 7 | 9 | 4 | C | 1 | 0 | B | E | 2 | D | 5 | 6 | A |
| 9 | 6 | 0 | 8 | 3 | 5 | 4 | 7 | A | 1 | C | B | E | 2 | D |
| D | C | A | 6 | 2 | B | 8 | 5 | E | 4 | 3 | 7 | 0 | 1 | 9 |
| E | 5 | 1 | 7 | A | 0 | D | 2 | C | 8 | 6 | 9 | 4 | 3 | B |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଚାଷ ଓ ଚାଷୀଙ୍କୁ ଧୋକା

ମହାଶୟ,

ଦୁଃଖର ସହ କହିବାକୁ ପଡୁଛି ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ଲୋକ ଦେଖାଣିଆ ଯୋଜନାଗୁଡ଼ିକ କରୁଥିଲେ ମଧ ଚାଷୀ ସେଥିରେ ଉପକୃତ ହେବା ବଦଳରେ ପ୍ରତାରିତ ହେଉଛନ୍ତି। ଆଜିର ଦିନରେ ଯେଉଁ ଜମିରେ ଦିନେ ସୁନାର ଫସଲ ଲହଡ଼ି ମାରୁଥିଲା ଆଜି ସେ ଜମିରେ ହଜାର ହଜାର କୋଠାବାଡ଼ି ଛିଡ଼ା ହୋଇଛି। କୃଷି ଜମି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଅନେକ ଲୋକ ଚାଷ ଛାଡ଼ି ଦିନ ମଜୁରିଆ ଭାବେ କାର୍ଯ୍ୟ କଲେଣି। କୃଷକ ତା'ର ଉତ୍ପାଦିତ ସାମଗ୍ରୀ ବିକ୍ରି କରି ପାରୁନାହିଁ। ବିଲରେ ଫସଲ ପଚି ଯାଉଛି। ଲୋକଙ୍କୁ ଟଙ୍କିକିଆ ଚାଉଳ ଦେଇ ଚାଷୀମାନଙ୍କୁ ପ୍ରତାରିତ କରାଯାଉଛି। ଆଗାମୀ ଦିନରେ ସରକାର ଯଦି କୃଷି ଓ କୃଷକମାନଙ୍କ ଉପରେ ଧ୍ୟାନ ନ ଦିଅନ୍ତି ତେବେ 'ଆତ୍ମ ନିର୍ଭର ଭାରତ' ନୁହେଁ, ଆମେ ଥାଳ ଧରି ଅନ୍ୟ ରାଜ୍ୟକୁ ଭିକ ମାଗିବା ହିଁ ସାର ହେବ।

-ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଲିସ ଟୋପି ପିନ୍ଧି ଫଟୋ ଭାଇରାଲ: ଥାନାକୁ ଟଣାହେଲେ ଯନ୍ତ୍ରୀ



**ମାଲକାନଗିରି, ୨।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ବେହେରା ପୋଲିସ ଟୋପି ପିନ୍ଧି ହଟହଟା ହୋଇଛନ୍ତି। ଟୋପିର ଅପବ୍ୟବହାର ଏବଂ ଅବମାନନା କରିଥିବାରୁ ତାଙ୍କୁ ଥାନାକୁ ଯିବାକୁ ପଡ଼ିଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କୋଭିଡ୍-୧୯ ଯୋଗୁ ବିଭିନ୍ନ ଛକ ଜାଗାରେ ମାସ୍କ ଚେକିଂ କରାଯାଇ ସ୍କ୍ୱାଡ୍ ଜରିମାନା ଆଦାୟ କରୁଥିଲା। ସେହି ସ୍କ୍ୱାଡ୍‌ରେ ଜଣେ ପୋଲିସ ଗାଡ଼ିରେ ଟୋପିଟି ରଖି ଯାଞ୍ଚ କରୁଥିବା ବେଳେ ଯନ୍ତ୍ରୀ ବେହେରା ଉକ୍ତ ଟୋପିକୁ ନିଜ ମୁଣ୍ଡରେ ପିନ୍ଧି ସେଲ୍‌ଫି ଉଠାଇ ଏହି ଫଟୋକୁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଭାଇରାଲ କରିଥିଲେ। ପରେ ସେ ଏହାକୁ ଡିଲିଟ କରିଦେଇଥିଲେ। ଏହା ପୋଲିସ ଦୃଷ୍ଟିରୁ ଖସିପାରି ନ ଥିଲା। ଏହି ଘଟଣା ପାଇଁ ତାଙ୍କୁ ଓର୍କେଲ ଥାନା ପୋଲିସ ଥାନାକୁ ଡକାଇ ତଦନ୍ତ କରିଥିଲା। ବେହେରା ତାଙ୍କ ଭୁଲ୍ ସ୍ୱୀକାର କରିବା ପରେ ତାଙ୍କୁ ତାଗିଦ କରି ଛଡ଼ାଯାଇଥିବା ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି।

### କୂଅରୁ ହାତୀ ଛୁଆ ଉଦ୍ଧାର

**ବାରିପଦା ଅଫିସ/ରାସଗୋବିନ୍ଦପୁର /ଜଳେଶ୍ୱର, ୨।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଗାଁ ଅମର୍ଦା ବିଲରେ ଥିବା ୧୦ ଫୁଟ ଗଭୀର କୂଅରୁ ଶୁକ୍ରବାର ଏକ



ହାତୀଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଭୋରରେ ହାତୀ ଛୁଆଟି ପାଣି ପିଇବାକୁ ଯାଇ କୁଣ୍ଡରେ ପଡ଼ିଯାଇଥିଲା। ମା' ହାତୀର ଗର୍ଜନ ଶୁଣି ଆଖାପାଖ ଗାଁ ଲୋକେ ଆତଙ୍କିତ ହୋଇପଡିଥିଲେ। ଏକ ଦନ୍ତାହାତୀ ଓ ମା' ହାତୀ ବୋରୱେଲ ପାଖରେ ଜଗି ରହିଥିଲେ। ଖବର ପାଇ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଜେସିବି ମେଶିନ ସାହାଯ୍ୟରେ କୂଅକୁ ଭାଙ୍ଗି ଦେବା ପରେ ଉପସ୍ଥିତ ମା' ହାତୀ ଛୁଆଟିକୁ ଉଠାଇ ନେଇ ଜଙ୍ଗଲକୁ ପଳାଇ ଯାଇଥିଲା। ହାତୀଛୁଆର କୌଣସି କ୍ଷତି ହୋଇ ନ ଥିବା ରେଞ୍ଜର ପ୍ରଶାନ୍ତ ବେହେରା କହିଛନ୍ତି। ତେବେ ଗତ କିଛିଦିନ ଧରି ପଶ୍ଚିମବଙ୍ଗ ସୀମା ପଟୁ ଆସିଥିବା ହାତୀପଲରେ ୧୯ ହାତୀ ରହି ଜଙ୍ଗଲରେ ବୁଲୁଛନ୍ତି। ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।

# ୩୦ ମାସରେ ସରିବ ଫୁଲବାଣୀ ମେଡିକାଲ କଲେଜ ନିର୍ମାଣ

## ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ସମୀକ୍ଷା କଲେ

**ଭୁବନେଶ୍ୱର,(ବ୍ୟୁରୋ)/ ଫୁଲବାଣୀ ଅଫିସ,୨।୪**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି. କେ. ପାଣ୍ଡିଆନ ଏବଂ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାରଙ୍କ ସମେତ ଏକ ଉଚ୍ଚସ୍ତରୀୟ ଟିମ୍ ଶୁକ୍ରବାର କନ୍ଧମାଳ ଗସ୍ତ କରି ପ୍ରସ୍ତାବିତ ଫୁଲବାଣୀ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି।

୨୦୨୦ ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଫୁଲବାଣୀରେ ଏକ ମେଡିକାଲ କଲେଜ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ୧୦୦ ସିଟ୍ ରହିବା ସହ ୫୦୦ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ୩୦ ମାସରେ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ହସ୍ପିଟାଲ ନିର୍ମାଣ ପାଇଁ ୪୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଆବଶ୍ୟକ ନିର୍ମାଣ ସାମଗ୍ରୀ ଯୋଗାଇ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ନିକଟସ୍ଥ ପାହାଡ଼ରେ ବୃକ୍ଷରୋପଣ କରିବା ସହ ଡ୍ରେନ୍ ଓ ଜଳ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରିବାକୁ ଜଳସମ୍ପଦ ବିଭାଗକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।



ମେଡିକାଲ କଲେଜ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ ଓ ଅନ୍ୟମାନେ।

ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ୫-ଟି ସଚିବ ପରାମର୍ଶ ଦେଇଛନ୍ତି। ଡାକ୍ତରଖାନା ପରିସରରେ ରହୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ପାଇଁ ଉପଯୁକ୍ତ ଅନୁକୂଳ ବାତାବରଣ ସୃଷ୍ଟି କରିବା ସହ ସେମାନଙ୍କ ପରିବାର ପାଇଁ ଅବସର ବିନୋଦନ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମର ବ୍ୟବସ୍ଥା କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଜାତୀୟ ରାଜପଥ ନିକଟରେ ଥିବାରୁ ଦୁର୍ଘଟଣା ଏଡ଼ାଇବା ପାଇଁ ଟ୍ରାଫିକ୍ ସମସ୍ୟା ଦୂର କରିବା ଏବଂ ଅଟୋ ଓ ଟ୍ୟାକ୍ସି ଲାଗି ବିକଳ୍ପ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି।

ହସ୍ପିଟାଲ ପରିସରରେ ୩୦୦ ବେଡ୍‌ର ଏକ ଛାତ୍ରାବାସ, ୧୫୦ ସିଟ୍‌ର ଏକ ଛାତ୍ରୀ ନିବାସ, ୬୫୦ କ୍ଷମତା ବିଶିଷ୍ଟ ଅଡିଟୋରିୟମ, ୧୦୦ ସିଟ୍ ବିଶିଷ୍ଟ ଆବାସିକ ଡାକ୍ତର ନିବାସ ଏବଂ ଡାକ୍ତର ଓ ନର୍ସମାନଙ୍କ ରହଣି ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯିବ। ଉଚ୍ଚସ୍ତରୀୟ ଟିମ୍ ଏଜେଓ ସରକାରୀ ହାଇସ୍କୁଲ ଏବଂ ସରକାରୀ ବାଳିକା ହାଇସ୍କୁଲକୁ ବୁଲି ଯାଇଥିଲେ। ମୋ ସ୍କୁଲ ଅଭିଯାନରେ ଉଭୟ ହାଇସ୍କୁଲକୁ ଟ୍ରାନ୍ସଫରମେଟିଭ ଇନିସିଏଟିଭ୍‌ରେ ଚୟନ କରାଯାଇଛି। ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବ ସ୍କୁଲର ଶିକ୍ଷକ, ପୁରାତନ ଛାତ୍ର, ସ୍କୁଲ ମ୍ୟାନେଜମେଣ୍ଟ କମିଟି ଏବଂ ଛାତ୍ରୀଛାତ୍ରମାନଙ୍କ ସହ ଭାବବିନିମୟ କରିଥିଲେ। ସେମାନଙ୍କ ମତାମତ ଗ୍ରହଣ କରି ସ୍କୁଲର ସ୍ମାର୍ଟ କ୍ଲାସ୍‌ରୁମ୍, ଲାଇବ୍ରେରୀ, ଭିତ୍ତିଭୂମି ଉନ୍ନୟନ, କ୍ରୀଡ଼ା ସୁବିଧାର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲାପାଳ ଏବଂ ଏସ୍‌ପି ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। କୋଭିଡ୍ ପରିସ୍ଥିତିକୁ ଦେଖି ସତର୍କ ରହିବା ସହ ସ୍କୁଲରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାପାଳ ଡା.ବୃନ୍ଦା ଡି, ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିଶ୍ୱରଞ୍ଜନ ନାୟକ, ଏସ୍‌ପି ଭିନିତ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।

ଉଚ୍ଚସ୍ତରୀୟ ଟିମ୍ ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ଆସି ଗୁଦାରୀସ୍ଥିତ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇଥିଲେ। ସେଠାରୁ କାର ଯୋଗେ ଆସି ଫୁଲବାଣୀ ସହରଠାରୁ ୩/୪ କିମି ଦୂର ତିଲକପଡ଼ା ନିକଟରେ ପ୍ରସ୍ତାବିତ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ।

# ଝାରସୁଗୁଡ଼ାରୁ ଚେନ୍ନାଇକୁ ଉଡ଼ିଲା ବିମାନ



ଚେନ୍ନାଇରୁ ଆସି ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିଥିବା ସ୍ପାଇସ୍ ଜେଟ୍ ବିମାନ।

## ପ୍ରଥମ ଦିନରେ ଯାତ୍ରା କଲେ ୧୭୭ ଯାତ୍ରୀ

**ଝାରସୁଗୁଡ଼ା ଅଫିସ,୨।୪**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନ ବନ୍ଦରରୁ ଚେନ୍ନାଇକୁ ଶୁକ୍ରବାର ବିମାନ ସେବା ଆରମ୍ଭ ହୋଇଛି। ସ୍ପାଇସ୍ ଜେଟ୍ ବିମାନ ଚେନ୍ନାଇରୁ ୮୪ଜଣ ଯାତ୍ରୀଙ୍କୁ ଧରି ଝାରସୁଗୁଡ଼ା ବିମାନ ବନ୍ଦରରେ ଅପରାହ୍ନ ୩ଟା ୨୦ରେ ପହଞ୍ଚିଥିଲା। ପରେ ଏହି ବିମାନ ୯୩ଜଣ ଯାତ୍ରୀଙ୍କୁ ନେଇ ଝାରସୁଗୁଡ଼ା ବିମାନ ବନ୍ଦରରୁ ୩ଟା ୫୦ରେ ଚେନ୍ନାଇ ଅଭିମୁଖେ ଯାତ୍ରା କରିଥିଲା। ଉଡାଣ ସମୟ ସାରଣୀ ମଧ୍ୟରେ ପ୍ରତିଦିନ ଏହି ବିମାନ ଅପରାହ୍ନ ୩ଟାରେ ଅବତରଣ କରିବ ଓ ସାଢେ ୩ଟାରେ ଉଡାଣ କରିବ। ପ୍ରଥମ ଦିନରେ ନିର୍ଦ୍ଦିଷ୍ଟ ସମୟର ୨୦ମିନିଟ୍ ବିଳମ୍ବରେ ଏହା ପହଞ୍ଚିଥିଲା ଓ ଛାଡିଥିଲା। ଏହି ବିମାନ ସେବା ସପ୍ତାହର ପ୍ରତିଦିନ ଚାଲିବ। ଏହା ପୂର୍ବରୁ ଦେଶର ପ୍ରମୁଖ ସହର ଦିଲ୍ଲୀ, କଲିକତା, ମୁମ୍ବାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଆଦି ସହରକୁ ବିମାନ ସେବା ଆରମ୍ଭ ହୋଇଥିଲା। ଆଗକୁ ଦେଶର ଅନ୍ୟାନ୍ୟ ସହର ସହ ଆକାଶପଥରେ ଯୋଡିବା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଏ ନେଇ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି କହିଛନ୍ତି, ଭିଏସ୍ଏସ୍ ବିମାନ ବନ୍ଦରରୁ ଚେନ୍ନାଇକୁ ବିମାନ ସେବା ଆରମ୍ଭ ହେବାପରେ ବିଶେଷ ଭାବେ ପଶ୍ଚିମ ଓଡିଶାର ୧୦ଜିଲା ସହିତ ଛତିଶଗଡ ଓ ଝାଡଖଣ୍ଡ ଆଦି ରାଜ୍ୟର ଲୋକେ ଉପକୃତ ହେବେ। ଲୋକେ ଉନ୍ନତ ଧରଣର ଚିକିତ୍ସାସେବା ପାଇପାରିବେ। ପର୍ଯ୍ୟଟନର ବିକାଶ ସାଙ୍ଗକୁ ହୋଟେଲ ବ୍ୟବସାୟ, ଟ୍ୟାକ୍ସି ପରିବହନ ସେବା କ୍ଷେତ୍ରରେ ଅଭିବୃଦ୍ଧି ହେବ।

# ୫୧ ସ୍ଥାନରେ ଲାଗିଛି ନିଆଁ




ବିଭାଗ ପକ୍ଷରୁ ଶିମିଳିପାଳ ଅଞ୍ଚଳରେ ସଚେତନ କରାଯାଉଛି।

## ଶିମିଳିପାଳ ଅଭୟାରଣ୍ୟ

### ଲିଭାଇବାକୁ ଯାଇ କର୍ମଚାରୀ ନୟାନ୍ତ

**ବାରିପଦା ଅଫିସ,୨।୪**

ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟରେ ଦିନକୁ ଦିନ ନିଆଁ ବଢିବାରେ ଲାଗିଛି। ଏକ ମାସ ଧରି ଅଭୟାରଣ୍ୟ ଜଳୁଥିବା ବେଳେ ଏହାକୁ ଆୟତ୍ତ କରିବାରେ ବନବିଭାଗର ଉଦ୍ୟମ ଫେଲ୍ ମାରିଛି। ଶୁକ୍ରବାର ୫୧ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡିବା ପରେ ବନ କର୍ମଚାରୀ, ଓଡ୍ରାଫ ଟିମ୍ ଓ ସ୍ଥାନୀୟ ଜନସାଧାରଣ ନିଆଁ ଲିଭାଇବାରେ ଲାଗି ପଡିଛନ୍ତି। ଗୋଟିଏପଟେ ଲାଗିଥିବା ନିଆଁକୁ ଆୟତ୍ତ କରିବା ବେଳକୁ ଅନ୍ୟପଟେ ନିଆଁ ଜଳୁଥିବାରୁ କର୍ମଚାରୀମାନେ ନୟାନ୍ତ ହୋଇପଡିଲେଣି। ଆବଶ୍ୟକ କର୍ମଚାରୀ ପଦବୀ ଫାଙ୍କା ପଡିଥିବା ଯୋଗୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଶିକାରୀମାନଙ୍କ ପାଇଁ ନିଆଁ ପ୍ରଶମିତ ହେବାରେ ବିଳମ୍ବ ହେଉଛି। ଅଭୟାରଣ୍ୟରେ ଥିବା ଜୀବଜନ୍ତୁ ଓ ବୃକ୍ଷଲତା ପୋଡି ପାଉଁଶ ହୋଇଯାଉଥିବାରୁ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ଅଭୟାରଣ୍ୟର ଦକ୍ଷିଣ ଡିଭିଜନର ୩୮ ଓ ଉତ୍ତର ଡିଭିଜନର ୧୩ଟି ସ୍ଥାନରେ ନିଆଁ ଲାଗିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍. ଜଗଜୟାନନ୍ଦ କହିଛନ୍ତି। ଏହାକୁ ଆୟତ୍ତ କରିବା ପାଇଁ ନିୟୋଜିତ ୬ଟି ଓଡ୍ରାଫ ଟିମ୍‌ର ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ସହ ଅଗ୍ନିଶମ, ୬୦୦ ବନ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଦକ୍ଷିଣରେ ଥିବା ଜେନାବିଲ, ଢୁକୁରା, ନଅଁଣା ସାଉଥ୍ ଓ ନର୍ଥ, ଉପରବାରାହାକୁମଡ଼ା, କେନ୍ଦୁମୁଣ୍ଡି, ପିଠାବଟା, ଚହଲା ଓ ଜାତୀୟ ଉଦ୍ୟାନ ରେଞ୍ଜର ବିଭିନ୍ନ ସେକ୍ସନର ବିଟ୍‌ରେ ଏହି ନିଆଁ ଦେଖିବାକୁ ମିଳୁଛି। ତେବେ ବୁଧବାର ୪୭, ଗୁରୁବାର ୩୭ ଓ ଶୁକ୍ରବାର ୫୧ଟି ସ୍ଥାନରେ ନିଆଁ ଜଳୁଥିବା ବେଳେ ସେଗୁଡିକୁ ଆୟତ୍ତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ ଜାରି ରହିଛି। ତେବେ ବର୍ଷା ଅଭାବରୁ ଶୁଖିଲା ପଡିଥିବା ଜଙ୍ଗଲର କାଠପତ୍ର ଖୁବ୍‌ଶୀଘ୍ର ନିଆଁରେ ପୋଡ଼ିଯାଉଛି। ତେବେ ନିଆଁ ଲାଗିବାର କାରଣ ଖୋଜି ବାହାର କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଦାବି କରୁଛନ୍ତି। ଏକ ମାସ ଧରି ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିବା ପରେ ମଧ୍ୟ ନିଆଁ ଲାଗିବା ବନ୍ଦ ହେଉନି। ଯଦି ଏବେଠାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଅଭୟାରଣ୍ୟ ଜଳି ପାଉଁଶ ହୋଇଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# କୋଟିପତି ଗଞ୍ଜେଇ ବ୍ୟବସାୟୀ ଗିରଫ

## ୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ବାରିପଦା,୨।୪**

୮ ମାସ ହେଲା ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କ ଉପରେ ନଜର ରଖିଥିଲା ସ୍ପେଶାଲ ସ୍କ୍ୱାଡ୍। ଶେଷରେ ଗୁରୁବାର ରାତିରେ ଉକ୍ତ ବ୍ୟବସାୟୀ ଘରେ ଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସେ ହେଲେ କପ୍ତିପଦା ଥାନା ଅଧୀନ କୟାଁଖୁଣ୍ଟା ଗ୍ରାମର ଶରତ ନାୟକ। ତାଙ୍କ ପୈତୃକ ଘରୁ ୪ଟି ଓ ଉଦଳା ସ୍ଥିତ ଘରୁ ୧୬ଟି ମୋଟ ୨୦ ବସ୍ତାରେ ସାଢ଼େ ୪ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏହାର ଅନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏହାବାଦ୍ ଘରୁ ନଗଦ ୫ ଲକ୍ଷ ୯୧ ହଜାର ଟଙ୍କା, ୫ ମୋବାଇଲ ଫୋନ, ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ଓ ପାସ୍‌ବୁକ ସହ ଦୁଇଟି ପଶ୍ଚିମବଙ୍ଗର ନମ୍ବର ଥିବା କାର୍ ମଧ୍ୟ ଜବତ କରିଛି ସ୍ପେଶାଲ ସ୍କ୍ୱାଡ୍। ବଡ଼ ବଡ଼ ବାକ୍ସରେ ବିକ୍ରି ଉଦ୍ଦେଶ୍ୟରେ ଥିବା ଛୋଟ ପ୍ୟାକେଟ୍ ମଧ୍ୟ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୯୫/୨୧) ରୁଜୁ କରି ଶରତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଦଳା ଓ କପ୍ତିପଦା ପୋଲିସ ସହାୟତାରେ ସ୍ପେଶାଲ ସ୍କ୍ୱାଡ୍ ଅଚାନକ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା।



ଜବତ ଗଞ୍ଜେଇ ଓ ଅନ୍ୟ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ଅଧିକ ତଥ୍ୟ ପଦାକୁ ଆସିବ ବୋଲି କପ୍ତିପଦା ଥାନାଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି।

ଶରତ ପୂର୍ବରୁ ନୁଦୁଡିହା ଛକରେ ଏକ ଜୋତା ଦୋକାନ କରିଥିବା ବେଳେ ଦୁଇବର୍ଷ ମଧ୍ୟରେ କୋଟିପତି ଗଞ୍ଜେଇ ବ୍ୟବସାୟୀ ହୋଇଯାଇଥିଲେ। କାର୍ ମାଧ୍ୟମରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଚେର ଲମ୍ବିଥିଲା। ସେ କପ୍ତିପଦା, ଉଦଳା ଅଞ୍ଚଳ ସମେତ ଜିଲା ଓ ଜିଲା ବାହାରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଏଥିରେ ଏକ ବଡ଼ ର୍ୟାକେଟ୍ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶୁକ୍ରବାର ମଧ୍ୟାହ୍ନରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଓ ମୟୂରଭଞ୍ଜ ଏସ୍‌ପି ସ୍ମିତ୍ ପି. ପରମାର କପ୍ତିପଦା ଥାନାରେ ପହଞ୍ଚି ଏକ ପ୍ରେସ୍ ଇସ୍ତାହାରରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

# କ୍ୟାମେରାରେ କଲରାପତରିଆ

## ଢେଙ୍କାନାଳ ଜିଲାରେ ୧୦ ବାଘ ଥିବା ଅନୁମାନ

**ଢେଙ୍କାନାଳ ଅଫିସ, ୨।୪**

ଢେଙ୍କାନାଳ ଜିଲାର ଏକ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଖଞ୍ଜାଯାଇଥିବା ଟ୍ରାପ୍ କ୍ୟାମେରାରେ ଶୁକ୍ରବାର କଏଦ ହୋଇଛି ଏକ କଲରାପତରିଆ ବାଘ। ତେବେ ଶିକାରୀଙ୍କ ଉପଦ୍ରବ ଏବଂ ଶିକାର ଆଶଙ୍କା ଥିବାରୁ ଉକ୍ତ ଜଙ୍ଗଲର ନାମ ଗୋପନ ରଖାଯାଇଛି। ଜିଲାର ୪ ରେଞ୍ଜ୍‌ରେ ୧୦ କଲରାପତରିଆ ବାଘ ଥିବା ଅନୁମାନ କରାଯାଉଛି। ତେବେ ଗୋଟିଏ କଲରାପତରିଆ କ୍ୟାମେରା ଲେନ୍ସକୁ ଆସିବା ପରେ ପ୍ରକୃତରେ ଏମାନଙ୍କ ସଂଖ୍ୟା କେତେ, ତାହା ଜାଣିବା ଲାଗି ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

ଜିଲାରେ ୮ ରେଞ୍ଜ୍‌ର ବିଭିନ୍ନ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ୬୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖୁଛି। ଶିକାରୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବାରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ଅଧିକ କ୍ୟାମେରା ଆଣି ଲଗାଇବାକୁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲଗାଯାଇଥିବା କ୍ୟାମେରାରେ କପିଳାସ ଅଭୟାରଣ୍ୟରେ ଉପଦ୍ରବ କରୁଥିବା ଏକ ଦନ୍ତାହାତୀ, ଜଙ୍ଗଲୀ ବାର୍‌ହା, ଗୟଳ, କୁଟୁରା, ଶାଳିଆପତନି, ଶମ୍ବର, ହରିଣର ଫଟୋଚିତ୍ର ମଧ୍ୟ କଏଦ ହୋଇଛି।



କଲରାପତରିଆ ବାଘ

ଗତବର୍ଷ କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ ଏକ ସଂରକ୍ଷିତ ଜଙ୍ଗଲରୁ ୨ କଲରାପତରିଆ ବାଘକୁ ଗୁଳିକରି ଶିକାର କରାଯାଇଥିଲା। ଏହାର ଛାଲ ବିକ୍ରି ପାଇଁ ଯୋଜନା ଚାଲିଥିବାବେଳେ ଗଁଦିଆ ଥାନା ସୋରିଷିଆପଦା ଅଞ୍ଚଳରେ ଚଢ଼ାଉ କରି କପିଳାସ ରେଞ୍ଜ କର୍ମଚାରୀ ଜଣେ ଶିକ୍ଷକଙ୍କ ସମେତ ୩ଜଣଙ୍କୁ ଧରିଥିଲେ। ଢେଙ୍କାନାଳ ଜିଲାକୁ ଶିକାର ମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ବନ କର୍ମଚାରୀଙ୍କୁ ଫାୟାରିଂ ତାଲିମ ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଢେଙ୍କାନାଳ ଜିଲାର ୪ ରେଞ୍ଜ୍‌ରେ ଅନ୍ୟୁନ ୧୦ କଲରାପତରିଆ ବାଘ ଥିବା ଅନୁମାନ କରାଯାଉଛି। ଏବେ ବିଭିନ୍ନ ଜଙ୍ଗଲରେ ୬୦ କ୍ୟାମେରା ଲଗାଯାଇଛି। ପ୍ରକୃତ ବାଘସଂଖ୍ୟା ଜାଣିବା ଲାଗି ଅଧିକ କ୍ୟାମେରା ବ୍ୟବହାର କରାଯିବ। ବାଘ ଠାବ ହୋଇଥିବା ଜଙ୍ଗଲ ନାମକୁ ଗୋପନ ରଖିବା ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOBS IN AIRPORT
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
Air Hostees, Graund Staff, Supervisor, Checker, Loader, Helper
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 9899166802

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
(ରହିବା ସୁବିଧା ଅଛି)
Ph : 9861925500
(Call Timing : 10.00 pm - 2.00 pm ମଧ୍ୟରେ)

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ୍ ଏବଂ ପଞ୍ଚାୟତ ରେ ରହି କାମକରିବା ପାଇଁ
10th/+2, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
7894509327

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

ଆବଶ୍ୟକ
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପ ପାଇଁ SUPERVISOR ଏବଂ SALESMAN ଆବଶ୍ୟକ।
Ph.-9437415530
7978975958

DIRECT JOINING
~CALL CENTER
~DATA ENTRY
~TELE CALLER
~AUTOCAD
~BACK OFFICE
~SECURITY
Qual. : +2, +3, ITI, Diploma
Salary : Rs.(6500 To 16000)
Age Below 32 years
9937529015, 9938809488

OMI COMPANY
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
Samantarpur,BBSR




newslaundry.com
INDIA DATA PORTAL
ISB Bharti Institute of Public Policy
ଆବେଦନ ପ୍ରକ୍ରିୟା ଉନ୍ମୁକ୍ତ
ଡାଟା ଜର୍ନାଲିଜମ୍ ଫେଲୋଶିପ୍
ବର୍ତ୍ତମାନ ଆବେଦନ କରନ୍ତୁ!
ଫେଲୋଶିପ୍ ଦରଖାସ୍ତ ଆହ୍ୱାନ କରାଯାଉଛି:
ଦି ନ୍ୟୁଜ୍‌ଲଣ୍ଡ୍ରି-ଇଣ୍ଡିଆ ଡାଟା ପୋର୍ଟାଲ, ଡାଟା ଜର୍ନାଲିଜମ୍ ଫେଲୋଶିପ୍‌ର ଉଦ୍ଦେଶ୍ୟ ହେଉଛି ଭାରତରେ ପରବର୍ତ୍ତୀ ଡାଟା ଜର୍ନାଲିଷ୍ଟମାନଙ୍କର ଏକ ପାରଙ୍ଗମ ଦଳକୁ ପ୍ରସ୍ତୁତ କରିବା।
ଫେଲୋଶିପ୍‌ର ପ୍ରଥମ ପର୍ଯ୍ୟାୟରେ, ୨ ଜଣ ଓଡ଼ିଆ ଭାଷା ଖବରଦାତାଙ୍କୁ ଫେଲୋ ଭାବେ ଚୟନ କରାଯିବ। ଫେଲୋମାନେ ଆଇଏନ୍‌ଆର୍ ୧୨,୦୦୦ ଟଙ୍କାର ଷ୍ଟାଇପେଣ୍ଡ ତଥା ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜନେସ୍, ମୋହାଲିରୁ ପ୍ରଶିକ୍ଷଣ ଓ ଗବେଷଣା ସହାୟତା ପାଇବେ। ପର୍ଯ୍ୟାୟ ୧ ଚାରି ସପ୍ତାହ ଅବଧିର ହେବ। ସେମାନଙ୍କର ପ୍ରଦର୍ଶନ ଏବଂ ପ୍ରଯୋଜିତ ଆଉଟପୁଟ୍ ଭିତ୍ତିରେ ଫେଲୋମାନେ ଫେଲୋଶିପ୍‌ର ପର୍ଯ୍ୟାୟ ୨ ଓ ପର୍ଯ୍ୟାୟ ୩କୁ ଉନ୍ନୀତ ହେବା ପାଇଁ ଯୋଗ୍ୟ ହେବେ। ପର୍ଯ୍ୟାୟ ୩ରେ ମୋହାଲିସ୍ଥିତ ଆଇଏସ୍‌ବି କ୍ୟାମ୍ପସ୍‌ରେ ଏକସପ୍ତାହବ୍ୟାପୀ ଅନ୍-ସାଇଟ୍ କାର୍ଯ୍ୟ ଅନ୍ତର୍ଭୁକ୍ତ ହେବ।
କିପରି ଆବେଦନ କରିବେ? ଇମେଲ୍ କରନ୍ତୁ - suhana@newslaundry.com
ଆବେଦନର ଶେଷ ତାରିଖ: ଏପ୍ରିଲ ୧୫, ୨୦୨୧
ଇଣ୍ଡିଆ ଡାଟା ପୋର୍ଟାଲ୍ ସମ୍ପର୍କରେ: ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜନେସ୍ (ଆଇଏସ୍‌ବି) ଦ୍ୱାରା ପୃଷ୍ଠପୋଷିତ "ଇଣ୍ଡିଆ ଡାଟା ପୋର୍ଟାଲ୍" ହେଉଛି ଖବରଦାତାଙ୍କୁ କୃଷି, ଆର୍ଥିକ ଅନ୍ତର୍ଭୁକ୍ତତା ଏବଂ ଅନ୍ୟାନ୍ୟ ସାମାଜିକ-ଅର୍ଥନୈତିକ ସୂଚକାଙ୍କ ସମ୍ପର୍କିତ ସୂଚନା, ତଥ୍ୟ ଏବଂ ଜ୍ଞାନ ପ୍ରତି ପହଞ୍ଚ, ଅନ୍ତଃକ୍ରିୟା ଏବଂ ଦୃଶ୍ୟମାନତା ଯୋଗାଉଥିବା ଏକ ୱାନ୍-ଷ୍ଟପ୍ ଓପନ୍-ଆକ୍ସେସ୍ ପୋର୍ଟାଲ। ଅଧିକ ଜାଣିବା ପାଇଁ www.indiadataportal.comରେ ଲଗ୍ ଇନ୍ କରନ୍ତୁ।
ନ୍ୟୁଜ୍‌ଲଣ୍ଡ୍ରି ସମ୍ପର୍କରେ: Newslaundry.com ଭାରତର ପ୍ରଥମ ସବ୍‌ସ୍କ୍ରିପ୍ସନ୍-ଚାଳିତ, ପାଠକ ସମର୍ଥନ ଆଧାରିତ ଡିଜିଟାଲ ଗଣମାଧ୍ୟମ ଅଟେ। ଗଣମାଧ୍ୟମର ସମୀକ୍ଷାମୂଳକ ପ୍ଲାଟଫର୍ମ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ନ୍ୟୁଜ୍‌ଲଣ୍ଡ୍ରି ଆଜି ଏକ ମଲ୍ଟି-ମିଡିଆ ଖବର ସଙ୍ଗଠନରେ ରୂପାନ୍ତରିତ ହୋଇଛି ଯାହା ୱେବ୍‌ରେ ସବିସ୍ତୃତ ଗ୍ରାଉଣ୍ଡ ରିପୋର୍ଟ, ଅନେକ ପୁରସ୍କାରପ୍ରାପ୍ତ ପଡ୍‌କାଷ୍ଟ ଏବଂ କାର୍ଯ୍ୟକ୍ରମ ତଥା ସାକ୍ଷାତକାର ଆଦି ପ୍ରସାରଣ କରୁଛି। ଟିମ୍‌ୱାର୍କସ ଆର୍ଟ ଭାଗୀଦାରିରେ ନ୍ୟୁଜ୍‌ଲଣ୍ଡ୍ରି ଦକ୍ଷିଣ ଏସିଆର ସର୍ବବୃହତ୍ ମିଡିଆ କନ୍‌କ୍ଲେଭ୍, 'ଦି ମିଡିଆ ରମ୍ବଲ୍' ମଧ୍ୟ ଆୟୋଜନ କରିଥାଏ। ଅଧିକ ଜାଣିବା ପାଇଁ, www.newslaundry.comରେ ଲଗ୍ ଇନ୍ କରନ୍ତୁ।
ଫେଲୋଶିପ୍ ଏବଂ ଆବେଦନ ପ୍ରକ୍ରିୟା ସମ୍ବନ୍ଧୀୟ ଅଧିକ ବିବରଣୀ ନିମ୍ନପ୍ରଦତ୍ତ ଲିଙ୍କ୍‌ରେ ଉପଲବ୍ଧ:
https://www.newslaundry.com/2021/03/05/newslaundry-and-india-data-portal-announce-data-journalism-fellowship

**ସଂକ୍ଷେପରେ**

## ଶ୍ରମଦାନ ବଦଳରେ ପାଇଲେ ଖାଦ୍ୟ ସାମଗ୍ରୀ

ମୁନିଗୁଡ଼ା,୨।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଆଗୁଳ ପଞ୍ଚାୟତର କନ୍ଧମାଦାଖାଲ ଗ୍ରାମରେ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଶ୍ରମଜୀବୀଙ୍କୁ ଶ୍ରମଦାନ ବିନିମୟରେ ଖାଦ୍ୟ ସାମଗ୍ରୀ ଦିଆଯାଇଛି। ଏହି ପଞ୍ଚଦିବସୀୟ ଶ୍ରମଦାନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଶୁକ୍ରବାର ୫୦ ଶ୍ରମଜୀବୀଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ଜର୍ମାନ୍ କୋଅପରେସନର ୱେଲ୍‌ଟ ହଙ୍ଗର ହିଲ୍‌ଫେଙ୍କ ସହାୟତା ଏବଂ ଛତିଶଗଡ଼ର ତିଲ୍‌ଦାସ୍ଥିତ ପ୍ରୟୋଗ ସମାଜସେବୀ ସଂସ୍ଥାଙ୍କ ପରିଚାଳନାରେ ଏହି ଶ୍ରମଦାନ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶ୍ରମଜୀବୀ ପରିବାର ଓ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ପିଡିକାକା, ପୂର୍ବତନ ନାଏବ ସରପଞ୍ଚ ସୁରେନ୍ଦ୍ର ଗୌଡ଼, କୁମୁଡ଼ାବାଲି ସରପଞ୍ଚ ରାମଚନ୍ଦ୍ର ପିଡିକାକା, ଏମ୍. ପାତ୍ରଗୁଡ଼ାର ପୂର୍ବତନ ସମିତିସଭ୍ୟ ରବି ନୁଣ୍ଡୁକା, ଏକତା ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ପୂର୍ବତନ ଜିଲା ଉନ୍ନୟନ ପରିଷଦର ଅଧକ୍ଷ ଜଗନ୍ନାଥ ନୁଣ୍ଡୁକା, ଏକତା ପରିଷଦର ଜିଲା ସଂଯୋଜିକା ମମତା ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ଚତୁର୍ଥ



ଉମରକୋଟ, ୨।୪(ସ୍ୱ.ପ୍ର.) - ଉମରକୋଟ ବ୍ଲକ ଅଧୀନ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ପାଇଛି। ୨୦୧୯-୨୦ରେ ସ୍ୱାସ୍ଥ୍ୟକେନ୍ଦ୍ର ୨୭ ନମ୍ବରରେ ଥିବାବେଳେ ଚଳିତ ବର୍ଷ ଚତୁର୍ଥ ସ୍ଥାନରେ ରହିବା ନିଶ୍ଚିତଭାବେ ଗର୍ବର ବିଷୟ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଭୟ କୁମାର ଦେ କହିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନର କାୟାକଳ୍ପ ଯୋଜନାରେ ରାଜ୍ୟରୁ ୨୫୬ଟି ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ ହୋଇଥିଲେ। ଜାନୁୟାରୀ ୩୦ରେ ରାଜ୍ୟସ୍ତରୀୟ ଗୋଟିଏ ଟିମ୍ ପୂଜାରୀଗୁଡ଼ା ଆସି ରୋଗୀ ସେବା, ଚିକିତ୍ସା ପଦ୍ଧତି, ସ୍ୱଚ୍ଛତା, ପରିବେଶ, ଔଷଧୀୟ ବଗିଚା, ଭିତ୍ତିଭୂମି, ଉଦ୍ୟାନ ଆଦି ତଦାରଖ କରିଥିଲେ। ଆଗାମୀ ଦିନରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ଚେଷ୍ଟା କରିବେ ବୋଲି ଡାକ୍ତର ଦେ କହିଛନ୍ତି।

## ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୨।୪-ରାୟଗଡ଼ା ବିଇଓ ରଜନିକାନ୍ତ ସାମନ୍ତରାୟଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏବିଇଓ ଓ୍ୱାରାହି ଶବର ଓ ବଳରାମ ମେଲେକା, ବ୍ଲକ୍ ଶିକ୍ଷକ ସଂଘର ସଭାପତି ରାଜ କିଶୋର ସାହୁ, ସମ୍ପାଦକ ନରେଶ ସିଂହ, ତ୍ରିପତି ପଣ୍ଡା, ନୀଳାଚଳ ପଣ୍ଡା, ସୁରେଶ ପଟ୍ଟନାୟକ, ନୀଳାଚଳ ମିଶ୍ର ଏବଂ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ବିଦାୟୀ ବିଇଓଙ୍କ ଏହି ୨ ବର୍ଷ ର କାର୍ଯ୍ୟକାଳକୁ ଶିକ୍ଷା ବିଭାଗର ବିକାଶର ଯୁଗ ବୋଲି କହିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଦାୟୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯକ୍ରମରେ ବ୍ଲକ୍‌ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ବିଦାୟୀ ବିଇଓଙ୍କ ସୁସ୍ଥମୟ ଜୀବନ କାମନା କରିଥିଲେ।

## ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗ ଅଭିଯୁକ୍ତ ଗିରଫ

କୋଷାଗୁମୁଡ଼ା, ୨।୪(ଡି.ଏନ୍.ଏ.)- ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଶୁକ୍ରବାର କୋଷାଗୁମୁଡ଼ା ପୋଲିସ ସ୍ଥାନୀୟ ଅଞ୍ଚଳର ସାଗର ହରିଜନ(୨୨)ଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ସାଗର ନିଜ ଗାଁର ଜଣେ ଯୁବତୀଙ୍କୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରେମ କରୁଥିଲେ। ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ସାଗର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଯୁବତୀ ଜଣକ ବିବାହ କଥା କହିବାରୁ ସେ ଏହାକୁ ଏଡାଇ ଦେଇଥିଲେ। ଗୁରୁବାର ପୀଡ଼ିତା କୋଷାଗୁମୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ୫୬/୨୧ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଲିଭୁନି ଜଙ୍ଗଲ ନିଆଁ, ପରିବେଶ ଧୂଆଁଳିଆ



ପୋଡୁଚାଷ ପାଇଁ ଚିତ୍ରକୋଣ୍ଡା ନିକଟସ୍ଥ ଜଙ୍ଗଲରେ ଲାଗିଥିବା ନିଆଁ ।

ଚିତ୍ରକୋଣ୍ଡା,୨।୪(ଡି.ଏନ.ଏ.)

ଗ୍ରୀଷ୍ମତାପ ଯୋଗୁ ଅସହ୍ୟ ଗରମ ଲାଗି ରହିଥିବା ବେଳେ ଜଙ୍ଗଲରେ ନିଆଁ ଲାଗି ଧୂଆଁ ଯୋଗୁ ପରିସ୍ଥିତି ଆହୁରି ଜଟିଳ କରିଦେଉଛି। ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସମସ୍ତ ଅଞ୍ଚଳରେ ଦୁଇ ଦିନହେଲା ଧୂଆଁଳିଆ ପରିବେଶ ଦେଖିବାକୁ ମିଳୁଛି। ସକାଳୁ ହିଁ କୁହୁଡି ଭଳି ଧୂଆଁ ଦେଖାଯାଇ ଦୂର ପାହାଡ କିମ୍ବା ଦୂର ଜିନିଷ କିଛି ଦେଖାଯାଉ ନାହିଁ। ତେବେ ଏହା କୁହୁଡି ନ ଥିଲା। ଜଙ୍ଗଲରେ କେତେକ ଲୋକ ପୋଡୁ ଚାଷ ଆଳରେ ନିଆଁ ଲଗାଇ ଦେଉଥିବାରୁ ଚିତ୍ରକୋଣ୍ଡା ଅଞ୍ଚଳରେ ଏପରି ଧୂଆଁଳିଆ ପରିବେଶ ଦେଖିବାକୁ ମିଳୁଥିଲା। ଶୁକ୍ରବାର ଡିଏଫଓ ପ୍ରଦୀପ ମୀରାସେ ଚିତ୍ରକୋଣ୍ଡା ବନାଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ନିଆଁ ଲିଭାଇବା ପାଇଁ ଆହୁରି ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବନପାଳ ମୃତ୍ୟୁଞ୍ଜୟ ସେଠୀଙ୍କୁ ପଚାରିବାରୁ ସେ କହିଲେ ବ୍ଲକର ବିଭିନ୍ନ ସ୍ଥାନରେ ଲୋକେ ପୋଡୁ ଚାଷ ପାଇଁ ନିଆଁ ଲଗାଇ ଦେଉଥିବାରୁ ଏହାର ପ୍ରଭାବରେ ଏପରି ହେଉଛି। ଏନେଇ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କୁ ପଚାରିବାରୁ ସେ କହିଲେ ଆମେ ଦୁଇ ମାସ ଧରି ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କରିଆସୁଛୁ। ଅଥଚ ଲୋକେ ସଚେତନ ହେଉନାହାନ୍ତି ବୋଲି କହିଥିଲେ।

## ଟିକିରି ରେଞ୍ଜର ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳୁଛି

ଟିକିରି,୨।୪(ଡି.ଏନ୍.ଏ.)

ରାୟଗଡ଼ା ଡିଭିଜନ ଟିକିରି ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି। ରେଞ୍ଜ ଅଧୀନ ଲେଲିଗୁମା, କାଡାସିଲ, ବଡ଼ପୁକେଲ, ତେନ୍ତୁଳିପଦର, ଶକରଡ଼ା, ମଇଲିଗୁଡ଼ା, ପଟାଳି ଜଙ୍ଗଲରେ ନିଆଁ ଲାଗିଛି। ବନ ବିଭାଗ କିମ୍ବା ଅଗ୍ନିଶମ ବାହିନୀ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଅନେକ ଅଞ୍ଚଳରେ ଏବେ ବି କର୍ମଚାରୀମାନେ ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ଏ ନେଇ ଟିକିରି ଫରେଷ୍ଟର କାମେଶ୍ୱର ଆଚାରୀକୁ ପଚାରିବାରୁ କହିଛନ୍ତି, ନିଆଁ ଲଗାଇଥିବା ଲୋକଙ୍କୁ ଧରିବାକୁ ତଦନ୍ତ ଚାଲିଛି। ଦୋଷୀ ଧରାପଡ଼ିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସୂଚନାଯୋଗ୍ୟ, ପୋଡୁଚାଷ ବାହାନାରେ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳୁଥିବାରୁ ଅଞ୍ଚଳ ଧୂଆଁମୟ ହୋଇପଡ଼ିଛି। ସେହିପରି ପ୍ରବଳ ଗରମ ସାଙ୍ଗକୁ ନିଆଁର ତାତିରେ ବୃକ୍ଷଲତା ସମେତ ବନ୍ୟଜନ୍ତୁକୁ ପ୍ରଭାବିତ କରୁଛି। ତେଣୁ ଶୀଘ୍ର ନିଆଁ ଲିଭାଇବାକୁ ଦାବି ହେଉଛି।



ଟିକିରି ରେଞ୍ଜ ଅଧୀନ ଜଙ୍ଗଲରେ ନିଆଁ ।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଲିମାମେଡାରୁ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**



ଗୁଣପୁର,୨।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଲିମାମେଡା ଗ୍ରାମରୁ ଗୁରୁବାର ମଞ୍ଜୁ ହାରକାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ତଦନ୍ତ ପରେ ତାଙ୍କ ସ୍ୱାମୀ ସନ୍ତୋଷ ବେହେରାଙ୍କୁ ପୋଲିସ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏସ୍‌ଡିଜେଏମ୍ ତାଙ୍କୁ ୧୪ ଦିନ ପାଇଁ ଗୁଣପୁର ଜେଲ ହାଜତକୁ ପଠାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ରାମନାଗୁଡା ଅଞ୍ଚଳର ମଞ୍ଜୁ ହାରକା ସ୍ୱାମୀ ସନ୍ତୋଷ ବେହେରା(୨୪)ଙ୍କ ସହ ଲିମାମେଡା ଗ୍ରାମର ଏକ ଭଡାଘରେ ରହୁଥିଲେ। ବୁଧବାର ରାତିରେ ସନ୍ତୋଷ କାମ ସାରି ଘରକୁ ଫେରି ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖି ଗୁଣପୁର ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ପୋଲିସ ଗୁରୁବାର ସକାଳେ ସେଠାରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମଞ୍ଜୁଙ୍କ ଭାଇ ରାମ ହାରକା ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ସନ୍ତୋଷଙ୍କ ନାମରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ ସହ ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

## ସର୍ବଭାରତୀୟ ପ୍ରତିଯୋଗିତାରେ କୃତୀ କ୍ରୀଡ଼ାବିତ ସମ୍ବର୍ଦ୍ଧିତ

ଗୁଣପୁର,୨।୪(ଡି.ଏନ୍.ଏ.)

ସର୍ବଭାରତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଗୁଣପୁର ଅଞ୍ଚଳର ୨ କ୍ରୀଡ଼ାବିତଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ରୌପ୍ୟ ପଦକ ପାଇଥିବା ଗୁଣପୁର ଅଞ୍ଚଳର ୨ କ୍ରୀଡ଼ାବିତ ଜଗଦୀଶ ସାହୁ ଏବଂ ବୃନ୍ଦାବନ ଶବରଙ୍କୁ ଗୁରୁବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନଙ୍କ ସଫଳତା ପାଇଁ ଦୁଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରାଯିବା ସହ ଦୁହିଁଙ୍କୁ ମାନପତ୍ର, ଟ୍ରଫି ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଦିବସ ଉପଲକ୍ଷେ ଗୁଣପୁର ଉପଜିଲାପାଳ ଜେ. ସୋନାଲ୍ ଏବଂ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଶାନ୍ତି ଦେବୀ ଉପସ୍ଥିତ ରହି ଦୁହିଁଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ଜଗଦୀଶ ବରିଷ୍ଠ ଏବଂ ବୃନ୍ଦାବନ କନିଷ୍ଠ ବର୍ଗରେ ରୌପ୍ୟ ପଦକ ପାଇଥିଲେ।



ଅତିଥିଙ୍କ ଗହଣରେ ଜଗଦୀଶ ଏବଂ ବୃନ୍ଦାବନ।

## ୪ ମାସର ଶିଶୁ ମୃତ, ଚେଙ୍କ ଦିଆଯାଇଥିବା ସନ୍ଦେହ

ନବରଙ୍ଗପୁର,୨।୪(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ୪ ମାସର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଶିଶୁ ପେଟରେ ଦାଗ ରହିଥିଲା ; ଯାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଡାକ୍ତରଖାନା କର୍ତ୍ତୃପକ୍ଷ ପିଲାଟିକୁ ଚେଙ୍କ ଦିଆଯାଇଥିବା କହୁଥିବାବେଳେ ପରିବାର ଲୋକେ ତାହାକୁ ଖଣ୍ଡନ କରିଛନ୍ତି।

ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକିଗୁଡ଼ା ଗ୍ରାମର ତ୍ରିନାଥ ନାୟକ ଓ ଡମୁଣୀଙ୍କ ଏକ ଶିଶୁପୁତ୍ର ରହିଥିଲା। ୨ମାସ ତଳେ ପିଲାଟି ଦିନ ସାରା କାନ୍ଦୁଥିବାରୁ ପରିବାର ଲୋକେ ତାକୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ଆଣିଥିଲେ। ପିଲାଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଆଶାକର୍ମୀଙ୍କ ସହଯୋଗରେ ତାଙ୍କୁ ନବରଙ୍ଗପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଶଶିକାନ୍ତ ଲେଙ୍କା ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଶିଶୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶିଶୁଟିର ପେଟରେ ଚେଙ୍କ ଚିହ୍ନ ରହିଛି। ପିଲାଟିକୁ ଦେଖି ଡାକ୍ତର କହିଥିବାବେଳେ ପରିବାର ଲୋକେ ତାହାକୁ ଖଣ୍ଡନ କରିଛନ୍ତି। ଚେଙ୍କ ନ ଦେବାକୁ ବାରମ୍ବାର ମୃତ ଶିଶୁର ପରିବାର ଲୋକଙ୍କୁ ସଚେତନ କରିଛି। ତଥାପି ସେମାନେ ଲୁଚି ଛପି ପିଲାଟିକୁ ଚେଙ୍କ ଦେଇଥିଲେ ବୋଲି ଆଶାକର୍ମୀ ମୋତି ଭୋଇ କହିଛନ୍ତି। ଶିଶୁଟିକୁ ତେଲ ମାଲିସ ଓ ସେକ ଦିଆଯାଉଛି। ପେଟରେ ସେହି ଦାଗ ରହିଛି ବୋଲି ମୃତ ଶିଶୁର ସମ୍ପର୍କୀୟ କହିଛନ୍ତି।

## ଜୀବନ ବିନ୍ଦୁରେ ୧୦୧ ୟୁନିଟ ରକ୍ତ ସଂଗ୍ରହ

ଦୁର୍ଗୀ,୨।୪

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଶୁକ୍ରବର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଞ୍ଚଳବାସୀ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଶିବିରରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ



ହୋଇଥିବା ଜଣାପଡ଼ିଛି। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେବ ପଣ୍ଡା ଜୁନିୟର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

ଜୟପୁର,୨।୪(ନି.ପ୍ର.)

ଜୟପୁର ସୂର୍ଯ୍ୟ ମହଲ ଇନଡୋର ଷ୍ଟାଡିୟମଠାରେ ଦେବପଣ୍ଡା କପ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଦେବଦତ୍ତ ଦାସ ଓ ସୁବ୍ରତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୨ଟି ଟିମ୍ ଭାଗ ନେଇଥିଲେ। ୩୦ ପଏଣ୍ଟ ବିଶିଷ୍ଟ ୨୦ଟି ମ୍ୟାଚରେ ସମସ୍ତ ଖେଳାଳି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଫାଇନାଲରେ ଯୁବରାଜ ଓ ପ୍ରବୀଣ ବିଜେତା ହୋଇଥିଲେ। ଅନିକେତ ଓ ଅଂଶୁମାନ ରନର୍ସ ଅପ୍ ହୋଇଥିଲେ। ରେଫେରି ଭାବେ ଅସିତ ପଟ୍ଟନାୟକ ଓ ଗୌରୀ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ନିମାଇ ଦାସ ଉଦ୍‌ଘାଟକ ଥିଲେ। ଆକାଶ ସାମନ୍ତରାୟ ସହଯୋଗ କରିଥିଲେ।

## ପ୍ରତି ରବିବାର ମଝିଘରିଆଣୀଙ୍କ ଦର୍ଶନ ବନ୍ଦ

ରାୟଗଡ଼ା ଅଫିସ,୨।୪

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ଏଣିକି ପ୍ରତ୍ୟେକ ରବିବାର ବନ୍ଦ ରହିବ। ଦେଶ ଏବଂ ରାଜ୍ୟରେ କରୋନା ସଂକ୍ରମଣ ବଢ଼ୁଛି। ଏଭଳି ସମୟରେ ରବିବାର ଛୁଟିଦିନରେ ରାଜ୍ୟ ଏବଂ ପଡ଼ୋଶୀ ରାଜ୍ୟରୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ଏହାକୁ ନଜରରେ ରଖି ରବିବାର ଶ୍ରଦ୍ଧାଳୁଙ୍କ ଦର୍ଶନକୁ ବନ୍ଦ ଘୋଷଣା କରିବାକୁ ମନ୍ଦିର ପରିଚାଳନା କମିଟି ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହାର ଗୁରୁତ୍ୱକୁ ଉପଲବ୍ଧିକରି ରବିବାର ଶ୍ରଦ୍ଧାଳୁଙ୍କ



ଦର୍ଶନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ନୀତିକାନ୍ତି ପୂର୍ବଭଳି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାବେଳେ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ରାୟଗଡ଼ାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମନ୍ଦିର ପରିଦର୍ଶନବେଳେ କୋଭିଡ୍ ଗାଇଡ୍‌ଲାଇନ ପାଳନରେ ବ୍ୟତିକ୍ରମ ଦେଖିବାକୁପାଇଥିଲେ। ଏହାପରେ ଶ୍ରଦ୍ଧାଳୁଙ୍କ ପାଇଁ ରବିବାର ମନ୍ଦିର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନର ନିଷ୍ପତ୍ତିକୁ ମନ୍ଦିର ପରିଚାଳନା କମିଟି ଏବଂ ଜନସାଧାରଣ ସ୍ୱାଗତ କରିଛନ୍ତି।

## ଓଡ଼ିଶା ଜୀବିକା ମିଶନ ଟଙ୍କା ହଡ଼ପ ଅଭିଯୋଗ

**୬ ପଞ୍ଚାୟତ ଏମବିକେ ଝରିଗାଁ ଥାନାର ଦ୍ୱାରସ୍ଥ**

ଝରିଗାଁ, ୨।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଓଡ଼ିଶା ଜୀବିକା ମିଶନରେ ଏସ୍‌ଏଚ୍‌ଜି ମହିଳାଙ୍କ ପଞ୍ଚାୟତସ୍ତରୀୟ ମଡ୍ୟୁଲ ଟ୍ରେନିଂ ବାବଦକୁ ଆସିଥିବା ଟଙ୍କା ବ୍ଲକ ସଂଯୋଜିକା ହଡ଼ପ କରିଥିବା ଅଭିଯୋଗ ଆଣିଛନ୍ତି ୬ ପଞ୍ଚାୟତର ଏମ୍‌ବିକେ। ସେମାନେ ଝରିଗାଁ ଥାନାରେ ଏ ନେଇ ଏତଲା ଦେଇଛନ୍ତି। ପଞ୍ଚାୟତସ୍ତରୀୟ ମଡ୍ୟୁଲ ଟ୍ରେନିଂ ବାବଦକୁ ଆସିଥିବା ୩ ଲକ୍ଷ ୬୦ ହଜାର ଟଙ୍କାରୁ ପ୍ରାୟ ୪୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ବ୍ଲକ ସଂଯୋଜିକା ବଳକା ଟଙ୍କା ନିଜ ପାଖରେ ରଖି ହଡପ କରିଥିବା ନେଇପାଲିଆ, ବାଣୁଆଗୁଡା, ରତାଖଣ୍ଡିଗୁଡା, ଡଙ୍ଗରିଗୁଡା, କୁଣ୍ଡିଛାପର ଏବଂ ଭାଲୁକୁନାଡି ପଞ୍ଚାୟତର ଏମ୍‌ବିକେମାନେ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ସଂଯୋଜିକା ରଶ୍ମିରଞ୍ଜନୀ ପାତ୍ରଙ୍କୁ ପଚାରିବାରୁ ମୁଁ କୌଣସି ଏମ୍‌ବିକେଙ୍କ ଟଙ୍କା ନେଇ ନାହିଁ। ମୋ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇଛି। ଘଟଣା ସମ୍ପର୍କରେ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ ଉମେଶ ସାହୁ କହିଛନ୍ତି।

## ସେଞ୍ଚୁରିଅନ ସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ କର୍ମଶାଳା

ରାୟଗଡା ଅଫିସ, ୨।୪

ରାୟଗଡ଼ାସ୍ଥିତ ସେଞ୍ଚୁରିଅନ ପବ୍ଲିକ ସ୍କୁଲରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିଆ ଓ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ୱଳ୍ପ ମୂଲ୍ୟରେ ହାସଲ ହେଉଥିବା ବସ୍ତୁଗୁଡିକୁ ଶିକ୍ଷାଦାନ ପ୍ରକ୍ରିୟାରେ କିଭଳି ଉପଯୋଗ କରାଯାଇପାରିବ ସେ ନେଇ ନୂଆଦିଲ୍ଲୀରୁ ଆସିଥିବା ପ୍ରଶିକ୍ଷକ ସଞ୍ଜୟ କପୁର ପ୍ରଶିକ୍ଷଣ




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୮୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଛନ୍ତି। ସେମାନଙ୍କୁ ସରଳୀକୃତ ଶିକ୍ଷାଦାନ ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ରାଧାକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ପୋଲ ପୁନଃ ନିର୍ମାଣ ପାଇଁ ୧୫୪ କୋଟି

ମାଲକାନଗିରି,୨।୪ (ଡି.ଏନ୍.ଏ.)

ଜୟପୁରଠାରୁ ମାଲକାନଗିରି ଜିଲା ଶେଷ ସୀମାନ୍ତ ମୋଟୁ ପର୍ଯ୍ୟନ୍ତ ୩୨୬ ଜାତୀୟ ରାଜପଥରେ ୫ଟି ପୋଲ ନିର୍ମାଣ ପାଇଁ କେନ୍ଦ୍ର ସରକାର ୧୫୪.୦୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ନବରଙ୍ଗପୁର ଏମ୍‌ପି ରମେଶ ମାଝି ସଂସଦ ଅଧିବେଶନରେ ଦୃଷ୍ଟି ଆକର୍ଷଣ କରିବାରୁ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀ ଏହି ସୂଚନା ଦେଇଛନ୍ତି। ବନ୍ୟା ସମୟରେ ମାଥିଲିର ପାଙ୍ଗାମ, ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି ୯୬ ଅଞ୍ଚଳରେ ଥିବା ପୋଲଗୁଡିକର ଉଚ୍ଚତା ବହୁ କମ୍ ହୋଇଥିବାରୁ ଜଳସ୍ତର ବୃଦ୍ଧି ପାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେଇପଡ଼େ। ବହୁ ଗ୍ରାମ ଜଳମଗ୍ନ ହୋଇ ବନ୍ୟାଘେରରେ ରହୁଥିଲା। ଏବେ ଅର୍ଥ ମଞ୍ଜୁର ଯୋଗୁ ଏହି ପୋଲଗୁଡିକର ପୁନଃ ନିର୍ମାଣ ହେବ। ଆଗାମୀ ଦିନରେ ଟେଣ୍ଡର ହୋଇ ତୁରନ୍ତ କେନ୍ଦ୍ର ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଏମ୍‌ପି ମାଝି କହିଛନ୍ତି।

## ଗଞ୍ଜେଇ ଚାଲାଣ ବେଳେ ୨ ଗିରଫ

ପାପଡାହାଣ୍ଡି /ମଇଦଲପୁର, ୨।୪(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ଓ ଆଇଆର୍‌ବି ଯବାନ ଶୁକ୍ରବାର ଫାଣ୍ଡି ଆଗରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ଏକ ବୋଲେରୋରୁ ଗଞ୍ଜେଇ ଜବତକରି ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ସାଗରପାଲି ଗ୍ରାମର ପ୍ରିନ୍ସ କୁମାର (୧୮) ଓ ଆକୁନେ ଗ୍ରାମର ଶୈଳେନ୍ଦ୍ର କୁମାର।

ସୂଚନା ଅନୁଯାୟୀ, ପ୍ରିନ୍ସ ଓ ଶୈଳେନ୍ଦ୍ର ଏକ ବୋଲୋରେ (ଓଆର୍-୦୨ଏପି-୨୨୨୮)ରେ ଗଞ୍ଜେଇ ନେଇ ଯାଉଥିଲେ। ପୋଲିସକୁ ସନ୍ଦେହ ହେବାରୁ ସେ ଗାଡ଼ି ଯାଞ୍ଚ କରିଥିଲା। ଗାଡ଼ି ଭିତରେ ଥିବା ଏକ ସିକ୍ରେଟ ଚାମ୍ବରରୁ ୧କୁଇଣ୍ଟାଲ ୩୩କେଜି ଗଞ୍ଜେଇ ପୋଲିସକୁ ମିଳିଥିଲା। ଏହି ଗଞ୍ଜେଇ ବିଶାଖାପାଟଣାରୁ ସମ୍ବଲପୁର ଯାଉଥିଲା ବୋଲି ପୋଲିସ ସୂଚନା ଦେଇଛି। ଜବତ ଗଞ୍ଜେଇର ଆନୁମାନିକ ୩ଲକ୍ଷ ଟଙ୍କା ହେବ ବୋଲି ଫାଣ୍ଡି ଅଧିକାରୀ ଅନାମ ଦିଆନ କହିଛନ୍ତି। ଓଜନ ସମୟ ରେ ପାପଡାହାଣ୍ଡି ଅତିରିକ୍ତ ତହସିଲଦାର ମଧୁସୂଦନ ମାଝି, ଥାନାଧିକାରୀ ଶୁଭେନ୍ଦୁ ଶବର, ଏସ୍‌ଆଇ ଅଶ୍ୱିନୀ ପଟ୍ଟନାୟକ, ଏସ୍‌ଡିପିଓ ଆଦିତ୍ୟ ସେନ, ପଦ୍ମନ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ୫୨/୨୧ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ମୁନିଗୁଡ଼ାରେ ବଢୁଛି ପାନୀୟ ଜଳ ସଙ୍କଟ

ମୁନିଗୁଡ଼ା,୨।୪(ଡି.ଏନ୍.ଏ.)

■ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଶୁଖିଲାଣି କୂଅ
■ ଘର ଛାଡୁଛନ୍ତି ଭଡ଼ାଟିଆ

ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳରେ ଜଳ ସଙ୍କଟ ବଢୁଛି। କେତେକେ ବୋରିଂ ଖୋଳିଥିବାରୁ ସେମାନଙ୍କ କୌଣସି ଅସୁବିଧା ହେଉନାହିଁ। ହେଲେ ଅନ୍ୟମାନେ ଅସୁବିଧା ଭୋଗୁଛନ୍ତି। କିଛି ନଳକୂପ ଏବଂ ପାଇପ୍ ରହିଥିଲେ ମଧ୍ୟ କମ୍ ସମୟ ପାଣି ଆସୁଛି। ତେଣୁ ସେଠାରେ ପ୍ରବଳ ଭିଡ଼ ଲାଗୁଥିଲେ ମଧ୍ୟ ଏହା ଲୋକଙ୍କ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ତେବେ ପ୍ରମୁଖ ସମସ୍ୟା ହେଲା ଅଞ୍ଚଳରେ ଭୂତଳ ଜଳ ହ୍ରାସ ପାଉଛି। ଅନେକ ଲୋକ ବୋରିଂ ଖୋଳିବା ଦ୍ୱାରା ମଧ୍ୟ ଭୂତଳ ଜଳସ୍ତର ହ୍ରାସପାଉଛି। ଅଧିକାଂଶ ଲୋକଙ୍କ ଘରେ ଏବେଠାରୁ କୂଅ ମଧ୍ୟ ଶୁଖିଲାଣି। ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ



ଭଡ଼ାଟିଆ ଘର ଖାଲି କରୁଛନ୍ତି।

ଅଞ୍ଚଳରେ ସେଭଳି ପ୍ରାକୃତିକ ଜଳଉତ୍ସ ମଧ୍ୟ ନାହିଁ। ସମସ୍ୟା ଏତେ ବଢ଼ିଲାଣି ଯେ, ଘରେ ଖାଦ୍ୟ ପ୍ରସ୍ତୁତ ପାଇଁ ମଧ୍ୟ ପାଣି ପାଇବା କଷ୍ଟ ହେଲାଣି। ଅନ୍ୟପକ୍ଷରେ କୂଅ ଥିବା ଘରେ ପାଣି ଅଭାବ ଯୋଗୁ ଭଡ଼ାଟିଆମାନେ ମଧ୍ୟ ଘର ଛାଡୁଥିବା ଦେଖିବାକୁ ମିଳୁଛି। ଏବେ ଖରା ଅସମ୍ଭାଳ ହେଲାଣି ଏବଂ ଆଗକୁ ଆହୁରି ବଢ଼ିବ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହେଉଛି। ସେହିପରି ଜଳ ସଂରକ୍ଷଣ ଦିଗରେ ମଧ୍ୟ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

## ସଂକ୍ଷେପରେ

### କୋରାପୁଟ: ୪ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୨।୪(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଶୁକ୍ରବାର କରୋନାରେ ପୁଣି ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହିଳା ଓ ୩ ପୁରୁଷ ରହିଛନ୍ତି। ସମସ୍ତେ କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ୪ ଜଣଙ୍କ ମଧ୍ୟରୁ ଜୟପୁର ମ୍ୟୁନିସିପାଲିଟି ପିଆରପେଟା ଅଞ୍ଚଳରୁ ୨ ଜଣ, କୁନ୍ଦୁରା ବ୍ଲକ ଲିମା ଗ୍ରାମରୁ ଜଣେ ଏବଂ ସୁନାବେଡା ମ୍ୟୁନିସିପାଲିଟିର ହାଲ ଟାଉନଶିପ ଅଞ୍ଚଳରୁ ଜଣେ ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ଛତିଶଗଡ଼ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଯୋଗୁ ବହୁ ଲୋକ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାର କୋଟପାଡ ବ୍ଲକ ସୀମାନ୍ତ ଅଞ୍ଚଳରେ ବାହାରୁ ରାଜ୍ୟରୁ ଆସୁଥିବା ସମସ୍ତ ଗାଡି ଓ ଜନସାଧାରଣଙ୍କ ଉପରେ ସର୍ତକ ନଜର ରଖିବାକୁ ବ୍ଲକ ପ୍ରଶାସନକୁ କୁହାଯାଇଛି। ସେହିପରି ଜିଲାରେ କୋଭିଡ୍ ଗାଇଡ୍‌ଲାଇନ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଶନିବାରଠାରୁ କଡ଼ା ପଦକ୍ଷେପ ନିଆଯିବ ବୋଲି ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

### ୬୦୯ ନେଲେ ଟିକା



ଦାମନଯୋଡ଼ି,୨।୪(ଡି.ଏନ୍.ଏ.)- କୋରାପୁଟ ବ୍ଲକରେ ଗୁରୁବାରଠାରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ୪ଟି ସ୍ଥାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡା. ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ମୋଟ ୬୦୯ ଜଣ ଟିକା ନେଇଛନ୍ତି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬୦, ନାଲ୍‌କୋ ହସ୍ପିଟାଲରେ ୧୯୦, ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୯ ଓ ମହାଦେଇପୁଟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ୧୨୦ ଜଣ ଟିକା ନେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳିକା ନୂତନ ସିଂ, ଡା.ଶାଶ୍ୱତୀ ମହାନ୍ତି, ଡା. ସ୍ୱାଗତ ବିଶ୍ୱାଳ, ମକର ଜାନି, ସୁପରଭାଇଜର ରାଧିକା ସୋରେନ, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ , ସଞ୍ଜୁବାଳା ପ୍ରଧାନ,ତନୁଜା ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ନାଲ୍‌କୋ ହସ୍ପିଟାଲରେ ଏହି କାର୍ଯ୍ୟକ୍ରମ ଡା. ଗୀତାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ହୋଇଥିଲା।

### କାର୍ ଟାୟାର ଭିତରେ ଗଞ୍ଜେଇ ଚାଲାଣ,୨ ଗିରଫ



ଜୟପୁର,୨।୪(ନି.ପ୍ର.)-ଜୟପୁର ସଦର ପୋଲିସ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ଏହାକୁ ପଣ୍ଡ କରିଛି । ଅଭିଯୁକ୍ତମାନେ ଗାଡି ଟାୟାର ଭିତରେ ଗଞ୍ଜେଇ ରଖି ଚାଲାଣ କରୁଥିଲେ। ଏହି ମାମଲାରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସମ୍ବଲପୁରର ହରେଶ ରଞ୍ଜନ ହୋତା (୫୦) ଓ ଆନ୍ଧ୍ର ବିଶାଖାପାଟଣାର ଦନୁ ଖିଲ (୨୫)। ସେମାନଙ୍କଠାରୁ ୫୦ କେଜି ଗଞ୍ଜେଇ ଜବତ ହୋଇଛି। ଲମତାପୁଟଠାରୁ ଏକ କାର୍ (ଓଡି-୧୫ପି-୬୨୨୮)ରେ ସମ୍ବଲପୁର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ରାସ୍ତାରେ ଜଗି ରହି ଚଢ଼ାଉ କରିଥିଲା । ୫୭/୨୧ ନମ୍ବରରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି।

# ସୀମାନ୍ତ ଅଞ୍ଚଳରେ ହାଇ ଆଲର୍ଟ

ମାଲକାନଗିରି,୨।୪ (ଡି.ଏନ୍.ଏ.)



ସୀମାନ୍ତ ଅଞ୍ଚଳ ଉପରେ ସତର୍କ ନଜର ରଖାଯାଇଛି ।

ଏବେ ଆରମ୍ଭ ହୋଇଛି କରୋନାର ଦ୍ୱିତୀୟ ଲହର। ଏନେଇ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କଟକଣା ଜାରି ହୋଇଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଆନ୍ଧ୍ର ଓ ତେଲଙ୍ଗାନାରେ ଏବେ କରୋନାର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାକୁ ପଡ଼ୋଶୀ ରାଜ୍ୟର ଲୋକଙ୍କ ଆଗମନ ନେଇ ଚିନ୍ତା ବଢ଼ାଇଛି। ମାଲକାନଗିରି ଜିଲାରେ ଦ୍ୱିତୀୟ ଲହର ପାଇଁ ପୂର୍ବଭଳି କଟକଣା ଲାଗି ନ ଥିଲେ ମଧ୍ୟ ପ୍ରଶାସନ ସଜାଗ ରହିଛି। କିଛିଟା କଟକଣା ଲାଗୁ ହୋଇଛି। ଜନଗହଳି ପୂର୍ଣ୍ଣ ଅଞ୍ଚଳକୁ ଗଲେ ମାସ୍କ ଓ ସାନିଟାଇଜର ବାଧ୍ୟତାମୂଳକ କରାଯାଇଛି। ଦୋକାନ ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ସାମାଜିକ ଦୂରତା ରଖିବା, ହାତ ଧୋଇବା ସାନିଟାଇଜର ବ୍ୟବହାର ସହ ମାସ୍କ ପିନ୍ଧିବା, ଦୋକାନକୁ ଆସୁଥିବା ଲୋକେ ମାସ୍କ ପିନ୍ଧି ନ ଥିଲେ ସାମଗ୍ରୀ ଦେବାକୁ ମନା କରିବା, ମାସ୍କ

**କରୋନାର ଦ୍ୱିତୀୟ ଲହର**

ବ୍ୟବହାର ନ କଲେ ୫୦୦ ରୁ ୧ହଜାର ଟଙ୍କା ଜରିମାନା, ଧାର୍ମିକ ଅନୁଷ୍ଠାନରେ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇ ଶୁକ୍ରବାର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ପୋଲିସ, ପୌର ପରିଷଦ ଓ ତହସିଲ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ତେବେ ପ୍ରଶାସନ ସୀମାନ୍ତରେ ହାଇ ଆଲର୍ଟ ଜାରି କରିଥିଲେ ସୁଦ୍ଧା ସୀମାଗୁଡ଼ିକ ବର୍ତ୍ତମାନ ସୁଦ୍ଧା ସିଲ୍ କରିନାହିଁ । ସୀମାନ୍ତବର୍ତ୍ତୀ ରାସ୍ତାଗୁଡିକରେ ସ୍ୱତନ୍ତ୍ର ଭାବେ ସ୍କ୍ରିନିଂ ବ୍ୟବସ୍ଥା କରିବା ସହ କଟକଣାକୁ ଆହୁରି ସୁଦୃଢ଼ କରିବାକୁ ଦାବି ହେଉଛି।

## ପେଟ୍ରୋଲ ପମ୍ପ ଉଦ୍‌ଘାଟନକୁ ଜାଗା ମାଲିକଙ୍କ ବିରୋଧ

ଏମ୍‌ଭି ୭୯,୨।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ମୋଟୁ ୩୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମଭି-୭୬ ଗ୍ରାମ ନିକଟରେ ହୋଇଥିବା ପେଟ୍ରୋଲ ପମ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଜମି ମାଲିକଙ୍କ ପରିବାର ଲୋକେ ବିରୋଧ କରିଛନ୍ତି। ଏହି ଗ୍ରାମର ମହାଦେବ ମଣ୍ଡଳଙ୍କ ବାପା ଗୋବିନ୍ଦ ମଣ୍ଡଳ କିଛି ବର୍ଷ ତଳେ ଗ୍ରାମର ଅଶୋକ ହଲଦାରଙ୍କୁ ଲିଜ୍ ସୂତ୍ରରେ ନିଜ ଜମ ହସ୍ତାନ୍ତର କରିଥିଲେ। ଏହି ଜମିରେ ବର୍ତ୍ତମାନ ଅଶୋକ ପେଟ୍ରୋଲ ପମ୍ପ ତିଆରି କରିଛନ୍ତି। ଆଜି ଏହା ଉଦ୍‌ଘାଟନ ହେବାର ଥିଲା । ତେବେ ଏହି ଖବର ପାଇ ଜମି ମାଲିକ ଗୋବିନ୍ଦଙ୍କ ପୁଅ ମହାଦେବ ନିଜ ପରିବାର ସହ ସ୍ଥାନୀୟ ଲୋକଙ୍କୁ ନେଇ ପେଟ୍ରୋଲ ପମ୍ପ ସମ୍ମୁଖରେ ତମ୍ବୁ ଟାଣି ରହି ପେଟ୍ରୋଲ ପମ୍ପ ଉଦ୍‌ଘାଟନକୁ ବିରୋଧ କରିଛନ୍ତି । ନିଜର ପୈତୃକ ଜମିକୁ ଚଞ୍ଚକତା କରି ହାତେଇ ଅଶୋକ ଏହି ପେଟ୍ରୋଲ ପମ୍ପ କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପେଟ୍ରୋଲ ପମ୍ପ ମାଲିକ ଅଶୋକ ସେହି ଜମିକୁ କିଣିଛନ୍ତି। ଏହାର ସମସ୍ତ କାଗଜପତ୍ର ତାଙ୍କ ନିକଟରେ ରହିଛି। ସେ ମଧ୍ୟ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଅନୁମତି ଆଣିଥିବା କହିଛନ୍ତି। ତେବେ ବିରୋଧ ଯୋଗୁ ଏହି ପେଟ୍ରୋଲ ପମ୍ପ ଶୁକ୍ରବାର ଉଦ୍‌ଘାଟନ ହୋଇପାରିନାହିଁ।



ମାଲକାନଗିରି ଜିଲାରେ ବସବାସ କରୁଥିବା ବେଙ୍ଗଲୀ ସମ୍ପ୍ରଦାୟ ଗୁରୁବାର ପ୍ରଥମଥର ପାଇଁ ପଡ଼ିଆ ବ୍ଲକ ଏମ୍‌ଭି-୫୮ ଗ୍ରାମରେ ଓଡ଼ିଶା ଦିବସ ପାଳନ କରିଛନ୍ତି। ଏଥିରେ ବେଙ୍ଗଲୀ ସମାଜର ସଭାପତି ଗୌରାଙ୍ଗ କର୍ମକାର, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, କାଲିମେଲା ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ପଡ଼ିଆ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି, ସାଧାରଣ ସମ୍ପାଦକ ନିହାର ରାୟ, ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ତାରକ ମଣ୍ଡଳ ଅତିଥି ରୂପେ ଉପସ୍ଥିତ ଅଛନ୍ତି।

## କାଠ, ପଟ୍ଟା ସହ ବାଉଁଶ ଜବତ

ଏମ୍‌ଭି ୭୯,୨।୪(ଡି.ଏନ୍.ଏ.)



ଜବତ ସାମଗ୍ରୀକୁ କର୍ମଚାରୀମାନେ କାର୍ଯ୍ୟାଳୟକୁ ନେଉଛନ୍ତି ।

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି-୭୯ସ୍ଥିତ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏମ୍‌ପିଭି-୮୩ ଅଞ୍ଚଳରୁ ୨୦ଖଣ୍ଡ କାଠ, ପଟ୍ଟା, ୧୦୦ ଖଣ୍ଡ କଞ୍ଚା ବାଉଁଶ ଓ ଏକ ଶଗଡ଼ଗାଡ଼ି ଜବତ କରାଯାଇଛି । ଏମ୍‌ପିଭି-୮୩ ଅଞ୍ଚଳର ଜଙ୍ଗଲିଆ ରାସ୍ତା ଦେଇ ଶଗଡ଼ରେ ଏହି କାଠ ବାଉଁଶ ନିଆଯାଉଥିଲା । ଖବର ପାଇ ଏମ୍‌ଭି-୭୯ ରେଞ୍ଜର ବଳରାମ ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ଶିବଜିତ ମଣ୍ଡଳ ଓ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଚଢ଼ାଉ କରିଥିଲା। ତେବେ ପୂର୍ବରୁ ସୂଚନା ପାଇ କାଠ କାଟୁଥିବା ଲୋକମାନେ ଫେରାର ହୋଇଯାଇଛନ୍ତି। ଫଳରେ ଏଥିରେ ସମ୍ପୃକ୍ତ କାହାରିକୁ ଗିରଫ କରାଯାଇପାରି ନାହିଁ। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଜବତ କାଠପଟା,ବାଉଁଶ ଓ ଶଗଡ଼କୁ ଏମ୍‌ଭି-୭୯ସ୍ଥିତ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଆଗାମୀ ଦିନରେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର ନାୟକ କହିଛନ୍ତି।

### ମଦ ବ୍ୟବସାୟୀ ଗିରଫ

ବୈପାରିଗୁଡା, ୨।୪(ଡି.ଏନ୍.ଏ.)

ଶୁକ୍ରବାର ବୈପାରିଗୁଡା ପୋଲିସ ଗରୁଡଗୁଡା ଗ୍ରାମର ଜଣେ ମଦ ବ୍ୟବସାୟୀ ଗ୍ରାମରେ ଚୋରା ମଦ କାରବାର କରୁଥିବା ଖବର ପାଇ ତାଙ୍କ ଘରେ ଚଢ଼ାଉ କରିଛି। ତାଙ୍କଠାରୁ ୧୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଥାନାରେ ଏକ ଅବକାରୀ ମାମଲା ରୁଜୁ ହୋଇଛି । କେସ୍ ନଂ. ୫୭/୨୧।

### ମହିଳାଙ୍କ ମୃତଦେହ ଜବତ ଘଟଣା ବାପଘର ଆଣିଲେ ହତ୍ୟା ଅଭିଯୋଗ

ବୈପାରିଗୁଡ଼ା,୨।୪(ଡି.ଏନ୍.ଏ.)

ବୈପାରିଗୁଡ଼ା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ ଭାଲଖୋଲା ଗ୍ରାମର ତୁଳସୀ ମାଝିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଗୁରୁବାର ତାଙ୍କ ମୃତଦେହ ଘର ନିକଟରେ ଥିବା ଏକ ମହୁଲଗଛରୁ ଝୁଲନ୍ତା ଅବସ୍ଥାରେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ନିଶିକା ଜବତକରି ବ୍ୟବଚ୍ଛେଦ ଲାଗି ବୈପାରିଗୁଡ଼ା ନେଇଥିଲେ। ବିଳମ୍ବ ହୋଇଯାଇଥିବାରୁ ଆଉ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏହି ମୃତ୍ୟୁକୁ ନେଇ ତୁଳସୀଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଝିଅକୁ ତାଙ୍କ ଶ୍ୱଶୁରଘର ଲୋକେ ହତ୍ୟା କରିଥିବା ତୁଳସୀଙ୍କ ବାପା ମୁର୍ଗିଗୁଡ଼ା ଗ୍ରାମର ଲଚ୍ଛମନ ମାଝି ଅଭିଯୋଗ କରିଛନ୍ତି। ତାଙ୍କୁ ଶ୍ୱଶୁରଘର ଲୋକେ ସର୍ବଦା ମାନସିକ ନିର୍ଯାତନା ଦେଉଥିଲେ ବୋଲି ଲଚ୍ଛମନ ପ୍ରକାଶ କରି ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

### ଅପପୁଷ୍ଟି ରୋକିବାକୁ ୬ କେନ୍ଦ୍ର ଉଦ୍‌ଘାଟିତ

ମାଲକାନଗିରି/ଖଇରପୁଟ, ୨।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଖଇରପୁଟ ବ୍ଲକରେ ବସବାସ କରୁଥିବା ଆଦିମ ଜନଜାତି ବଣ୍ଡା ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ଅପପୁଷ୍ଟି ରୋକିବା ଲାଗି ସ୍ୱତନ୍ତ୍ର ଭାବେ ୬ଟି କେନ୍ଦ୍ର ଖୋଲାଯାଇଛି। ଶୁକ୍ରବାର ଉପଜିଲାପାଳ ରାମେଶ୍ୱର ପ୍ରଧାନ ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ମୁଦୁଲିପଡ଼ା ପଞ୍ଚାୟତର କିଷାନପଡ଼ା, ବଡ଼ପଡ଼ା-୧ ଓ ବଡ଼ପଡ଼ା-୨ ସ୍ଥାନରେ ଏହି କେନ୍ଦ୍ରଗୁଡ଼ିକ ଉଦ୍‌ଘାଟିତ ହୋଇଛି। ୭ ମାସରୁ ୩ ବର୍ଷ ଶିଶୁ, ଗର୍ଭବତୀ ମହିଳା ଏବଂ ଅପପୁଷ୍ଟିର ଶିକାର ହେଉଥିବା ଶିଶୁଙ୍କୁ ଏହି କେନ୍ଦ୍ରରେ ରଖି ସ୍ୱତନ୍ତ୍ର ଭାବେ ଭାତ, ଡାଲମା, ଛତୁଆ , ମାଣ୍ଡିଆଜାଉ ଭଳି ଖାଦ୍ୟ ସକାଳ, ମଧ୍ୟାହ୍ନ ଓ ରାତ୍ରିଭୋଜନରେ ଦେବାକୁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ, ମୁଦୁଲିପଡ଼ା ସରପଞ୍ଚ, ପିଇଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋଟିଆରେ ଜୟପୁର ଆକାଶବାଣୀ ପକ୍ଷରୁ ଓଡ଼ିଶା ଦିବସ ପାଳିତ



କୋଟିଆରେ ଜୟପୁର ଆକାଶବାଣୀ କଳାକାରମାନେ ଓଡ଼ିଶା ଦିବସ ପାଳନ କରୁଛନ୍ତି।

ଜୟପୁର,୨।୪(ନି.ପ୍ର.)

ଶବରୀ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକାରୀ ଉପସଭାପତି ଗୌରଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ଆକାଶବାଣୀ ଜୟପୁରର କଳାକାରଙ୍କୁ ନେଇ କୋଟିଆ ଅଞ୍ଚଳରେ ଓଡ଼ିଶା ଦିବସ ପାଳନ ହୋଇଥିଲା। ଓଡିଶାର ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ସହ ଫାଗୁସେନେରି, ଡୋଳିଆମ୍ବ ତଥା ଫଗୁଣସେନେରୀରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଦେଓମାଳି ପର୍ବତର ଉପତ୍ୟକାରେ ରହୁଥିବା ଅଧିବାସୀଙ୍କ ସହ ଭାବ ବିନିମୟ କଳାକାରମାନଙ୍କୁ ବେଶ୍ ଆନନ୍ଦ ଦେଇଥିଲା।ସେଠାରେ ପହଞ୍ଚିବା ପରେ କଳାକାରମାନେ ନିଆରା ଢଙ୍ଗରେ ଓଡ଼ିଶା ଦିବସ ପାଳନ କରିଥିଲେ। ଏଥିରେ ସଂଯୋଜନା କରିଥିଲେ ରଘୁନାଥ ବିଶ୍ୱାଳ ଏବଂ ମନୋଜ କୁମାର ପାତ୍ର। ଦେଶିଆ ଗୀତର କଣ୍ଠଶିଳ୍ପୀ ପ୍ରଶାନ୍ତ ସାମନ୍ତରାୟ, ଯୋଗେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଅଧିକାରୀ, ଅସ୍ମିତା ଷଡଙ୍ଗୀ, ପୂଜା ପଣ୍ଡା, ସନାତନ ପୁରୋହିତ ଦାଶଙ୍କ ପରିବେଷିତ ଗୀତରେ ମତୁଆଲା ହୋଇଥିଲେ ଅଞ୍ଚଳବାସୀ। ଧୀରେନ ପଟ୍ଟନାୟକ, ସୋମନାଥ କିଲାଡ଼ି, କେ. ଈଶ୍ୱର ସରାଫ ପ୍ରମୁଖ ସହଯୋଗ କରିଥିଲେ। ବିଜୟ ସାମନ୍ତରାୟ ସଙ୍ଗୀତ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି



ଶ୍ରୀ ଅରବିନ୍ଦ ଶିକ୍ଷାନିକେତନ।

**ଶ୍ରୀ ଅରବିନ୍ଦ ଶିକ୍ଷାନିକେତନର ନବୀକରଣ**

କୁନ୍ଦୁରା,୨।୪(ଡି.ଏନ୍.ଏ.)

୧୯୬୮ରେ କୋରାପୁଟ ଜିଲା କୁନ୍ଦୁରା ଭଳି ଜଙ୍ଗଲ ପାହାଡ ଘେରା ଉପାନ୍ତ ଅଞ୍ଚଳରେ ଶ୍ରୀ ଅରବିନ୍ଦଙ୍କ ନାମରେ ଗଢି ଉଠିଥିବା ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ଏବଂ ନବୀକରଣ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ନିକଟରେ ଚିଠି ଲେଖିଛନ୍ତି। ବ୍ଲକର ୧୨ଟି ପଞ୍ଚାୟତର ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ୧୯୯୪ରେ ରାଜ୍ୟ ସରକାର ବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେଇଥିଲେ। ଇତିମଧ୍ୟରେ ଦୀର୍ଘ ୫୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟର ଉନ୍ନତି ହୋଇନାହିଁ। ରହିଥିବା ଶ୍ରେଣୀକକ୍ଷଗୁଡିକ ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇପଡିଲାଣି। ୨୦୧୯ରେ ଏହି ଅନୁଷ୍ଠାନରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଓଡ଼ିଶାର ରାଜ୍ୟପାଳ ଯୋଗଦେଇ ଅନୁଷ୍ଠାନର ଉନ୍ନତି ନେଇ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ କରୋନା ସଂକ୍ରମଣ ଯୋଗୁ ଏଯାଏ କିଛି ହୋଇପାରିନାହିଁ। ନିକଟରେ ବିଦ୍ୟାଳୟକୁ ରାଜ୍ୟ ହସ୍ତତନ୍ତ ଏବଂ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଛନ୍ତି । ଗତ ସପ୍ତାହରେ ବିଦ୍ୟାଳୟ ପରିଦର୍ଶନ କରି ଜିଲାପାଳ ଅବଦୁଲ ଏମ୍ ଅଖତର ଏହାର ନବୀକରଣ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ବିଦ୍ୟାଳୟକୁ ମଡେଲ ବିଦ୍ୟାଳୟରେ ପରିଣତକରି ଏହାର ରକ୍ଷଣାବେକ୍ଷଣ, ସ୍ମାର୍ଟ କ୍ଲାସ୍‌ରୁମ୍ ପାଇଁ ପଞ୍ଚାୟତ ସମିତି ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବିଡିଓ ସ୍ନେହପ୍ରଭା ମାଝି କହିଛନ୍ତି । ଏହା ସତ୍ତ୍ୱେ ରାଜ୍ୟ ସରକାର ଏହି ପୁରାତନ ବିଦ୍ୟାଳୟର ଉନ୍ନତି ଲାଗି ସ୍ୱତନ୍ତ୍ର ଧ୍ୟାନଦେବାକୁ ଏମ୍‌ପି ମାଝି ଚିଠିରେ ଉଲ୍ଲେଖ କରିଛନ୍ତି।

## ଜୟପୁରରେ ପାଳନ ହେଲା ଗୁଡ୍ ଫ୍ରାଇଡେ

ଜୟପୁର,୨।୪(ନି.ପ୍ର.)



ଜୟପୁରସ୍ଥିତ ଜେଇଏଲ୍‌ସି ଚର୍ଚ୍ଚ ପରିସରରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଲୋକେ ପବିତ୍ର ଶୁକ୍ରବାର ତଥା ଗୁଡ୍ ଫ୍ରାଇଡେ କୋଭିଡ୍ ନିୟମ ଅନୁଯାୟୀ ପାଳନ କରିଛନ୍ତି । ଆର୍‌ଟି ଆର୍‌ଏଭି ଆଶିଷ କୁମାର ପାଲ ବିଶପଙ୍କ ତତ୍ତ୍ୱାବଧାନରେ ଜେଇଏଲ୍‌ସିରେ ସାମୂହିକ ପ୍ରାର୍ଥନା ସଭା ହୋଇଥିଲା। ଏହି ଅବସରରେ ବାଇବେଲ ପାଠ କରାଯାଇଥିଲା। ବାଇବେଲର ସତ୍ୟବାଣୀ ଓ ଭବିଷ୍ୟତ ବାଣୀ ଉପରେ ଆଲୋକପାତ କରାଯାଇଥିଲା। ବାରିଣୀପୁଟ, ଆମ୍ବାଗୁଡ଼ା, ହଡ଼ପଡ଼ା, ଅନ୍ତା, କୁମୁଲିପୁଟରେ ଥିବା ଚର୍ଚ୍ଚଗୁଡିକରେ ମଧ୍ୟ ସାମୂହିକ ପ୍ରାର୍ଥନା ସହ ଶୁଭ ଶୁକ୍ରବାର ପାଳିତ ହୋଇଥିଲା।

## ନାଲ୍‌କୋରେ ଓଡ଼ିଶା ଦିବସ

ଦାମନଯୋଡି,୨।୪(ଡି.ଏନ୍.ଏ.)

ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତିର ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭାଷାକୁ ଭଲପାଇବା ଓ ଓଡ଼ିଆପ୍ରେମୀ ହେଲେ ଏହି ଭାଷା ସର୍ବଦା ସବୁଠି ନିଜର ସ୍ୱତନ୍ତ୍ରତା ଜାହିର କରି ରଖିପାରିବ ବୋଲି ନାଲ୍‌କୋ ପକ୍ଷରୁ ପାଳିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ନାଲ୍‌କୋ ଇଡି ରବିଶଙ୍କର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମୂହ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ ସ୍ୱାଗତ ସୂଚନା ଦେଇଥିଲେ। ଡ. ନରେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ସହ ଅଧିକାରୀମାନେ ନାଲ୍‌କୋର ବିଭିନ୍ନ ସ୍ଥାନରେ ଥିବା ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ ଓ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଇଡି ଦାସ ଟାଉନଶିପର ଶାବରୀ ଲେକ୍‌ଠାରୁ ମା’ କଣ୍ଠାବାଉଁଶୁଣୀ ମନ୍ଦିର ପର୍ଯ୍ୟନ୍ତ ଦୁଇଟି ରାସ୍ତାକୁ ମଧୁସୂଦନ ମାର୍ଗ ଓ ମା’କଣ୍ଠାବାଉଁଶୁଣୀ ମାର୍ଗ ନାମରେ ନାମିତ କରିଥିଲେ।



ଅତିଥିମାନେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ଗୋଟିଏ ହାତରେ ଜମ୍ପ କରି ଗିନିଜ୍ ବୁକ୍‌ରେ ରେକର୍ଡ ଲକ୍ଷ୍ୟ

କୋରାପୁଟ,୨।୪(ସ୍ୱ.ପ୍ର.)

ଗୋଟିଏ ହାତରେ ଜମ୍ପ କରି ଗିନିଜ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ ଲକ୍ଷ୍ୟରେ ଅଛନ୍ତି କୋରାପୁଟର ଯୁବକ ରାଜେଶ କୁମାର ପରିଚ୍ଛା (୨୫) । କୋରାପୁଟ ବନଭାରତୀ କଲୋନିର ରାଜେଶ ଗୋଟିଏ ହାତରେ ବର୍ତ୍ତମାନ ୧୫୦ ଥର ଜମ୍ପ ମାରି ଚର୍ଚ୍ଚାରେ ଅଛନ୍ତି। ଆଗକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବାକୁ ସେ ଲିମ୍‌କା ବୁକ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ୧୦ ବର୍ଷ ତଳେ ସାବଜନ ନାମକ ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ରାଜେଶ ଏହି କଳା ଶିକ୍ଷା କରିବାକୁ ମନସ୍ଥ କରିଥିଲେ। ସେ ଗୁରୁ ସୀମାଞ୍ଚଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ୱାନ ହ୍ୟାଣ୍ଡ ଜମ୍ପ ପାଇଁ ଅଭ୍ୟାସ ଆରମ୍ଭ କରି ବର୍ତ୍ତମାନ ସେ ଏକାଥରକେ ୧୫୦ ଥର ଗୋଟିଏ ହାତରେ ଜମ୍ପ କରିପାରୁଥିବା ଦେଖିବାକୁ ମିଳୁଛି। ଏନେଇ ରାଜେଶ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ରଖିଥିବାବେଳେ ଆଗକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ରହିବା ଲକ୍ଷ୍ୟରେ ନିଜ ପ୍ରସ୍ତୁତି ଜାରି ରଖିଛନ୍ତି। ପ୍ରତ୍ୟହ କୋରାପୁଟସ୍ଥିତ ମ୍ୟୁନିସିପାଲିଟି ଜିମ୍‌ନାଜିମ୍‌ରେ ପ୍ରାୟ ୨ ଘଣ୍ଟା ଅଭ୍ୟାସ ଜାରି ରଖିଛନ୍ତି। ଏନେଇ ତାଙ୍କ କୋଚ ମିଶ୍ରଙ୍କୁ ପଚାରିବାରୁ ରାଜେଶ ନିକଟରେ ରେକର୍ଡ ନେଇ ଅଦମ୍ୟ ଉତ୍ସାହ ରହିଥିବା ଏବଂ ତାଙ୍କର ଏପରି କଳାକୁ ସେ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ତାଙ୍କୁ ପ୍ରସ୍ତୁତ କରୁଛି ବୋଲି ପ୍ରକାଶ କରିଥିଲେ। ବାପାଙ୍କ ଦେହାନ୍ତ ପରେ ରାଜେଶ କୋରାପୁଟର ଏକ ଡ୍ୟାନ୍ସ ଅନୁଷ୍ଠାନରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କୋରାପୁଟ ଜିମ୍‌ନାଜିମ୍‌ର ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ରାଜେଶ ଗତ ୩ ବର୍ଷ ହେବ ଏହି ଜିମ୍‌ନାଜିମ୍‌ରେ ସକାଳୁ ଓ ସନ୍ଧ୍ୟାରେ ଏହି କଳା ନେଇ ଅଭ୍ୟାସ ଜାରି ରଖିଛନ୍ତି। ଦିନେ ସେ ନିଜ ଲକ୍ଷ୍ୟ ହାସଲରେ ସଫଳ ହେବେ ବୋଲି ମିଶ୍ର କହିଛନ୍ତି।



ଜିମ୍‌ରେ ଗୋଟିଏ ହାତରେ ଜମ୍ପ କରୁଛନ୍ତି ରାଜେଶ।

# ‘ନୀଳିମାରାଣୀ: ମାଇଁ ମଦର- ମାଇଁ ହିରୋ’ ଉନ୍ମୋଚିତ



ଭୁବନେଶ୍ୱର, ୨।୪(ବ୍ୟୁରୋ)

ମାଆ, ମାତୃଭାଷା ଓ ମାତୃଭୂମିକୁ ଆମେମାନେ ଭୁଲିଯିବା ଉଚିତ ନୁହେଁ। ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଲିଖିତ ଇଂଲିଶ ପୁସ୍ତକ ‘ନୀଳିମାରାଣୀ: ମାଇଁ ମଦର – ମାଇଁ ହିରୋ’କୁ ଶୁକ୍ରବାର ରାଜଭବନଠାରେ ଉନ୍ମୋଚନ କରିବା ଅବସରରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଏହା କହିଛନ୍ତି। ସେ କହିଲେ, ଆମେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ପଢ଼ିଛୁ। ମାତ୍ର ଜଣେ ମାଆଙ୍କ ଜୀବନୀ ଲେଖାଯିବା ନିଶ୍ଚିତ ଭାବେ ସ୍ୱତନ୍ତ୍ର ଓ ପ୍ରେରଣାଦାୟୀ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଲେ, ଆମେ କେବଳ ମାନବସେବା କରିବା ନାହିଁ, ଆମେ ମାନବିକତାକୁ ମଧ୍ୟ ପୂଜା କରିବା ଉଚିତ। ଯଥେଷ୍ଟ କମ୍ ବୟସରେ ଅଚ୍ୟୁତ ସାମନ୍ତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଲେଖିଛନ୍ତି ବୋଲି ଗଣେଶୀଲାଲ୍ କହିଥିଲେ।

ସୂଚନାଯୋଗ୍ୟ, ଅଚ୍ୟୁତ ସାମନ୍ତଙ୍କ ମାଆ ନୀଳିମାରାଣୀ ନିଜ ସଂଘର୍ଷମୟ ଜୀବନ ମଧ୍ୟରେ ନିଜ ପିଲାଙ୍କୁ ସଫଳ ମଣିଷ କରି ଗଢ଼ି ତୋଳିବାରେ ସକ୍ଷମ ହୋଇପାରିଛନ୍ତି। ମାଆଙ୍କ ଜୀବନାଦର୍ଶ ଓ ମୂଲ୍ୟବୋଧକୁ ଆଧାର କରି ଲେଖକ ଅଚ୍ୟୁତ ସାମନ୍ତ କିଭଳି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି ତାହା ହିଁ ଏହି ପୁସ୍ତକର ନିଷ୍କର୍ଷ। ନିଜ ବକ୍ତବ୍ୟରେ ଅଚ୍ୟୁତ ସାମନ୍ତ କହିଛନ୍ତି, ସେ ସର୍ବଦା ନାରୀଶକ୍ତିକୁ ସମ୍ମାନ ଦେଇଛନ୍ତି। ନାରୀଶକ୍ତିର ପ୍ରଭାବ ସେ ପିଲାଟିବେଳୁ ଅନୁଭବ କରିଆସିଛନ୍ତି। ନାରୀଶକ୍ତି ସର୍ବଦା ସମାଜର ଉନ୍ନତି କରିଆସିଛି। ନାରୀଶକ୍ତିକୁ ଯେତେ ସଶକ୍ତ କରାଯିବ ଦେଶ ଓ ସମାଜର ସେତିକି ଉନ୍ନତି ହେବ। ଏହି ପୁସ୍ତକଟି ନାରୀଶକ୍ତିକୁ କେନ୍ଦ୍ରକରି ଲେଖାଯାଇଛି।

# ସାରଳା ଦାସଙ୍କ ମହାଭାରତ ବାସ୍ତବିକ ଅନନ୍ୟ: ଉପରାଷ୍ଟ୍ରପତି

କଟକ ଅଫିସ, ୨।୪

ଆଦିକବି ସାରଳା ଦାସ ହେଉଛନ୍ତି ଆଧୁନିକ ଓଡ଼ିଆ ଭାଷାର ଜନକ। ପଞ୍ଚଦଶ ଶତାବ୍ଦୀରେ ପ୍ରଚଳିତ ଭାଷାକୁ ବ୍ୟବହାର କରି ଓଡ଼ିଆ ସାହିତ୍ୟକୁ ଲୋକାଭିମୁଖୀ କରିବାରେ ସାରଳା ଦାସ ଥିଲେ ଅଗ୍ରଦୂତ। ମହାଭାରତରେ ସେ ଯେଉଁ ଶବ୍ଦାବଳୀ ପ୍ରୟୋଗ କରିଛନ୍ତି ତାହା ବୁଝିବା ପାଇଁ କୌଣସି ପାଠକଙ୍କୁ ଶବ୍ଦକୋଷର ଆବଶ୍ୟକ ହେବ ନାହିଁ। ଏହା ହେଉଛି ମହାନ୍ କବିମାନଙ୍କ ଏକ ସ୍ୱାତନ୍ତ୍ର୍ୟ, ଯାହାକି ଜନମାନସର ହୃଦୟ ଜିତିପାରିଛି। ସାରଳା ଦାସ ସେହିପରି ଜଣେ ମହାନ୍ ବ୍ୟକ୍ତିତ୍ୱ ବୋଲି କହିଛନ୍ତି ଭାରତର ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ। କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଓ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକ ସମାରୋହରେ ଉପରାଷ୍ଟ୍ରପତି ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାରଳା ଦାସଙ୍କ ସମସାମୟିକ କବିଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରି ଉପରାଷ୍ଟ୍ରପତି ନାଇଡୁ କହିଥିଲେ ଯେ, ସନ୍ଥ କବୀର ଦାସ ମଧ୍ୟ ଜୀବନର ନିରାଟ ସତ୍ୟକୁ ହିନ୍ଦୀରେ ରଚନା କରିଥିଲେ। ତାଙ୍କର ଜନାଦୃତ ରଚନା ପାଇଁ ସମାଜର ସବୁ ବର୍ଗର ଲୋକ ଆଜି ତାଙ୍କ କଥାକୁ ଉଦାହରଣ ଦିଅନ୍ତି। ତେଲୁଗୁ ଭାଷାର ମହାନ୍ କବି ଓ ଦାର୍ଶନିକ ଯୋଗୀ ବେମ୍ମନା ମଧ୍ୟ ସେହିପରି ଭଙ୍ଗୀରେ ରଚନା କରିଥିଲେ, ଯେଉଁଥିପାଇଁ ସେ ତେଲୁଗୁ ଭାଷୀଙ୍କ ମାନସପଟରେ ଅଂଶବିଶେଷ ହୋଇ ରହିଯାଇଛନ୍ତି। ସାରଳା ଦାସଙ୍କ ଦ୍ୱାରା ଲିଖିତ ମହାଭାରତ ବାସ୍ତବିକ ଅନନ୍ୟ ବୋଲି ବିବେଚନା କରେ। ବ୍ୟାସଙ୍କ ମହାଭାରତ ଅନେକ ଭାରତୀୟ କବିଙ୍କ ଦ୍ୱାରା ଅନୂଦିତ ହୋଇଛି, ମାତ୍ର ସାରଳା ଦାସ ଏପରି ଏକ କାଳଜୟୀ ମହାକାବ୍ୟ ରଚନା କରିଛନ୍ତି, ଯାହା ସମସ୍ତ ଓଡ଼ିଆ ଭାଷାଭାଷୀଙ୍କ ଜନମାନସରେ ବସାବାନ୍ଧିବାରେ ସକ୍ଷମ ହୋଇଛି ବୋଲି ନାଇଡୁ କହିଛନ୍ତି।



ସମାରୋହରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ‘କଳିଙ୍ଗ ରତ୍ନ’ ସମ୍ମାନ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ସମାରୋହରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଦିଆଯାଉଥିବା କଳିଙ୍ଗ ରତ୍ନ ସମ୍ମାନ ପ୍ରଦାନ କରି ଉପରାଷ୍ଟ୍ରପତି ନାଇଡୁ କହିଥିଲେ, ସାରଳା ଦାସଙ୍କ ସାହିତ୍ୟ କୃତି ହେଉଛି ତତ୍କାଳୀନ ଓଡ଼ିଶାର ରାଜନୈତିକ, ସାଂସ୍କୃତିକ ଇତିହାସ ଓ ଭୂଗୋଳ ସମ୍ପର୍କିତ ତଥ୍ୟର ଗନ୍ତାଘର। ନିଃସନ୍ଦେହରେ ଆମ ମଧ୍ୟରୁ ଅଧିକାଂଶ ସାରଳା ଦାସଙ୍କୁ ଆଦିକବି ବା ଓଡ଼ିଶାର ପ୍ରଥମ କବିଭାବେ ବିବେଚନା କରୁ। ତାଙ୍କୁ ଆଦି ଐତିହାସିକ ବା ପ୍ରଥମ ଐତିହାସିକ, ଭୂଗୋଳବିତ୍ ଓ ସମାଜତତ୍ତ୍ୱବିତ୍ ଭାବେ ମଧ୍ୟ ବର୍ଣ୍ଣନା କରାଯାଇପାରେ। ବିଭିନ୍ନ ସ୍ଥାନର ବର୍ଣ୍ଣନା, ପର୍ବପର୍ବାଣିର ରେଖାଙ୍କନ ଓ ସର୍ବୋପରି

## ବିଶ୍ୱଭୂଷଣଙ୍କୁ ‘କଳିଙ୍ଗ ରତ୍ନ’ ସମ୍ମାନ

ପଞ୍ଚଦଶ ଶତାବ୍ଦୀର ଲୋକଚରିତ୍ର ସମ୍ପର୍କିତ ରଚନା ତାଙ୍କର ତତ୍କାଳୀନ ସାମାଜିକ ଓ ଆର୍ଥିକ ଅବସ୍ଥାର ଗଭୀର ଅନୁଶୀଳନର ସୂଚନା ପ୍ରଦାନ କରେ ବୋଲି ନାଇଡୁ କହିଥିଲେ। ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀରେ ଓଡ଼ିଶାର ଦୁଇ ପ୍ରମୁଖ ମହାନଗରୀ କଟକ ଓ ଭୁବନେଶ୍ୱରର ବୁଦ୍ଧିଜୀବୀଙ୍କ ଗହଣରେ ଉପସ୍ଥିତ ରହି ନିଜକୁ ଧନ୍ୟ ମନେ କରୁଛି। ସେହିପରି ଖୁବ୍ ଆନନ୍ଦିତ ଯେ, ଆପଣମାନେ ମୋର ବନ୍ଧୁ ତଥା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ମାନଜନକ ‘କଳିଙ୍ଗ ରତ୍ନ’ ସମ୍ମାନରେ ସମ୍ମାନିତ କରିଛନ୍ତି ବୋଲି ଉପରାଷ୍ଟ୍ରପତି ନାଇଡୁ କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନ କହିଥିଲେ, ଆଦିକବି ସାରଳା ଦାସ ତାଙ୍କ ଲେଖା ମାଧ୍ୟମରେ ଭାଷା ଓ ସମାଜରେ ବିରାଟ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ କାଳଜୟୀ ମହାଭାରତ କେବଳ ଭାରତବର୍ଷ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଛି। ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସାରଳା ଦାସଙ୍କ ରଚିତ ମହାକାବ୍ୟ ମହାଭାରତ ଏକ କାଳଜୟୀ ରଚନା। ସେ ସମୟରେ ସେ ନିଜ ମାତୃଭାଷାରେ ମହାଭାରତକୁ ସରଳ ଭାବରେ ରଚନା କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ମାନସପଟରେ ରହିଛି। ମାତୃଭାଷାକୁ ପ୍ରାଧାନ୍ୟ ନ ଦେଲେ ଦେଶ ଓ ଜାତିର ଉନ୍ନତି ଅସମ୍ଭବ ବୋଲି ରାଜ୍ୟପାଳ ଗଣେଶୀ ଲାଲ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଆଜିକୁ ଠିକ୍ ୧୫ ବର୍ଷ ପରେ ଅର୍ଥାତ୍ ୨୦୩୬ରେ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାକୁ ୧୦୦ ବର୍ଷ ପୂରିବ। ୨୬ ବର୍ଷ ପରେ ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ତେଣୁ ଏହି ସମୟ ମଧ୍ୟରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ସହ ଏକ ନୂଆ ଓଡ଼ିଶା ଗଠନ ପାଇଁ ମାର୍ଗଦର୍ଶନ କରିବାକୁ ବିଶିଷ୍ଟ ସାହିତ୍ୟିକଗଣଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସାରଳା ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ପ୍ରଭାକର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସୁନ୍ଦରପଦା ବୋମାମାଡ଼ ଘଟଣା: ୭ ଗିରଫ

ଭୁବନେଶ୍ୱର, ୨।୪(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅଧୀନ ସୁନ୍ଦରପଦା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ଘଟଣାରେ ଶୁକ୍ରବାର ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରପଦା ଆଜାଦନଗର ଗାଁର ସେକ ସରାଫତ ଅଲୀ, ଆବୁ ତାଲିମ ଖାନ, ସେକ ମହମ୍ମଦ ଅଲୀ, ସେକ ସୌକତ ଅଲୀ, ବବୁଲ ବସାର ଖାନ, ମହମ୍ମଦ ଅସଫର ଇକବାଲ, ସେକ ସୟଦ ଅଲୀ। ଗୁରୁବାର ସେମାନଙ୍କ ଆକ୍ରମଣରେ ଆଜାଦନଗରର ମହମ୍ମଦ ତସଲିମ ଖାନ ଗୁରୁତର ହୋଇଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ୭ଜଣଙ୍କୁ ଥାନାକୁ ଆଣିଥିଲା। ସୂଚନାଯୋଗ୍ୟ, ସୁନ୍ଦରପଦା ଆଜାଦ ନଗରରେ ଗୁରୁବାର ସନ୍ଧ୍ୟାରେ ୨ ସଂଖ୍ୟାଲଘୁ ଗୋଷ୍ଠୀ ମଧ୍ୟରେ ଗାଁ କମିଟି ସଦସ୍ୟ ନିର୍ବାଚନକୁ ନେଇ ସଂଘର୍ଷ ସହ ଏକ ଦୋକାନରେ ବୋମାମାଡ ହୋଇଥିଲା। ଗୋଷ୍ଠୀ ସଂଘର୍ଷ ଉଗ୍ରରୂପ ଧାରଣ କରିବା ସହ ପରସ୍ପର ମଧ୍ୟରେ ଆକ୍ରମଣ ହୋଇ ୬ ଜଣ ଆହତ ହୋଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## କରୋନା ଯୋଦ୍ଧାଙ୍କୁ ସମ୍ମାନ

# ୮୩ଜଣଙ୍କୁ ଡିଜିପି ପଦକ









କରୋନା ଯୋଦ୍ଧାଙ୍କୁ ପୋଲିସ ଡିଜି ଅଭୟ ପଦକ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨।୪(ବ୍ୟୁରୋ)

କରୋନା ମହାମାରୀ କାଳରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଥିବା ପୋଲିସ ଅଫିସର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ କୋଭିଡ୍ ଯୋଦ୍ଧାଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮୩ ଜଣଙ୍କୁ ୨୦୨୦-୨୧ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ (ଡିଜିପି ଡିସ୍କ) ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୋଲିସ ଡିଜି ଅଭୟ ଯୋଗଦେଇ ୨ଜଣ ଆଇଜି, ୧୨ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୪ଏସ୍‌ଆଇ, ଜଣେ ଏଏସ୍‌ଆଇ, ୮ ହାବିଲଦାର, ୧୭ ଏସ୍‌ଓଜି କମାଣ୍ଡୋ, ୬ଜଣ କନଷ୍ଟେବଳ ଓ ଜଣେ ସିପାହିଙ୍କୁ ପଦକ ପ୍ରଦାନ କରିଛନ୍ତି। ତେବେ ଏମାନଙ୍କ ମଧ୍ୟରେ କରୋନା ବିରୋଧରେ ଲଢେଇ କରି ଶହୀଦ ହୋଇଥିବା ୧୫ଜଣ ପୋଲିସ ଓ ୨ଜଣ ଏସ୍‌ଓଜି ଯବାନ ରହିଛନ୍ତି। ସେମାନଙ୍କ ପରିବାର ବର୍ଗ ଏହି ସମ୍ମାନ ଗ୍ରହଣ କରିଥିଲେ।

ଡିଜିପି ଡିସ୍କ ପାଇଥିବା ପୋଲିସ ଅଫିସର ହେଲେ ଆଇଜି (ଭିଜିଲାନସ ଡାଇରେକ୍ଟୋରେଟ୍) ଘନଶ୍ୟାମ ଉପାଧ୍ୟାୟ, ଆଇଜି (ପ୍ରୋଭିଜନିଂ) ୱାଇ. କୋୟଲ, ଡିଏସ୍‌ପି ଅଶୋକ କୁମାର ସାହୁ, ତପନ କୁମାର ପଟ୍ଟନାୟକ, ଟଙ୍କଧର ପ୍ରଧାନ, ଠାକୁର ପ୍ରସାଦ ପାତ୍ର, ପ୍ରମିଳା ନାୟକ, ଅଶୋକ କୁମାର ମହାନ୍ତି, ଭବାନୀ ଶଙ୍କର ମିଶ୍ର, ପ୍ରାଣକୃଷ୍ଣ ରାଉତ, ଅନିଲ କୁମାର ମିଶ୍ର, ସତ୍ୟନାରାୟଣ ସିଂ, ଅମରେନ୍ଦ୍ର ପଣ୍ଡା ଓ ରଜତ କେରେକେଟା, ଇନ୍ସପେକ୍ଟର ରଶ୍ମିରଞ୍ଜନ ମହାପାତ୍ର, ପଦ୍ମନାଭ ପ୍ରଧାନ, ଜଗନ୍ନାଥ ମଲ୍ଲିକ, ଅଞ୍ଜଳି ବିଶ୍ୱାଳ, ବିବେକାନ୍ଦ ମହନ୍ତ, ଦେବାଶିଷ ମହାନ୍ତି, ସୁଧାଂଶୁ ଭୂଷଣ ଜେନା, ଆକାଂକ୍ଷା ରାୟ, ସସ୍ମିତା ସ୍ୱାଇଁ, ଅରୁଣ କୁମାର ବେହେରା, ସନ୍ତୋଷ କୁମାର ସାହୁ, ସନ୍ତୋଷ ସାଲିମ୍ ବାଗେ, ଶ୍ରୀରାମ କ୍ରିପାଲ୍ ମିଶ୍ର ଓ ରଜତ ପଟ୍ଟନାୟକ, ଏସ୍‌ଆଇ ଦୁର୍ଗେଶ ନନ୍ଦିନୀ ମହାନ୍ତି, କାଳନ୍ଦୀ ବେହେରା, ସରୋଜ କୁମାର ନାଥ ଓ ରଘୁନାଥ ମାଝି ଏବଂ ଏଏସ୍‌ଆଇ ଦୋଳଗୋବିନ୍ଦ ସ୍ୱାଇଁ।

# ନିଆଳିରେ ପୁଣି ଅଜଣା ଜନ୍ତୁ ଆତଙ୍କ

ନିଆଳି, ୨।୪(ଡି.ଏନ.ଏ.)



- ଗୋଟିଏ ରାତିରେ ୧୦ ମେଣ୍ଢା ମୃତ
- ଚାଷୀ ଆତଙ୍କିତ, କ୍ଷତିପୂରଣ ଦାବି
- ତଦନ୍ତ କଲେ ଜଙ୍ଗଲ ବିଭାଗ ଅଧିକାରୀ

କଟକ ଜିଲା ନିଆଳି ଅଞ୍ଚଳରେ ପୁଣି ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଗୁରୁବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ନିଆଳି ବ୍ଲକ ଅନ୍ତର୍ଗତ ତିହୁଡି ପଞ୍ଚାୟତ ବାଘମରା ଗ୍ରାମର ବିରଞ୍ଚି ଦାସଙ୍କ ଗୁହାଳରେ ଥିବା ୧୦ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଗୁରୁତର ହୋଇଛନ୍ତି। ଶୁକ୍ରବାର ସକାଳେ ଖବରପାଇ ଜଙ୍ଗଲ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, କଟକ ଏସ୍‌ସିଏଫ୍ ଓ ଫୁଲନଖରା ରେଞ୍ଜର ରବୀନ୍ଦ୍ର କୁମାର ନାୟକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ପଣ୍ଡା କହିଛନ୍ତି। ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ରାତ୍ରି ପାଟ୍ରୋଲିଂ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହିଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ମେଣ୍ଢାପାଳନ କରୁଥିବା ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅଜଣା ଜନ୍ତୁକୁ ଧରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ମେଣ୍ଢା ପାଳନ କରିଥିବା ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ଉକ୍ତ ଅଞ୍ଚଳରେ ଅଜଣା ଜନ୍ତୁ ଆକ୍ରମଣରେ ବହୁସଂଖ୍ୟକ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ମେଣ୍ଢା ପାଳନ କରିଥିବା ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡିଥିଲା।

# ଖବରଦାତାଙ୍କୁ ଟିକା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍

କୋଣାର୍କ, ୨।୪(ଡି.ଏନ୍.ଏ.)

କରୋନା ସମୟରେ ନିରବଚ୍ଛିନ୍ନ ଖବର ପରିବେଷଣ କରିବା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଓଡ଼ିଶାର କାର୍ଯ୍ୟରତ ଖବରଦାତାମାନଙ୍କୁ କରୋନା ଟିକା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରଦତ୍ତ ସରକାରୀ ଚିଠି ଆଧାରରେ କୋଣାର୍କ ଅଞ୍ଚଳର ଖବରଦାତା ଭାଗୀରଥି ସ୍ୱାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଅବଗତ କରାଇଛନ୍ତି। ଖବର ଅନୁଯାୟୀ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପତ୍ର ସଂଖ୍ୟା- ୮୨୩୮, ତା -୧୭।୩।୨୧ରେ ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କୁ ପତ୍ର ମାଧ୍ୟମରେ ଓଡ଼ିଶାରେ କାର୍ଯ୍ୟରତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତାମାନଙ୍କୁ କରୋନା ଟିକା ପ୍ରଦାନ ପାଇଁ ଅନୁମତି ଦେବାକୁ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କୌଣସି କାର୍ଯ୍ୟକାରୀ ହୋଇ ନ ଥିବାବେଳେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଥିବାରୁ ଖବରଦାତାମାନେ ଚିନ୍ତିତ ଅଛନ୍ତି। ତେଣୁ ଏଥିପ୍ରତି କେନ୍ଦ୍ର ଯଥାଶୀଘ୍ର ଧ୍ୟାନ ଦେବା ପାଇଁ କୋଣାର୍କର ଖବରଦାତା ଭାଗୀରଥି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ ଯୋଗେ ଜଣାଇଛନ୍ତି।

# ବାଘଛାଲ ସହ ୨ ବେପାରୀଙ୍କୁ ଧରିଲା ଏସ୍‌ଟିଏଫ୍

## ବୋଲଗଡ଼ରେ ର୍‍ୟାକେଟ

- ନୟାଗଡ଼ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରି ଚୋରା ଚାଲାଣ କରୁଥିଲେ
- ଗତବର୍ଷ ରାଜ୍ୟରେ ଜବତ ହୋଇଛି ୧୨ ବାଘଛାଲ, ୮ ହାତୀଦାନ୍ତ



ଭୁବନେଶ୍ୱର, ୨।୪(ବ୍ୟୁରୋ)

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ଅବାଧରେ ଚାଲିଛି। ଯେତେ ବାଘଛାଲ ଜବତ ହେଉଛି, ସେତେ ମିଳୁଛି। ମାର୍ଚ୍ଚ ୨୩ରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ବାଘଛାଲ ଜବତ କରିଥିବାବେଳେ ଶୁକ୍ରବାର ଆଉ ଚୋରା ଚାଲାଣ ର୍‍ୟାକେଟକୁ ଠାବ କରିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳରେ ବାଘଛାଲ ବିକ୍ରି କରିବାକୁ ଡିଲ୍ ଚାଲିଥିବାବେଳେ ଏସ୍‌ଟିଏଫ୍ ଟିମ୍ ୨ଜଣ ବେପାରୀଙ୍କୁ ଧରିବା ସହ ସେମାନଙ୍କଠାରୁ ଏକ ବାଘଛାଲ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡ଼ ଜିଲାର ସୁଧୀର ବେହେରା ଓ ସୁବାସ ଚନ୍ଦ୍ର ବେହେରା। ଏସ୍‌ଟିଏଫ୍ ଆଇପିସି ଧାରା ୩୭୯/୪୧୧, ଆର୍/ଡବ୍ଲ୍ୟୁ ୫୧ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ୧୯୭୨ରେ ଏକ ମାମଲା (ନଂ. ୧୧/୨୧) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଜବତ ବାଘ ଛାଲର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ। ଏହାକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବା ସହ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଚାଲିଛି।

ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି ଯେ, ଗିରଫ ସୁଧୀର ଓ ସୁବାସ ହେଉଛନ୍ତି ସମ୍ପର୍କୀୟ ଭାଇ। ଏମାନେ ନୟାଗଡ଼ ଜଙ୍ଗଲରୁ ଦୀର୍ଘବର୍ଷ ହେବ ବନ୍ୟଜନ୍ତୁଙ୍କ ଶିକାର କରନ୍ତି। ହାତୀ, ବାଘ, ବଜ୍ରକାପ୍ତା ଆଦି ବନ୍ୟଜନ୍ତୁଙ୍କୁ ମାରି ଦାନ୍ତ, ଛାଲ, କାତିକୁ ଚୋରାଚାଲାଣ କରୁଥିଲେ। ଗତ ଗୁରୁବାର ବିଳମ୍ବିତ ରାତିରେ ଦୁହେଁ ବୋଲଗଡ଼ ଅଞ୍ଚଳରେ ବାଘଛାଲ ଧରି ଗ୍ରାହକ ଅପେକ୍ଷାରେ ଥିବାବେଳେ ଖବରପାଇ ଏସ୍‌ଟିଏଫ୍ ଟିମ୍‌ର ଜଣେ ଅଫିସର ସେଠାକୁ ଗ୍ରାହକ ବେଶରେ ଯାଇ ମୂଲଚାଲ କରିଥିଲେ। ହେଲେ ମୂଲଚାଲବେଳେ ପୋଲିସ ବୋଲି ସନ୍ଦେହ କରି ସେମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଏସ୍‌ଟିଏଫ୍ ଟିମ୍‌ର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ମାଡ଼ିବସିଥିଲେ।

ଉଲ୍ଲେଖଯୋଗ୍ୟ, ବନ୍ୟଜନ୍ତୁ ଶିକାର ଓ ଅଙ୍ଗ ଚୋରା ଚାଲାଣ ବନ୍ଦ ପାଇଁ ବନ ବିଭାଗ ବିଫଳ ହୋଇଥିବାବେଳେ କ୍ରାଇମ୍‌ବ୍ରାଞ୍ଚ କଡ଼ା ନଜର ରଖିଛି। ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିବା ସହ ଗତ ବର୍ଷକ ମଧ୍ୟରେ ଏସ୍‌ଟିଏଫ୍ ପକ୍ଷରୁ ୧୨ ବାଘ ଛାଲ, ୬ ହାତୀଦାନ୍ତ, ୨ ହରିଣ ଛାଲ, ୨ ଜିଅନ୍ତା ବଜ୍ରକାପ୍ତା, ୫ କିଗ୍ରା ବଜ୍ରକାପ୍ତା କାତି ଆଦି ଜବତ କରାଯାଇଛି। ଏଥିସହିତ ୧୩ ମାମଲାରେ ୨୪ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## ଶିକାର ରୋକିବାକୁ ଟୋଲ୍ ଫ୍ରି ନମ୍ବର ଜାରି

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ରୋକିବାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ପ୍ରଥମଥର ପାଇଁ ଏକ ଟୋଲ୍ ଫ୍ରି ନମ୍ବର (୯୪୩୯୨୬୩୬୪୬) ଜାରି କରାଯାଇଛି। ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ଏଥିସହ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

୩୯

## ସଂକ୍ଷେପରେ

### ଉନ୍ନତ ଅଭିବୃଦ୍ଧି ଆଶା



ନୂଆଦିଲ୍ଲୀ,୨।୪: ଭାରତୀୟ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ଉନ୍ନତ ହେବ ବୋଲି ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ ଶୁକ୍ରବାର ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଭାରତର ଅଭିବୃଦ୍ଧି ୭.୫%ରୁ ୧୨% ରହିବା ନେଇ ବିଶ୍ୱବ୍ୟାଙ୍କ ଆକଳନ କରିଛି। କେବଳ ବିଶ୍ୱବ୍ୟାଙ୍କ ନୁହେଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ମଧ୍ୟ ଅଭିବୃଦ୍ଧି ପ୍ରାୟ ୧୧.୫% ରହିବା ନେଇ ଅନୁମାନ ଲଗାଇଛି। ମୋଟାମୋଟି ଭାବେ ଧରିବାକୁ ଗଲେ ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧି କରୁଛି। କୋଭିଡ୍- ୧୯ ଯୋଗୁ ନିବେଶ ପ୍ରଭାବିତ ହୋଇଛି। ଦେଶର ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକରେ ସମସ୍ୟା ଯୋଗୁ ଏହା ଅର୍ଥ ବ୍ୟବସ୍ଥା ଉପରେ ଚାପ ପକାଉଛି। ମହାମାରୀ ସତ୍ତ୍ୱେ ମାର୍ଚ୍ଚରେ ରେକର୍ଡ ପରିମାଣ ଜିଏସ୍‌ଟି ୧.୨୩ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ଟେକ୍ନୋଲୋଜି ଏବଂ ଉନ୍ନତ ଅନୁପାଳନ ଯୋଗୁ ଟିକସ ସଂଗ୍ରହ ବଢ଼ିଛି। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଗତିଶୀଳ ହେଉଥିବା ସେ ମତ ପ୍ରକାଶ କରିଛନ୍ତି।

### ୟୁନିୟନ ବ୍ୟାଙ୍କ-ଏଚ୍‌ପିସିଏଲ୍ କୋ ବ୍ରାଣ୍ଡେଡ କ୍ରେଡିଟ କାର୍ଡ

ନୂଆଦିଲ୍ଲୀ,୨।୪: ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍‌ପିସିଏଲ୍) ଏବଂ ୟୁନିୟନ ବ୍ୟାଙ୍କ ପକ୍ଷରୁ କୋ ବ୍ରାଣ୍ଡେଡ ରୁପେ କ୍ରେଡିଟ କାର୍ଡ ଶୁଭାରମ୍ଭ ହୋଇଛି। ସାରା ଦେଶରେ ରହିଥିବା ଏଚ୍‌ପିସିଏଲ୍‌ର ୧୮ ହଜାରରୁ ଊର୍ଦ୍ଧ୍ୱ ଆଉଟଲେଟରେ ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଇନ୍ଧନ କ୍ରୟରେ ୟୁଜର ୧୬ ଗୁଣା ରିୱାର୍ଡ ପଏଣ୍ଟ ଲାଭ କରିପାରିବେ। ଏହା ୪% କ୍ୟାଶ୍‌ବ୍ୟାକ ସହିତ ସମାନ। ଏଚ୍‌ପି ପେ ୱାଲେଟ ଜରିଆରେ ପେମେଣ୍ଟ କରିବା ବେଳେ ଗ୍ରାହକ ଏଚ୍‌ପିସିଏଲ୍ ପକ୍ଷରୁ ଅତିରିକ୍ତ ୧.୫% ରିୱାର୍ଡ ପଏଣ୍ଟ ଲାଭ କରିବାକୁ ସକ୍ଷମ ହେବେ। ଗ୍ରାହକଙ୍କୁ ୧% ସରଚାର୍ଜ ଛାଡ଼ ସୁବିଧା ମଧ୍ୟ ମିଳିବ। ଏଚ୍‌ପିସିଏଲ୍ ସିଏମ୍‌ଡି ମୁକେଶ କୁମାର ସୁରାଣା, ୟୁନିୟନ ବ୍ୟାଙ୍କ ସିଇଓ ରାଜକିରଣ ରାୟ, ଜିଏନ୍‌ପିସିଆଇ ସିଇଓ ଦିଲୀପ କୁମାର ଆସ୍‌ବେ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଡକୁ ଉନ୍ମୋଚନ କରିଛନ୍ତି।

### ନାଇକାର ପ୍ରଥମ ଅନ୍ ଟ୍ରେଣ୍ଡ ଷ୍ଟୋର

ଭୁବନେଶ୍ୱର,୨।୪ : ପ୍ରମୁଖ ବିୟୁଟି ଏବଂ ଫ୍ୟାଶନ ଡେଷ୍ଟିନେଶନ ନାଇକା ପକ୍ଷରୁ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ପ୍ରଥମ ଅନ୍ ଟ୍ରେଣ୍ଡ ଷ୍ଟୋର ଖୋଲିଛି। ଏହା ସହିତ ନାଇକା ନିଜର ଅନ୍‌ଲାଇନ ବିୟୁଟିକୁ ଅଫ୍‌ଲାଇନକୁ ସମ୍ପ୍ରସାରଣ କରିବା ଦିଗରେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଛି। ନାଇକାର ବର୍ତ୍ତମାନ ଭୁବନେଶ୍ୱରରେ ୨ଟି ଷ୍ଟୋର ରହିଛି। ଷ୍ଟୋରରେ କସ୍‌ମେଟିକ, ହୁଡା ବ୍ୟୁଟି, ଦ ବାମ, କେ ବ୍ୟୁଟି, ଟୋନିମୋଲି, ମେବିଲିନ ଭଳି ପ୍ରମୁଖ ବ୍ରାଣ୍ଡର ପ୍ରଡକ୍ଟ ଉପଲବ୍ଧ। ୨୫ ଶହ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ ଗ୍ରାହକ ଉପହାର ଲାଭ କରିପାରିବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

### ଏସ୍‌ବିଆଇ-ଜେବିଆଇସି ଋଣ ଚୁକ୍ତି

ନୂଆଦିଲ୍ଲୀ,୨।୪: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏବଂ ଜାପାନ ବ୍ୟାଙ୍କ ଫର୍ ଇଣ୍ଟରନ୍ୟାଶନାଲ କୋଅପରେଶନ (ଜେବିଆଇସି) ଋଣ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଏସ୍‌ବିଆଇ ୧୦୦ କୋଟି ଡଲାରର ଋଣ ଉଠାଣ କରିବ। ୨୦୨୦ ଅକ୍ଟୋବରରେ ଏସ୍‌ବିଆଇ ମଧ୍ୟ ଏଭଳି ଚୁକ୍ତିରେ ସାମିଲ ହୋଇଥିଲା। ଭାରତରେ ଅବସ୍ଥାପିତ ଜାପାନର ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ଋଣ ଯୋଗାଣ ଦିଗରେ ଏହି ଅର୍ଥ ବ୍ୟବହାର ହୋଇପାରିବ। ଜେବିଆଇସି ଏକ ନୀତିଭିତ୍ତିକ ଆର୍ଥିକ ପ୍ରତିଷ୍ଠାନ । ଏହା ଜାପାନ ସରକାରଙ୍କ ଏକ ସଂସ୍ଥା। ଜାପାନ ତଥା ଅନ୍ତର୍ଜାତୀୟ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲକ୍ଷ୍ୟରେ ଏହା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଭାରତରେ ରହିଥିବା ଜାପାନ ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ସହାୟତା କରିବା ଦିଗରେ ଏହା ସହାୟକ ହେବ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ ଖାରା କହିଛନ୍ତି।

# ଉତ୍ପାଦନରେ ଏମ୍‌ସିଏଲ୍‌ର ରେକର୍ଡ

ଭୁବନେଶ୍ୱର,୨।୪

**୨୦୨୧-୨୨ରେ ଉତ୍ପାଦନ ଲକ୍ଷ୍ୟ ୧୬୮ ନିୟୁତ ଟନ୍**




ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) କୋଇଲା ଉତ୍ପାଦନରେ ଏହାର ସବୁ ରେକର୍ଡକୁ ପଛରେ ପକାଇ ଦେଇଛି। ୨୦୨୦-୨୧ ଅବଧିରେ କମ୍ପାନୀ ୧୪୮.୧ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବା ବେଳେ ୧୪୬ ନିୟୁତ ଟନ ଡେସ୍‌ପ୍ୟାଚ କରିବାକୁ ସକ୍ଷମ ହୋଇଛି। ୨୦୨୧-୨୨ରେ କମ୍ପାନୀ ୧୬୮ ନିୟୁତ ଟନ କୋଇଲା ଉତ୍ପାଦନ କରିବା ଲାଗି ଲକ୍ଷ୍ୟ ରଖିଛି। ସେହିଭଳି ଓଭର ବର୍ଡନ ରିମୁଭାଲ ଭାବେ ୧୭୪ ନିୟୁତ ଘନମିଟର ରେକର୍ଡ ହାସଲ କରିଛି। ୨୦୨୪ ସୁଦ୍ଧା ଦେଶରେ ୧୦୦ କୋଟି ଟନ୍ କୋଇଲା ଉତ୍ପାଦନ ଲାଗି କୋଲ୍ ଇଣ୍ଡିଆ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟ ହାସଲ ଦିଗରେ ଏମ୍‌ସିଏଲ୍ ଏକ ପ୍ରମୁଖ ଭାଗୀଦାରି ହେବ ବୋଲି ଆଶା ପ୍ରକଟ କରିଛି।

କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ଏହାକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସରକାର ଏବଂ ସ୍ଥାନୀୟ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ଫଳରେ କମ୍ପାନୀ କୋଭିଡ୍ ମହାମାରୀ ସମୟରେ ମଧ୍ୟ ନୂଆ ରେକର୍ଡ ସୃଷ୍ଟି କରିବାକୁ ସକ୍ଷମ ହୋଇଥିବା ସେ ମତ ପ୍ରକାଶ କରିଛନ୍ତି। ଏହା ସହିତ ସେ ସମସ୍ତ ଅଂଶୀଦାରଙ୍କୁ ମଧ୍ୟ ଧନ୍ୟବାଦ ପ୍ରଦାନ କରିଛନ୍ତି। କମ୍ପାନୀ ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନେଉଛି। କୋଭିଡ୍ ମହାମାରୀ ବିରୋଧରେ ଲଢ଼ିବା ଲାଗି ରାଜ୍ୟ ସରକାରଙ୍କ ସହିତ ମିଳିତ ହୋଇ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଇଛି। ସେ ପୁଣି କହିଛନ୍ତି, ରାଜ୍ୟ ସରକାର ଏବଂ ସମ୍ ହସ୍ପିଟାଲ ସହ ତ୍ରିପାକ୍ଷିକ ଚୁକ୍ତି ଦ୍ୱାରା ଭୁବନେଶ୍ୱରରେ ୫୨୫ ବେଡ୍ ସୁବିଧା ଥିବା କୋଭିଡ୍ ହସ୍ପିଟାଲ ଏବଂ ତାଳଚେରରେ ୧୫୦ ବେଡ୍ ଭିତ୍ତିକ କୋଭିଡ୍ ହସ୍ପିଟାଲ ସ୍ଥାପନ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୫୦ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହେଲ୍‌ଥ ସେଣ୍ଟର ଏବଂ ଅନ୍ୟ କୋଭିଡ୍ କେୟାର ସେଣ୍ଟର ମଧ୍ୟ ସ୍ଥାପନ ହୋଇଛି।

୨୦୨୦-୨୧ରେ କମ୍ପାନୀ ୨୩ ଶହ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିଥିଲା। ଏହା କୋଲ୍ ଇଣ୍ଡିଆର ସହଯୋଗୀ କମ୍ପାନୀଙ୍କ ମଧ୍ୟରେ ସବୁଠାରୁ ଅଧିକ। ସେହିଭଳି ୨୦୨୧-୨୨ରେ(...... ) କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ପରିବେଶ ଉପରେ କମ୍ ପ୍ରଭାବ ପକାଇବା ଭଳି ପଦକ୍ଷେପ ସହ କ୍ଲିନ୍ କୋଲ୍ ଯୋଗାଣ ଦିଗରେ ଏହା କାମ କରୁଛି। ଏ ଦିଗରେ କମ୍ପାନୀ ୯ ଫାଷ୍ଟ ମାଇଲ କନେକ୍ଟିଭିଟି ପ୍ରକଳ୍ପ କାର୍ଯ୍ୟକାରୀ କରାଉଛି। ଏଥିରେ ୩,୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ପ୍ରଦୂଷଣ କମ୍ କରିବା ଲାଗି ଷ୍ଟେଟ୍ ଅଫ୍ ଆର୍ଟ ରେକ୍ ଲୋଡିଂ ସିଷ୍ଟମ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହାର ବାର୍ଷିକ କ୍ଷମତା ୧୨୬ ନିୟୁତ ଟନ୍ ରହିବ।

## ଡ୍ୟୁକ୍‌ର ସ୍ପ୍ରିଙ୍ଗ୍ ସମର କଲେକ୍ସନ

ଭୁବନେଶ୍ୱର,୨।୪



ଦେଶର ଅଗ୍ରଣୀ ପୋଷାକ ବ୍ରାଣ୍ଡ ଡ୍ୟୁକ୍ ପକ୍ଷରୁ ୨୦୨୧-ସ୍ପ୍ରିଙ୍ଗ୍ ସମର କଲେକ୍ସନର ଉନ୍ମୋଚନ କରାଯାଇଛି। ଅନ୍ତର୍ଜାତୀୟ ଫ୍ୟାଶନ ଟ୍ରେଣ୍ଡ ଦ୍ୱାରା ଅନୁପ୍ରାଣିତ ହୋଇ ଏହି କଲେକ୍ସନଗୁଡିକ ଭାରତରେ ପ୍ରସ୍ତୁତି ହୋଇଥିବା ସୂଚନା ମିଳିଛି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଆଧାରରେ ଏହି ସବୁ ଡିଜାଇନଗୁଡିକୁ ସ୍ୱଦେଶୀ ଭାବେ ଭାରତରେ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କଲେକ୍ସନରେ ଫ୍ଲୋରାଲ ଏବଂ ଲିଫ୍ ପ୍ରିଣ୍ଟ ପାଟର୍ନ, କ୍ଲିନ୍ କଟ୍, ଇଜି ଟୁ ଫ୍ଲୋ, ବ୍ରେଦେବଲ ଏବଂ ଭାଲ୍ୟୁ ଆଡେଡ ଫେବ୍ରିକ୍ସ ଆଦି ବ୍ୟବହାର ହୋଇଛି। କଟକ ଲେନିନ, ପିକ୍, ସିଙ୍ଗଲ ଜର୍ସି ସ୍ଲବ, ଅନ୍-ଡାଏଡ, ନାଚୁରାଲ ଏବଂ ଟେକ୍ସଚର୍ଡ ମ୍ୟାଟେରିଆଲରେ ଏହା ପ୍ରସ୍ତୁତ ବୋଲି ଜଣାପଡିଛି। ଏହି କଲେକ୍ସନରେ ଟି-ଶାର୍ଟ, ଶାର୍ଟ, ଡେନିମ, ଟ୍ରାଉଜର, ଟପ ଜେଗିଙ୍ଗସ, ଆକ୍ଟିଭୱେର, ଆସେସରିଜ ଏବଂ ଫୁଟୱେର ଭଳି ସମ୍ଭାର ରହିଛି। ଏହି ସବୁ କଲେକ୍ସନର ଦାମ ୪୨୫ରୁ ୨୪୯୯ଟଙ୍କା ପର୍ଯ୍ୟନ୍ତ ରହିଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଡ୍ୟୁକ୍ ଫ୍ୟାଶନ (ଇଣ୍ଡିଆ) ଲିମିଟେଡ୍‌ର ନିର୍ଦ୍ଦେଶକ କୁନ୍ତଲରାଜ ଜୈନ କହିଥିଲେ, ଡ୍ୟୁକ୍ ହେଉଛି ଏକ ଭାଲ୍ୟୁ ଫର୍ ମନି ବ୍ରାଣ୍ଡ। ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଅନ୍ତର୍ଜାତୀୟ ସ୍ତରର ଡିଜାଇନ ଏବଂ ଷ୍ଟାଇଲର ପୋଷକ ଯୋଗାଇବା ଆମର ମୂଳ ଲକ୍ଷ୍ୟ। ଆମର ସ୍ପ୍ରିଙ୍ଗ୍ ସମର କଲେକ୍ସନ-୨୦୨୧ ସମାନ ବିଚାରଧାରା ଉପରେ ପର୍ଯ୍ୟବସିତ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଭୁବନେଶ୍ୱରରେ ଖୋଲିଲା 'ସ୍ମାଶ୍'



ଭୁବନେଶ୍ୱର,୨।୪

କ୍ରୀଡ଼ା ମନୋରଞ୍ଜନ ଭିତ୍ତିକ ଅନୁଷ୍ଠାନ ସ୍ମାଶ୍ ପ୍ରଥମ ଥର ପାଇଁ ଓଡ଼ିଶା (ଭୁବନେଶ୍ୱର) ବଜାରରେ ତା'ର କେନ୍ଦ୍ର ଆରମ୍ଭ କରିଛି। ଶୁକ୍ରବାର ଏହି କ୍ରୀଡ଼ାଭିତ୍ତିକ ମନୋରଞ୍ଜନ କେନ୍ଦ୍ର ସ୍ଥାନୀୟ ଡିଏନ୍ ରେଗାଲିଆ ମଲ ପରିସରରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ୧୨,୫୦୦ ବର୍ଗ ଫୁଟ ପରୀସୀମା ଅଞ୍ଚଳରେ ସ୍ଥାପନ ହୋଇଥିବା ଏହି କେନ୍ଦ୍ର ଜରିଆରେ ଭାରତୀୟ କ୍ରୀଡ଼ା ସମେତ ଅନ୍ତର୍ଜାତୀୟସ୍ତରର ୩୫ରୁ ଊର୍ଦ୍ଧ୍ୱ କ୍ରୀଡ଼ା ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଉପଲବ୍ଧ କରାଯିବ। ୩ ରୁ ୬୦ବର୍ଷ ବୟସର ବ୍ୟକ୍ତି ଗୋଟିଏ ସ୍ଥାନରେ ଖେଳି ପାରିବେ ବୋଲି ଜଣାପଡିଛି।

ଏହି କେନ୍ଦ୍ରର ଉଦଘାଟନୀ ଅବସରରେ ମଲର ଉପସଭାପତି ସିଦ୍ଧାର୍ଥ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବର୍ତ୍ତମାନର ସମୟକୁ ଲକ୍ଷ୍ୟ କରି ଏଭଳି ଏକ କେନ୍ଦ୍ରର ପରିକଳ୍ପନା କରାଯାଇଛି। ଏହା ଜରିଆରେ ସବୁବର୍ଗର ଲୋକ କ୍ରୀଡ଼ାର ମଜା ସହ ମନ ଭିତରେ ଏକ ଉତ୍ସାହ ସୃଷ୍ଟି କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫନ ଆଇଲ୍ୟାଣ୍ଡର ନିର୍ଦ୍ଦେଶିକା ଏବଂ ଫ୍ରାଞ୍ଚାଇଜି ଅଫ୍ ସ୍ମାଶ୍ ଭୁବନେଶ୍ୱରର ମୁଖ୍ୟ ଡ. ମିନତୀ ନାଏକ, ଅମିତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆ କୌଶଳ ଜିଓ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ

ନୂଆଦିଲ୍ଲୀ,୨।୪: ଅଭିନବ ରଣନୀତି,ନୂଆ ଜିଓଫୋନ ଅଫର, ଆଗାମୀ ଦିନରେ ଉନ୍ମୋଚନ ହେବାକୁ ଥିବା ସୁଲଭ ମୂଲ୍ୟର ସ୍ମାର୍ଟଫୋନ ଜିଓ କମ୍ପାନୀର ଗ୍ରାହକ ଅଭିବୃଦ୍ଧିରେ ସହାୟକ ହେବ। ଜେଏମ୍ ଫାଇନାନ୍ସିଆଲ ପକ୍ଷରୁ ପ୍ରସ୍ତୁତ ସଦ୍ୟତମ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଟେଲିକମ୍ କ୍ଷେତ୍ରରେ କୌଣସି ମିଶ୍ରଣ ଏବଂ ସୁଧାର ହେଲେ ମଧ୍ୟ ଜିଓର ଗ୍ରାହକ ସଂଖ୍ୟା ଆହୁରି ଦୃଢ଼ ହେବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟରେ କୁହାଯାଇଛି, ଦକ୍ଷତା ବୃଦ୍ଧି ପାଇଁ ଉଚ୍ଚ ଫ୍ରିକ୍ୱେନ୍ସି ବ୍ୟାଣ୍ଡରେ ଅଧିକ ପରିମାଣର ସ୍ପେକ୍ଟ୍ରମ ହାସଲ କରିବା ଲାଗି ଜିଓର ଜବରଦସ୍ତ ରଣନୀତି ରହିଛି। ସୁଲଭ ସ୍ମାର୍ଟଫୋନ ଆସିଲେ କମ୍ପାନୀର ଗ୍ରାହକ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଦୀର୍ଘ ମିଆଦୀ ଭିତ୍ତିରେ ବ୍ୟାପକ ଡିଜିଟାଲ ସୁଯୋଗ ହାସଲ ପ୍ରଦାନ କରିବା ଲାଗି ଜିଓ ଉନ୍ନତ ସ୍ଥିତିରେ ରହିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି।

## ବିଗ୍ ବଜାରର 'ସବ୍‌ସେ ବଡ଼ା ଅଫର'

ଭୁବନେଶ୍ୱର,୨।୪

ଦେଶର ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ସବ୍‌ସେ ବଡା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୪ତାରିଖ ଯାଏ ଗ୍ରାହକ ଏହାର ଲାଭ ଉଠାଇପାରିବେ। ଗ୍ରାହକଙ୍କୁ ଅଭିନବ ଅଫରିଂ ପ୍ରଦାନ କରିବା ଦିଗରେ ବିଗ୍ ବଜାର ଏକ ପ୍ରମୁଖ ସ୍ଥାନରେ ରହିଛି। ଏହି ଅଫର ଦ୍ୱାରା ଗ୍ରାହକ ଶପିଂରେ ଭାଲ୍ୟୁ ଲାଭ କରିପାରିବେ। ଏହି ଅଫର ଅବଧିରେ ୨୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକ ୫୦୦ ଟଙ୍କାର ଫଳ ଏବଂ ପନିପରିବା ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହାବାଦ୍ ଗ୍ରାହକ ଶପ୍.ବିଗ୍‌ବଜାର.କମ୍‌ରେ କିଣାକିଣି ଉପରେ ମଧ୍ୟ ଏହି ଅଫରର ଲାଭ ଉଠାଇବାକୁ ସକ୍ଷମ ହେବେ। ଏହି ମେଗା ଅଫର ବାଦ୍ ଦେଶର ବିଭିନ୍ନ ପ୍ରାନ୍ତରେ ନୂଆ ବର୍ଷ ପାଳନରେ ବିଗ୍ ବଜାର ନିଜର ଯୋଗଦାନ ରଖିଛି। ପଶ୍ଚିମବଙ୍ଗର ପୋଇଲ ବୈଶାଖ, ଆସାମର ବିହୁ, ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନାର ଉଗାଡି, କେରଳ ବିଷ୍ଣୁ, ପଞ୍ଜାବର ବୈଶାଖୀ ଏବଂ ମହାରାଷ୍ଟ୍ରର ପଡୱା ଭଳି ପର୍ବରେ ବିଗ୍ ବଜାର ସାମିଲ ହୋଇଛି। ଏହି ଉତ୍ସବ ସବୁକୁ ଖୁସିରେ ପାଳନ କରିବା ଲାଗି ସବୁ ବର୍ଗର ସାମଗ୍ରୀ ଉପରେ କମ୍ପାନୀ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ସବୁର ଲାଭ ଉଠାଇ ଗ୍ରାହକ ମାସିକ ଗ୍ରସେରି, ଆପାରେଲ, ହୋମ୍ ଏସେନସିଆଲ, କିଚେନ ଏବଂ ଇଲେକ୍‌ଟ୍ରୋନିକ୍ସ ଉପରେ ଅଧିକ ସଞ୍ଚୟ କରିବାକୁ ସକ୍ଷମ ହେବେ ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ରହିଛି।

## ହୋଣ୍ଡା ଟୁହ୍ୱିଲର୍ସର ବିକ୍ରି ୪.୧୧ ଲକ୍ଷ ୟୁନିଟ

ନୂଆଦିଲ୍ଲୀ,୨।୪

ଆର୍ଥିକ ବର୍ଷ ୨୦୨୦-୨୧ର ଚତୁର୍ଥ ତ୍ରୈମାସରେ ଦେଶର ୨ ଚକିଆ ଯାନ ଶିଳ୍ପରେ ବିକ୍ରିରେ ସୁଧାର ପରିଲକ୍ଷିତ ହୋଇଛି। କୋଭିଡ୍ ଚ୍ୟାଲେଞ୍ଜ ସତ୍ତ୍ୱେ ଚାହିଦା ଫେରିବାରୁ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ମାର୍ଚ୍ଚ ମାସରେ ୪.୧୧ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଘରୋଇ ବଜାରରେ ଗତ ବର୍ଷ ଏହି ଅବଧିରେ ୨.୪୫ ଲକ୍ଷ ୟୁନିଟ ଯାନ ବିକ୍ରି କରିଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚରେ ଏହା ୩.୯୫ ଲକ୍ଷ ୟୁନିଟକୁ ବଢିଛି। ୨୦୨୦-୨୧ର ଏପ୍ରିଲ ମାର୍ଚ୍ଚ ଅବଧିରେ କମ୍ପାନୀ ୪.୦୭ ନିୟୁତ ଯାନ ବିକ୍ରି କରିଛି। ଏହା ମଧ୍ୟରେ ଭାରତ ବଜାରରେ ୩.୮୬ ନିୟୁତ ଏବଂ ବିଦେଶକୁ ୨.୦୭ ଲକ୍ଷ ୟୁନିଟ ରପ୍ତାନି ସାମିଲ ରହିଛି। ଚତୁର୍ଥ ତ୍ରୈମାସରେ କମ୍ପାନୀ ୩୧% ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି, ୨୦୨୦-୨୧ ଅନେକ ଚ୍ୟାଲେଞ୍ଜ ସ୍ଥିତି ଆଣିଛି। ହୋଣ୍ଡାର ବିଶ୍ୱ ବଜାର କାରବାର କ୍ଷେତ୍ରରେ ଭାରତ ଏକ ପ୍ରମୁଖ ସ୍ଥାନରେ ରହିଛି। ଭାରତରେ ହାଇନେସ୍ ସିବି ୩୫୦, ସିବି ୩୫୦ ଆର୍‌ଏସ୍, ସିବି ୫୦୦ ଏକ୍ସ, ସିବି ୬୫୦ଆର୍ ଭଳି ମଡେଲ ଭାରତ ବଜାରରେ ଉନ୍ମୋଚନ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

### ସିମ୍ଫୋନିର ନୂଆ ଅଭିଯାନ

ଭୁବନେଶ୍ୱର,୨।୪: ଦେଶର ଅଗ୍ରଣୀ ଏୟାର କୁଲର ନିର୍ମାତା ସିମ୍ଫୋନି ଲିମିଟେଡ୍ ପକ୍ଷରୁ ବୃହତ୍ତର ସ୍ଥାନଗୁଡିକ ପାଇଁ ପ୍ରସ୍ତୁତ କରିଥିବା ଏହାର ନୂଆ ବ୍ୟବସାୟିକ ବର୍ଗ ପ୍ରଚଳନ କରିବାକୁ ଏକ ନୂଆ ପ୍ରଚାର ଅଭିଯାନ 'ସିମ୍ଫୋନି କା ମୁଭିକୁଲ' ଆରମ୍ଭ କରିଛି। ଏହି ରାଷ୍ଟ୍ରୀୟ ସ୍ତରର ଟିଭିସି ଏକ ଜିଙ୍ଗଲ ଜରିଆରେ ଭାରତୀୟ ଦର୍ଶକଙ୍କ ସହିତ ସଂଯୁକ୍ତ ହେବାକୁ ଲକ୍ଷ୍ୟ ରଖିଛି। ଚଳିତ ଗ୍ରୀଷ୍ମଋତୁ ପାଇଁ ଉପଯୋଗୀ ନବୀନତମ ବର୍ଗର ପ୍ରଯୁକ୍ତିଗତ ଦୃଷ୍ଟିକୋଣରୁ ଉନ୍ନତ ମୁଭିକୁଲ ଏୟାର କୁଲରଗୁଡ଼ିକୁ ଏହି ପ୍ରଚାର ଜରିଆରେ ପ୍ରଦର୍ଶିତ କରୁଛି।

ଏହି ବିଜ୍ଞାପନ ଭିତ୍ତିକ ଚଳଚ୍ଚିତ୍ର ବିବିଧ ଚରିତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ଏବଂ ସ୍ଥାନରେ ଚିତ୍ରଣ କରାଯାଇଛି।

## ବିଓଆଇର ନୂଆ ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୨।୪



ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ଓଡ଼ିଶାରେ ତୃତୀୟ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁରଠାରେ ଉଦ୍‌ଘାଟନ ହୋଇଯାଇଛି। ସମ୍ବଲପୁର ଅଞ୍ଚଳ ୨୦୨୧ ଏପ୍ରିଲ ୧ରୁ ଏହାର ପରିଚାଳନା ଶୁଭାରମ୍ଭ କରିବ। ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଆଞ୍ଚଳିକ କାର୍ଯ୍ୟାଳୟକୁ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍‌ଡି ଓ ସିଇଓ ଅତନୁ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଏହି ଅଞ୍ଚଳର ବ୍ୟାଙ୍କର ଶାଖାଗୁଡ଼ିକ ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଗୋଟିଏ ଭୁବନେଶ୍ୱର ଓ ଅନ୍ୟଟି କେନ୍ଦୁଝର ଦ୍ୱାରା ପରିଚାଳିତ ହେଉଥିଲା। ମାତ୍ର ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନ ପରେ ସମ୍ବଲପୁରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ବ୍ୟାଙ୍କର ପ୍ରଶାସନକୁ ଦୃଢ଼ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଆଶା କରାଯାଉଛି। ଓଡ଼ିଶା ରାଜ୍ୟର ପଶ୍ଚିମାଞ୍ଚଳରେ ଶାଖା ସମ୍ପ୍ରସାରଣ ଓ ବ୍ୟାଙ୍କ ବ୍ୟବସାୟକୁ ବଢ଼ାଇବ। ସମ୍ବଲପୁରରେ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲାଯିବା ଦ୍ୱାରା ଏହା ସମ୍ବଲପୁର ଅଞ୍ଚଳରେ ଏସ୍‌ଏମ୍‌ଇ ଓ କୃଷି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଓଡ଼ିଶାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏବେ ୨୫୪ଟି ଶାଖାର ନେଟ୍‌ୱର୍କ ସହିତ ତିନିଟି ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ଏନ୍‌ବିଜି ଇଷ୍ଟର ମହାପ୍ରବନ୍ଧକ ପ୍ରଫୁଲ୍ଲ କୁମାର ଗିରି, ଇଜେଡ୍‌ଏଓର ଡିଜିଏମ୍ ଗୁପ୍ତେ ରାମ ନାଏକ, ଭୁବନେଶ୍ୱର ଜେଡ୍‌ଏମ୍ ପ୍ରିୟବ୍ରତ ପଟ୍ଟନାୟକ,ସମ୍ବଲପୁର ଜୋନ୍‌ର ନୋଡାଲ ଅଫିସର ସୁଜିତ ପ୍ରଧାନ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର ସଂଘର ସ୍ମିତିରଞ୍ଜନ ସାହୁ ଓ କମଳଜିତ ମହାପାତ୍ର ଏବଂ ବ୍ୟାଙ୍କର ଗ୍ରାହକମାନେ ଅଂଶଗ୍ରହଣ କରିଥିଲେ। ଅରବିନ୍ଦ ମିଶ୍ରଙ୍କୁ ସମ୍ବଲପୁର ଜୋନ ପ୍ରଥମ ଆଞ୍ଚଳିକ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି।

## ଟିଭିଏସ୍ ରପ୍ତାନି ୧ ଲକ୍ଷ ୟୁନିଟ ଟପିଲା

ନୂଆଦିଲ୍ଲୀ,୨।୪

ଟିଭିଏସ୍ ମୋଟର କମ୍ପାନୀର ଟୁହ୍ୱିଲର୍ସ ରପ୍ତାନି ଚଳିତ ବର୍ଷ ମାର୍ଚ୍ଚରେ ୧ ଲକ୍ଷ ୟୁନିଟ ଟପିଛି। ବିଶ୍ୱର ପ୍ରମୁଖ ବଜାରଗୁଡ଼ିକରେ ମୋଟର ସାଇକେଲ ବିକ୍ରି ବଢ଼ିବା ଯୋଗୁ କମ୍ପାନୀକୁ ଏଭଳି ସଫଳତା ମିଳିଛି। ଏହି ସଫଳତାକୁ ନେଇ କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଭେନୁ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଗ୍ରାହକ, ବିତରକ, ଯୋଗାଣକାରୀ ଏବଂ ତାଙ୍କ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। ଭାରତୀୟ ୨ଚକିଆ ଏବଂ ୩ ଚକିଆ ଯାନକୁ ବିଶ୍ୱବଜାରରେ ଲୋକପ୍ରିୟ କରାଇବା ନେଇ ଉଦ୍ୟମ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଅଧିକ ଆକର୍ଷଣୀୟ ପ୍ରଡକ୍ଟ, ଟେକ୍ନୋଲୋଜିରେ ନିବେଶ, ଭବିଷ୍ୟତ ମୋବିଲିଟିକୁ ଏବେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପରିବର୍ତ୍ତନ ଧାରା ଏବଂ ପରବର୍ତ୍ତୀ ଅଭିବୃଦ୍ଧିକୁ ନଜରରେ ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଟିଭିଏସ୍ ମୋଟର କମ୍ପାନୀ ବର୍ତ୍ତମାନ ୬୦ ଦେଶରେ ନିଜର ଉପସ୍ଥିତି ଜାହିର କରିଛି। ରପ୍ତାନି ହେଉଥିବା ପ୍ରମୁଖ ପ୍ରଡକ୍ଟ ମଧ୍ୟରେ ଟିଭିଏସ୍ ଆପାଚେ, ଟିଭିଏସ୍ ଏଚ୍‌ଏଲ୍‌ଏକ୍ସ ସିରିଜ ଏବଂ ଟିଭିଏସ୍ ଷ୍ଟ୍ରାଇକର ସିରିଜ ପ୍ରମୁଖ ରହିଛି। କମ୍ପାନୀ ନର୍ଟନ ମୋଟର ସାଇକେଲକୁ ଚଳିତ ବର୍ଷ ଜାନୁୟାରୀରେ ଅଧିଗ୍ରହଣ କରିଥିବା ସୂଚନା ଦେଇଛି।

# ମଧ୍ୟପ୍ରାଚ୍ୟ ସହ ତେଲ ଚୁକ୍ତିର ସମୀକ୍ଷା ହେବ

ନୂଆଦିଲ୍ଲୀ,୨।୪



ତେଲ ଉତ୍ପାଦନ ହ୍ରାସକୁ ନେଇ ଭାରତ ଏବଂ ସାଉଦି ଆରବ ସମ୍ପର୍କରେ କିଛିଟା ତିକ୍ତତା ସୃଷ୍ଟି ହୋଇଛି। ଭାରତରେ ତେଲ ଏବେ ଆକାଶଛୁଆଁ ହୋଇଥିବା ବେଳେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ତେଲ ଉତ୍ପାଦନ ହ୍ରାସ କରିବା ସପକ୍ଷରେ ରହିଛନ୍ତି। ତେଲ ଉତ୍ପାଦନ ନ କମାଇବା ପାଇଁ ଭାରତ ପୂର୍ବରୁ ସାଉଦି ଆରବକୁ ନିବେଦନ କରିଥିଲା। ହେଲେ ଭାରତର ଏହି ନିବେଦନକୁ ସାଉଦି ଆରବ ରଖି ନ ଥିଲା। ଗତ ବର୍ଷ କିଣାହୋଇଥିବା ଏବଂ ଗଚ୍ଛିତ ଥିବା ତେଲ ବ୍ୟବହାର କରିବାକୁ ଭାରତକୁ ଓପେକ ଦେଶ ସମୂହ କହିବା ପରେ ସମ୍ପର୍କରେ କିଛିଟା ତିକ୍ତତା ଆସିଥିବା କୁହାଯାଉଛି। ଏପଟେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ତେଲ କ୍ରୟ ନେଇ ଭାରତର ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡିକ କରିଥିବା ଚୁକ୍ତି ଉପରେ ପୁନର୍ବିଚାର କରିବାକୁ କମ୍ପାନୀଙ୍କୁ କୁହାଯାଇଛି।

ଭାରତକୁ ସୁହାଇଲା ଭଳି ପ୍ରସଙ୍ଗ ଉପରେ ଧ୍ୟାନଦେବାକୁ କମ୍ପାନୀଗୁଡିକୁ କୁହାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ମତ ପ୍ରକାଶ କରିଛନ୍ତି। ସେହିଭଳି ସୁବିଧା ହେଲେ ମଧ୍ୟପ୍ରାଚ୍ୟ ବାହାରୁ ତେଲ କିଣିବା ପ୍ରସଙ୍ଗକୁ ଧ୍ୟାନରେ ରଖିବାକୁ ତେଲ କମ୍ପାନୀକୁ କୁହାଯାଇଛି। ସରକାର ନିକଟରେ ଏହା ଉପରେ ଧ୍ୟାନଦେବାକୁ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡିକର ବରିଷ୍ଠ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ଭାରତ ଏହାର ମୋଟ ଚାହିଦାର ୮୫% ବିଦେଶରୁ ଆଣୁଛି। ଯେତେବେଳେ ତେଲ ଦର ଭାରତରେ ଆକାଶଛୁଆଁ ହୋଇଥିଲା ସାଉଦି ଆରବ କିଛିଟା ଆଶ୍ୱସ୍ତି ଦେଉ ବୋଲି ଭାରତ ଆଶା ରଖିଥିଲା। ହେଲେ ସେହି ଦେଶ ଭାରତ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ପରେ ତେଲ ଯୋଗାଣ କ୍ଷେତ୍ରରେ ବିକଳ୍ପ ପନ୍ଥା ଦେଖିବାକୁ ଭାରତ ଏବେ ସଜବାଜ ହେଉଥିବା ଅଧିକାରୀ ଜଣକ ମତ ରଖିଛନ୍ତି।

# କ ବି ତା





## ଜାତୀୟ ପକ୍ଷୀ ମୟୂର

ବରଷା ଦେଖି ପୁଚ୍ଛକୁ ଟେକି
ମନ ହରଷେ ନାଚଇ କେକି।
କିଏ ଦେଲା ତୋର ନାମ ମୟୂର
ରୂପ ଗୁଣ ତୋର ଦେହେ ସମ୍ଭାର।
ଦେଖାଇ ତୋର ତ୍ରିଭଙ୍ଗୀ ଠାଣି
ଜନ ମାନସକୁ ନେଉଚ୍ଛ କିଣି।
କିଏ ହେବ କହ ତୋର ଭଳିଆ
ଗୋପ ପୁରେ ଥିଲେ ଶିଖିଚୁଳିଆ।
ଦୁଷ୍ଟ ଜୀବ ମନେ ଆଣୁ ତୁ ଭୀତି
ସନ୍ଥ ଜନକୁ ତୁ ଦେଖାଉ ପ୍ରୀତି।
ଏମନ୍ତ ତୋର ଭାବକୁ ଦେଖି
ନାଁ ତୋର ହେଲା ଜାତୀୟ ପକ୍ଷୀ।

– ନିରୁପମା ମହାପାତ୍ର
ସାରଙ୍ଗଯୋଡ଼ି, ପୁରୀ

## ମଣିଷର ଚେତା ପଶିଲା

ଏଇ ଯେଉଁ ଫାଙ୍କା ଜାଗାଟା ଦେଖୁଛ
ଜଙ୍ଗଲ ଥିଲା ଏ ଗୋଟିଏ
କେହି କେବେ ଗଛ ମୂଳରେ ଦେଇନି
ପାଣି ମୁନ୍ଦେ କିବା ନୋଟିଏ।

କେଜାଣି କେମିତି ମଣିଷ ଏଠିକି
ପାପ ମନ ନେଇ ଆସିଲା
ବନ୍ଧୁକ ଗୁଳିରେ ହାତୀ, ବାଘ ମାରି
ଜଙ୍ଗଲର ଶୋଭା ନାଶିଲା।

କାଠଚୋରମାନେ ଗଛ କାଟିନେଲେ
ଲୁଚି ଲୁଚି ଆସି ରାତିରେ
ହାତରେ ଧରିକି ଟାଙ୍ଗିଆ, କୁରାଢ଼ି
ଶାଣଦିଆ ଲୁହା କାତିରେ।

ଏବେ ହୋଇବାରୁ ଗରମ ଅଧିକ
ମଣିଷର ଚେତା ପଶିଲା
କି କଲି କି କଲି ଜଙ୍ଗଲ କାଟିକି
ସେଇକଥା ଭାବି ବସିଲା।

–ଶିଶିର କୁମାର ପଣ୍ଡା
କୁଆଁସ, ମେରଦା କାଟିଆ, ଯାଜପୁର

## ମୋ ଗାଁ ନଈ

ଗାଁ ପାଶେ ମୋର ଅଛି ନଈ ଧାର
ନାଁଟି ତାହାର ବ୍ରାହ୍ମଣୀ
ଶୀତଳ ଜଳରେ ମନ ଆମ ଭରେ
ଲାଗେ ସିଏ ସୁନା ମଣି।

ବ୍ରାହ୍ମଣୀ ନଈର ସୁଅ ସିନା ନାହିଁ
ଅଛି ତା'ର ସ୍ନେହ ମନ
ସେଇ ପାଣି ଆଜି ବିଲ ପରେ ହଜି
ହସାଏ ଚାଷୀଙ୍କ ଦିନ।

ଏଇତ କାହାଣୀ ସୁନାର ବ୍ରାହ୍ମଣୀ
ଗାଏ କଳକଳ ହୋଇ
କୋଇଲିର ସ୍ୱର ଆଉ ନଈ କୂଳ
ମାଆର ମମତା ଦେଇ
ମାଆର ମମତା ଦେଇ।

–ଶ୍ରୀକାନ୍ତ ବେହେରା
ବରୀଅଲିପୁର, ଭବାନୀପୁର, ଯାଜପୁର

## ଖରାଛୁଟି

ଆଗକୁ ଆସୁଛି ଖରାଛୁଟି ବୋଲି
କୁନା ମନ ଛନଛନ
ମାମୁଘରକୁ ସେ ଯିବ ବୁଲିବାକୁ
ଏବେଠୁ ଗଣୁଛି ଦିନ।

ବିଦ୍ୟାଳୟ ସବୁ ହୋଇଯିବ ଛୁଟି
ନାହିଁ ପାଠପଢ଼ା ଭୟ
ବୋଉ ସାଥେ ଯିବ ନଈ ପାରିହୋଇ
ହେଉନାହିଁ ମନ ଥୟ।

ଚାହିଁ ବସିଥିବେ ମାମୁ ପୁଅ ଝିଅ
ଚାହିଁ ଥିବେ ଆଈ ଅଜା
ସଞ୍ଜ ନଇଁଗଲେ ମାମୁପୁଅ ସାଙ୍ଗେ
ମେଳଣ ବୁଲିବା ମଜା।

ନଈ ଗାଧୁଆକୁ ମାଛ ଧରିବାର
ମଧୁର ମୁହୂର୍ତ୍ତ ବେଳ
ମନେପଡ଼ିଯାଏ ମନୁଆ ସାଥିରେ
ନଈ ବାଲିରେ ତ ଖେଳ।

ନିରୁଆ ନଟିଆ ବଇଁଶୀ ମଦନା
ଯେତେ ସବୁ ସାଙ୍ଗସାଥୀ
ତୋଟାରେ ଯାଇକି ଆମ୍ବ ପାରି ଖାଉ
ନ ମାନିକି ଖରାତାତି।

ମଜା ମଉଜରେ ଦିନ କଟିଯାଏ
ଖରାଛୁଟି ଯାଏ ସରି
ମାମୁଘର ଗାଆଁ ଲୁଚିଲୁଚି ଯାଏ
ନଈବନ୍ଧ ହେଲେ ପାରି।

–ପ୍ରକାଶ କୁମାର ଚାନ୍ଦ
ଜୟପୁର ଶାସନ, ପିପିଲି



# ଆ ଇ ନା



ଶ୍ରୀୟଦିତା
୫ ବର୍ଷ

# ଖିଲିଖିଲି ହସ

୧
ସାଣ୍ଟା– ଭାଉଜଙ୍କ ନାଁ କ'ଣ ?
ବାଣ୍ଟା– ଗୁଗୁଲ ପଣ୍ଡା।
ସାଣ୍ଟା– ଗୁଗୁଲ ! ହଇରେ ଇଏ କି ନାଁ ?
ବାଣ୍ଟା– ଭାଉଜଙ୍କ ନାଁ ଏମିତି ଦିଆଯାଇଛି କାହିଁକି ନା, ତାଙ୍କୁ ଗୋଟେ କଥା ପଚାରିଲେ ସେ ଆଦୌ ବିଳମ୍ବ ନ କରି ୧୦ ପ୍ରକାରର ଉତ୍ତର ଦିଅନ୍ତି।

୨
ସାଣ୍ଟା– ବର୍ଷରେ କେତୋଟି ରାତ୍ରି ଥାଏ ?
ବାଣ୍ଟା– ଦଶଟି
ସାଣ୍ଟା– କ'ଣ, ବର୍ଷକରେ ମାତ୍ର ୧୦ଟି ରାତ୍ରି, କେମିତି ?
ବାଣ୍ଟା– ନବରାତ୍ରିର ନଅ ରାତି ଏବଂ ଶିବରାତ୍ରିର ଗୋଟିଏ ରାତି।

୩
ସାଣ୍ଟା– ଶ୍ରେଣୀରେ କ୍ଲାସମେଟ୍ ମିନୁକୁ ଦେଖି କହିଲା ଆରେ ତୋ ମୁହଁ ଆମ ଘର ପାଖରେ ଥିବା ପାଗଳୀ ସୁକୁଟି ଭଳି ଦେଖାଯାଉଛି।
ମିନୁ– ସାଣ୍ଟା ମୁହଁରେ ଏକ ଶକ୍ତ ଚାପୁଡା ମାରିଲା।
ସାଣ୍ଟା– ଆରେ, ଅଭ୍ୟାସ ବି ତ ପୂରା ସମାନ, ସେଇ ପାଗଳୀ ଭଳି।

୪
ହରି– ବୁଲୁ ତୋ ଜନ୍ମଦିନ କେଉଁ ବାରେ
ବୁଲୁ– ମଙ୍ଗଳବାର
ହରି– କହିଲୁ ରାଜୀବ ତୋ ଜନ୍ମଦିନ କେଉଁ ବାରେ ?
ରାଜୀବ– ରବିବାର
ହରି– ଏଁ ରବିବାର ତ ଛୁଟି, ତୁ କେମିତି ଜନ୍ମହେଲୁ। ସେଦିନ ତ ସବୁ ବନ୍ଦ।

# ମତାମତ

➤ ମଧୁବାବୁଙ୍କ ସମ୍ପର୍କିତ ଲେଖା 'କାଳିଆ ଘୋଡ଼ାରେ ଚଢ଼ିବୁ' ଭଲ ଲାଗିଲା।
–ଝିଲିକ୍ ମହାନ୍ତି, ଅରିଲୋ, ଜଗତ୍‌ସିଂହପୁର

➤ କବିତା ସ୍ତମ୍ଭରେ ହୋଲିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ବି ବହୁତ ଆକର୍ଷଣୀୟ ହୋଇ ପାରିଥିଲା।
–ରଶ୍ମିତା ଜେନା, ବ୍ରହ୍ମପୁର

➤ ନୃତ୍ୟ ପ୍ରତିଭା ଲେଖାଟି ଭଲ ହୋଇଥିଲା।
–ଶାନ୍ତନୁ ମହାପାତ୍ର, କେନ୍ଦ୍ରାପଡ଼ା

➤ ତୁମ ତୂଳୀ ସ୍ତମ୍ଭରେ ଏଥର ସବୁ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ହୋଇ ପାରିଥିଲା।
–କୁନ୍‌ମୁନ୍ ସାମଲ, ଯାଜପୁର

➤ ହସକଥାରେ ରହିଥିବା ବିଷୟବସ୍ତୁ ଏଥର ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।
–ଅମିତାଭ ରାଉତ, କେନ୍ଦୁଝର

➤ ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଆଇନା ସ୍ତମ୍ଭଟି ମୋତେ ଭାରି ଭଲଲାଗେ। ଏହା ସହିତ ପ୍ରକାଶିତ ପିଲାର ଫଟୋ ସମ୍ପର୍କରେ କିଛି ଲେଖା ପ୍ରକାଶ ପାଇଲେ ଖୁବ୍ ଭଲ ହୁଅନ୍ତା
–ନିଖିଲ ରଞ୍ଜନ ସାହୁ, ପ୍ରଭୁଜୀ ଇଂଗ୍ରାଜୀ ମିଡିୟମ ସ୍କୁଲ, ଭିଏସ୍‌ଏସ୍ ନଗର ଭୁବନେଶ୍ୱର

ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଏକାବେଳକେ ତିନୋଟି ରୁବିକ୍ କ୍ୟୁବ




ପିଲାମାନେ ତୁମେ ତ ରୁବିକ୍ କ୍ୟୁବ ପଜଲ ନିଶ୍ଚୟ ଦେଖିଥିବ! ତୁମମାନଙ୍କ ମଧ୍ୟରୁ କେହି କେହି ଏହି ପଜଲ ସମାଧାନ ବି କରିଥିବ। ଛୋଟପିଲାଙ୍କୁ ଏହି ରୁବିକ୍ କ୍ୟୁବ ସମାଧାନ କରିବାକୁ ଟିକେ ଅଧିକ ସମୟ ଲାଗିପାରେ। କିନ୍ତୁ ରୁବିକ୍ କ୍ୟୁବକୁ ଅତି ଆଶ୍ଚର୍ଯ୍ୟଜନକଭାବେ ସମାଧାନ କରି ଏବେ ରେକର୍ଡ କରିଛନ୍ତି ଆଠ ବର୍ଷର ବାଳକ ଅଥର୍ବ ଆର ଭଟ୍ଟ। ବାଙ୍ଗାଲୋରର ଏହି ବାଳକଜଣକ ଏକ ସମୟରେ ତିନୋଟି ରୁବିକ୍ କ୍ୟୁବ ସମାଧାନ କରି ଗିନିଜ୍ ରେକର୍ଡ କରିଛନ୍ତି। ସେ ତାଙ୍କର ଦୁଇ ହାତରେ ଦୁଇଟି ଏବଂ ଦୁଇ ଗୋଡରେ ଗୋଟିଏ ରୁବିକ୍ କ୍ୟୁବକୁ ଏକ ସଙ୍ଗରେ ସମାଧାନ କରି ପାରିଛନ୍ତି, ତା' ପୁଣି ମାତ୍ର ଦେଢ ମିନିଟ ମଧ୍ୟରେ। ଏତେ ଶୀଘ୍ର ଏବଂ ଏକ ସମୟରେ ତିନୋଟି ରୁବିକ୍ କ୍ୟୁବ ସମାଧାନ କରିପାରି ଅଥର୍ବ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ତେବେ ଅଭ୍ୟାସ ବଳରେ ସବୁ କିଛି କରିହେବ ବୋଲି ଗିନିଜ୍ ୱାର୍ଲଡ ରେକର୍ଡର ଅଧିକାରୀ ହୋଇଥିବା ଅଥର୍ବ କହିଛନ୍ତି।

# କହିଲ ଦେଖି

ନ କହିଲେ କିଛି ବୁଝି ସେ ନିଏ
ଭୋକ ଲାଗୁଥିଲେ ଖୁଆଇ ଦିଏ
ସରଗ ସମାନ କୋଳଟି ତା'ର
ସ୍ନେହ ମମତାର ସେ ଗନ୍ତାଘର। ଉ– ମା'



କେଉଁଠି ତା' ଚେର ଦେଖିନି କିଏ
ମୂଳ କେଉଁଠି ତା'ର ଦେଖା ନ ଯାଏ
ଏମିତି ଅଟଇ ଲତାଟେ ସିଏ
ଅଗ ମୂଳ ତା'ର ଜାଣି ନ ହୁଏ। ଉ–ନିର୍ମୂଳି



ଇତିହାସ ଆଉ ସଂସ୍କୃତି ଗାଥା
କେତେ ଗଳ୍ପ ଆଉ କଥା କବିତା
ଦେଶ ବିଦେଶର କେତେ କାହାଣୀ
ଆମ ପାଖେ ପରା ଦିଏ ବଖାଣି
ତା' ଯୋଗୁ ସମାଜ ଶିକ୍ଷିତ ହୁଏ
ନାମଟି ତାହାର କହିବ କିଏ। ଉ– ବହି



ଏମିତି ଅଟଇ ନାମ ମୋହର
ପ୍ରଥମ ଦୁଇ ଅକ୍ଷର ମୋର ଆହାର
ଶେଷ ଦୁଇଟି ବୁଝାଉଥାଏ,
ଖାଇବା ପାଇଁ ଥିଲେ ବ୍ୟାକୁଳ। ଉ–ମାଛରଙ୍କା



–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର

# ଶୁଆ ଓ କୁଆ

ଶୁଆ ଓ କୁଆ ଦୁହେଁ ପରମ ବନ୍ଧୁ ଥାଆନ୍ତି। ଦୁହେଁ ଗୋଟିଏ ଗଛରେ ରୁହନ୍ତି। ସାଥୀହୋଇ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ବିପଦ ବେଳେ କେବେ ବି କେହି କାହାରି ସାଥୀ ଛାଡ଼ନ୍ତି ନାହିଁ। ଜଙ୍ଗଲର ଅନ୍ୟ ପକ୍ଷୀ ଦୁହିଁଙ୍କର ଅତୁଟ ମିତ୍ରତାକୁ ଦେଖି ଈର୍ଷାନ୍ୱିତ ହୁଅନ୍ତି। ଶୁଆ ସହିତ ବନ୍ଧୁତା କରି କୁଆ ବହୁତ ଖୁସିରେ ଥାଏ। କିନ୍ତୁ ମନେ ମନେ ସେ ଭାବେ ଶୁଆର ରଙ୍ଗ ସବୁଜ ତା' ଥଣ୍ଟ ଲାଲ ପ୍ରତି ବଦଳରେ ସେ ନିଜେ କଳା କଦାକାର। କୁଆ ତା' କଳା ଦେହକୁ ଦେଖି ଘୃଣା କରେ। ଦିନେ ସେ ଶୁଆକୁ ପଚାରିଲା, ସାଙ୍ଗ ! ତୋର ରଙ୍ଗ ତ ଧାନପତ୍ର ପରି ସବୁଜ। ଦେଖିବାକୁ ବହୁତ ସୁନ୍ଦର। ହେଲେ ମୁଁ ତୋ ତୁଳନାରେ ଏକଦମ କଳା। ମୋତେ ମୋ ରଙ୍ଗ ପାଇଁ ଭାରି ଘୃଣା ହେଉଛି। ତା'ଛଡ଼ା ମୋ ସ୍ୱର ବି ତୋ ଭଳି ମଧୁର ନୁହେଁ।

କୁଆର ଅଭିମାନ କଥା ଶୁଣି ଶୁଆ କହିଲା, ପ୍ରକୃତି ସମସ୍ତଙ୍କୁ ବୁଝି ବିଚାରି ରୂପ ରଙ୍ଗ ଦେଇଛି ସାଙ୍ଗ। କିଏ କହିଲା କଳା ରଙ୍ଗ ଖରାପ। ଶୁଆର କଥାକୁ ତ କୁଆ ବୁଝିଗଲା ହେଲେ ତା'ର ସେଇ କଳା ରଙ୍ଗ ପାଇଁ ସେ ସବୁବେଳେ ଉଦାସରେ ରହୁଥାଏ। ଜଙ୍ଗଲରେ ଅନ୍ୟ ରଙ୍ଗ ବେରଙ୍ଗ ପକ୍ଷୀମାନଙ୍କୁ ଦେଖି ଭାବେ, ମୋ ରଙ୍ଗ ଯଦି ଲାଲ, ହଳଦୀ କି ଧୂସର ହୋଇଥାନ୍ତା କେତେ ସୁନ୍ଦର ଦେଖା ଯାଉଥାଆନ୍ତି!




ଦିନକର କଥା। କୁଆ ଓ ଶୁଆ ଗଛ ଡାଳରେ ବସିଥାନ୍ତି। ସେତିକି ବେଳେ ଗଛତଳେ କିଛି ଚାଉଳ ଦାନା ପଡ଼ିଥିବା ଦେଖି ଦୁହେଁ ବହୁତ ଖୁସି ହୋଇଗଲେ। କୁଆ କହିଲା, ଆଜି ତ ଏତେଗୁଡ଼ିଏ ଦାନା ପାଖରେ ପାଖରେ ମିଳିଯାଇଛି। ଚାଲ ଦୁହେଁ ଖୁଣ୍ଟି ଖୁଣ୍ଟି ସବୁ ଖାଇ ନେବା। ତାକୁ ଖାଇବା ପାଇଁ ଦୁହେଁ ତୁରନ୍ତ ଗଛରୁ ତଳକୁ ଓହ୍ଲେଇ ଆସିଲେ। ଗୋଟେ ଗୋଟେ ଦାନା ଚଞ୍ଚୁରେ ଉଠେଇଛନ୍ତି କି ନାହିଁ ଅନୁଭବ କଲେ ଦୁହିଁଙ୍କ ପଞ୍ଝା ଧୀରେ ଧୀରେ ଫାଶ ଭିତରେ ଫସି ଯାଉଛି। ଉଡିଯିବାକୁ ପ୍ରୟାସ କଲେ ହେଲେ ଉଡିପାରିଲେ ନାହିଁ। ସେତେବେଳକୁ ଦୁହେଁ ଜାଲରେ ଫସି ସାରିଥାନ୍ତି। ଉଡ଼ି ଯିବା ପାଇଁ ଖୁବ୍ ଛଟପଟ ହେଲେ। ସେତିକିବେଳେ ନିକଟସ୍ଥ ଝାଡ଼ି ପଛରେ ଛପି ରହିଥିବା ଦୁଇଜଣ ଶିକାରୀ ପହଞ୍ଚିଗଲେ। ଦୁଇଟି ପକ୍ଷୀ ଜାଲରେ ଫସି ଯାଇଛନ୍ତି ଦେଖି ଆନନ୍ଦରେ ଜଣେ କହିଲା, ଶୁଆକୁ ଧରିବା ଲାଗି ଆସିଥିଲୁ ତା' ସହିତ କୁଆ ବି ଫସି ଯାଇଛି।

ଅନ୍ୟ ଜଣକ କହିଲା, ଶୁଆକୁ ତ ବିକିଦେବା ହେଲେ ଏ କଳା କୁଆକୁ କ'ଣ କରିବା ? ପ୍ରଥମ ଶିକାରୀ କହିଲା, ସେଇଟା ଆମର କ'ଣ ହେବ ? ଡାମରା କୁଆକୁ କିଣିବ କିଏ ? ତାକୁ ଏଇଠାରେ ଛାଡ଼ିଦେବା। ଦୁଇ ଶିକାରୀ କୁଆକୁ ମୁକ୍ତ କରିଦେଲେ ଓ ଶୁଆକୁ ନେଇ ଚାଲିଗଲେ। କୁଆ ଉଡିଯାଇ ଗଛ ଡାଳରେ ବସି ଶୁଆକୁ ଧରି ନେଇ ଯାଉଥିବା ଶିକାରୀଙ୍କୁ ଦେଖୁଥାଏ। ସେ ତା'ର କଳା ରଙ୍ଗ ପାଇଁ ମୁକ୍ତି ପାଇଗଲା।

ଅଥଚ ଶୁଆ ତା' ରଙ୍ଗର ସୁନ୍ଦରତା ପାଇଁ ଶିକାରୀଙ୍କ ଦ୍ୱାରା ବଜାରରେ ବିକ୍ରି ହେବା ପାଇଁ ଗଲା। ସେଇଦିନଠାରୁ କୁଆ ବୁଝିପାରିଲା କଳା ରଙ୍ଗର କେତେ ମହତ୍ତ୍ୱ। ତା' ପରଠାରୁ ସେ ତା' ରଙ୍ଗ ରୂପ ଏବଂ କଣ୍ଠସ୍ୱର ପାଇଁ ଆଉ କେବେ ବି ଅଭିମାନ କରେ ନାହିଁ।

–ସୁଧାଂଶୁ ଶେଖର ଦ୍ୱିବେଦୀ
ବିସି–୭୪, ସଲ୍‌ଟ ଲେକ, କୋଲକାତା–୬୪
ମୋ–୬୨୯୧୩୪୨୨୫୯

# ଟଗଲା ଭୀମୁ









ଏସ୍. ସାଇ ଅମ୍ରିତ
କ୍ଲାସ–୫, ଡିଏଭି ପବ୍ଲିକ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଅନମୋଲ ଅନିକେତ
କ୍ଲାସ– ୧, ଦିଲ୍ଲୀ ପବ୍ଲିକ ସ୍କୁଲ
ଭାଇଜାଗ ଷ୍ଟିଲ, ବିଶାଖାପାଟଣା





ସ୍ନେହା ସାଇନା
କ୍ଲାସ– ୯, କେନ୍ଦ୍ରୀୟ
ବିଦ୍ୟାଳୟ–୩, ଭୁବନେଶ୍ୱର

## ସଂକ୍ଷେପରେ

### ଅପାଙ୍କ ତଣ୍ଟିଚିପି ହତ୍ୟା କଲେ ପୁତୁରା

**ପାଲଲହଡା,୨।୪(ଡି.ଏନ.ଏ.):** ପାରିବାରିକ କଳହରୁ ଅପାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି ପୁତୁରା। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ନଗିରା ପଞ୍ଚାୟତ ତନଗୁଳା ଗ୍ରାମରେ ଗୁରୁବାର ଘଟିଛି ଏହି ହତ୍ୟାକାଣ୍ଡ। ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ଭିତ୍ତିକରି ପାଲଲହଡ଼ା ପୋଲିସ ନଂ. ୮୪ /୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଘଟଣାରୁ ଜଣାପଡ଼ିଛି, ତନଗୁଳା ଗ୍ରାମର ପୁଟୁକୀ ଦେହୁରୀ ରାତିରେ ଘରେ ଏକା ଥିବାବେଳେ ସମ୍ପର୍କୀୟ ପୁତୁରା ରଞ୍ଜା ଦେହୁରୀ ସେଠାରେ ପହଞ୍ଚିଥିଲେ। ପରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଞ୍ଜା ପୁଟୁକୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ଘରର ଏକ କୋଣରେ ରଖି ଦେଇ ପଳାଇ ଯାଇଥିଲେ। ଶୁକ୍ରବାର ସେ ପାଲଲହଡା ଥାନାରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ମୃତ ପୁଟୁକୀଙ୍କ ସ୍ୱାମୀ ଆକୁଳ ଦେହୁରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ କିଶୋର କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

### ପଣସୁଧା ଗୋଷ୍ଠୀ ସଂଘର୍ଷ ଘଟଣା: ବିବାଦୀୟ ଏସ୍ଆଇ ନିଲମ୍ବିତ

**ଚଣ୍ଡିଖୋଲ,୨।୪(ଡି.ଏନ.ଏ):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡି ପୋଡ଼ି ଘଟଣା ଶୁକ୍ରବାର ନୂଆମୋଡ଼ ନେଇଛି। ଗତ ମାସ ୬ ତାରିଖରେ ବାଲିଚନ୍ଦ୍ରପୁର ଥାନା ଏସ୍ଆଇ ମନୋଜ ପଣ୍ଡାଙ୍କ ଉପସ୍ଥିତିରେ ଗୋଷ୍ଠୀ ସଂଘର୍ଷ ଓ ୨ଟି ଥାନାଗାଡ଼ି ପୋଡ଼ା ଯାଇଥିଲେ ମଧ ସେ ନୀରବଦ୍ରଷ୍ଟା ସାଜିଥିଲେ। ତାଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଥିଲା। ସେଥିପାଇଁ ତାଙ୍କୁ ପ୍ରଥମେ ବଦଳି ପରେ ଏସ୍‌ପି ନିଲମ୍ବନ କରିଛନ୍ତି। ସେହିପରି ଦୁଇ ଗୋଷ୍ଠୀ ମଧ୍ୟରୁ ଗୋଟିଏ ଗୋଷ୍ଠୀର ମୁଖ୍ୟ ଭରତପୁର ସରପଞ୍ଚଙ୍କ ସ୍ୱାମୀ ବସନ୍ତରାଜ ସାମଲ ଓରଫ ମିଟୁ ଧରାପଡ଼ି ନ ଥିବାରୁ ପୋଲିସ ତାଙ୍କ ଘରେ ଲଟକା ଝୁଲାଇଛି। ତାଙ୍କୁ ୭ ଦିନ ମଧ୍ୟରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ଅନ୍ୟ ଗୋଷ୍ଠୀର ମୁଖ୍ୟ ହୋଇଥିଲା ବେଳେ ସେ ଗତ ମାସ ୮ତାରିଖରେ ଗିରଫ ହୋଇଥିଲେ। ଶୁକ୍ରବାର ନାଣ୍ଟୁଙ୍କ ଜାମିନ ମଞ୍ଜୁର ହେବାରୁ ସେ ରଗଡ଼ି ଉପକାରାଗାରରୁ ମୁକୁଳିଛନ୍ତି।

### ଆଇଟିଆଇ ଛାତ୍ରଙ୍କ ଆତ୍ମହତ୍ୟା

**ରାୟଗଡ଼ା ଅଫିସ,୨।୪:** ରାୟଗଡ଼ା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ହଷ୍ଟେଲର ଜଣେ ଅନ୍ତେବାସୀ ଶୁକ୍ରବାର ହଷ୍ଟେଲ କୋଠରି ପଙ୍ଖାରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଫିଟର୍ ଟ୍ରେଡ୍‌ର ପ୍ରଥମ ବର୍ଷର ଛାତ୍ର ସରୋଜ କୁମାର ମାଝି(୨୦)। ସୂଚନା ଅନୁଯାୟୀ, ସରୋଜ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ନାକଟିଗୁଡ଼ା ପଞ୍ଚାୟତ ଅଣଝର ଗ୍ରାମର ଚିନ୍ତାଡୁ ମାଝିଙ୍କ ଏକମାତ୍ର ପୁଅ। ସେ କସ୍ତୁରୀ ନଗରସ୍ଥିତ ହଷ୍ଟେଲ(ରୁମ୍ ନଂ-୧୨)ରେ ରହୁଥିଲେ। ହୋଲି ପାଇଁ ମାର୍ଚ୍ଚ ୨୭ରେ ଗାଁକୁ ଯାଇ ଗୁରୁବାର ସନ୍ଧ୍ୟାରେ ହଷ୍ଟେଲକୁ ଫେରିଥିଲେ। ଶୁକ୍ରବାର ଗୁଡ୍ ଫ୍ରାଇଡେ ଯୋଗୁ ଆଇଟିଆଇ ଛୁଟି ଥିଲା। ସରୋଜଙ୍କ ସହ ରୁମ୍‌ରେ ରହୁଥିବା ଅନ୍ୟ ଦୁଇ ଛାତ୍ର ଗୁରୁନାଥ ପାଣି ଓ ଗଣେଶ ବିଶୋୟୀ ଅପରାହ୍ନରେ କୌଣସି କାମରେ ବାହାରକୁ ଯାଇଥିଲେ। ଗଣେଶ ବଜାରରୁ ଫେରିବା ପରେ ଭିତରପଟୁ କବାଟ ବନ୍ଦଥିବା ଦେଖିଥିଲେ। ବାରମ୍ବାର ଡାକିବା ପରେ ମଧ କବାଟ ନ ଖୋଲିବାରୁ ସେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଅଧିକାରୀଙ୍କୁ ଜଣାଇଥିଲେ। କବାଟ ତଳ ଫାଙ୍କରୁ ଫୋନ୍ କ୍ୟାମେରା ମାଧ୍ୟମରେ ଦେଖିବାବେଳେ ସରୋଜ ପଙ୍ଖାରେ ଝୁଲୁଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଛାତ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

# ୩୩୦୮.୬୯ କୋଟି କୋଭିଡ୍ ଋଣ ମଞ୍ଜୁର

**ଭୁବନେଶ୍ୱର,୨।୪(ବ୍ୟୁରୋ)**

କୋଭିଡ୍ ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ (ଏମ୍ଏସ୍ଏମ୍ଇ) ଉଦ୍ୟୋଗକୁ ଚଳଚଞ୍ଚଳ କରିବାକୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଋଣ ପ୍ରଦାନରେ ଉଲ୍ଲେଖନୀୟ ସଫଳତା ମିଳିଛି। କୋଭିଡ୍-୧୯ ଭଳି ପ୍ରତିକୂଳ ସମୟରେ ବ୍ୟାଙ୍କଗୁଡ଼ିକର ସହଯୋଗ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ଋଣ ପ୍ରଦାନରେ ଏହି ସଫଳତା ମିଳିପାରିଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି। ଇସିଏଲ୍‌ଜିଏସ୍ (କୋଭିଡ୍ ଋଣ) ଅଧୀନରେ ୩୪୧୭.୦୨ କୋଟି ଟଙ୍କା ଋଣ ପ୍ରଦାନଯୋଗ୍ୟ ଅର୍ଥରୁ ୩୩୦୮.୬୯ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି। ତନ୍ମଧ୍ୟରୁ ୩୧୦୭.୮୨ କୋଟି ଟଙ୍କା ଉଦ୍ୟୋଗୀଙ୍କୁ ଦିଆସରିଛି। ପୂର୍ବରୁ ଏତେ ପରିମାଣରେ ଋଣ ପ୍ରଦାନ କରାଯାଇ ନ ଥିଲା। ପିଏମ୍ଇଜିପି ଅଧୀନରେ ସର୍ବମୋଟ ୪,୩୫୮ ଉଦ୍ୟୋଗ ମଧ୍ୟରୁ ୩,୬୭୪ଟିକୁ ପ୍ରାୟ ୧୧୫ କୋଟି ଟଙ୍କାର ଋଣ ଦିଆଯାଇଛି। ସେହିପରି ପିଏମ୍ଏଫ୍ଏମ୍ଇ ଅଧୀନରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ୨୮୧୪ ସଦସ୍ୟଙ୍କୁ ୪୦ ହଜାର ଟଙ୍କା ହିସାବରେ ସିଡ୍‌ମନି ଭାବେ ପ୍ରାୟ ୭୭୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାଛଡ଼ା ୨୧ ଏସ୍ଏଚ୍‌ଜିକୁ ମୋଟ ୫୩.୯୬ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଇଛି। ୩ଟି ଏଫ୍‌ପିଓକୁ ସବ୍‌ସିଡି ପ୍ରଦାନ ନିମନ୍ତେ ପ୍ରସ୍ତାବ ମଞ୍ଜୁରୀ ସକାଶେ କେନ୍ଦ୍ର ସରକାରଙ୍କୁ ଚିଠି କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଗଞ୍ଜାମର ରଙ୍ଗେଇଲୁଣ୍ଡାଠାରେ ମତ୍ସ୍ୟ ଉତ୍ପାଦନ ଲାଗି ସାଧାରଣ ଇନ୍‌କ୍ୟୁବେଶନ କେନ୍ଦ୍ର ସ୍ଥାପନ ସକାଶେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ୧୬୩ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ଉପଯୁକ୍ତ ପ୍ୟାକେଜିଂର ବିକାଶ ସହ ଓଡ଼ିଶାର ଉତ୍ପାଦିତ ଖାଦ୍ୟ ସାମଗ୍ରୀର ବ୍ରାଣ୍ଡିଂ ସୃଷ୍ଟି କରିବାକୁ ଓର୍‌ମାସ୍‌କୁ ୮.୫୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି। ଏହାଛଡ଼ା ଅତିବେଶିରେ ୧୦ ଲକ୍ଷ ଟଙ୍କା ସବ୍‌ସିଡି ପ୍ରାବଧାନ ସହ ବ୍ୟକ୍ତିଗତ ଅଣୁ ଉଦ୍ୟୋଗଗୁଡ଼ିକୁ ଋଣ ମଞ୍ଜୁର କରିବା ଓ ୫୦ ପ୍ରତିଶତ ସବ୍‌ସିଡି ଦେବା ନିମନ୍ତେ ୩୮୩ଟି ଆବେଦନକୁ ବିଭିନ୍ନ ବ୍ୟାଙ୍କକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ୨୮୯ କୋଟି ଟଙ୍କା କୋଭିଡ୍ ସହାୟତା ପ୍ୟାକେଜର ଆକର୍ଷଣୀୟ ରିହାତି ବ୍ୟବସ୍ଥା ଯୋଗୁ ଋଣ ଯୋଗାଣରେ ଏହି ରେକର୍ଡ ସୃଷ୍ଟି ହୋଇପାରିଛି। କୋଭିଡ୍ ମହାମାରୀ ସମୟରେ କ୍ଷେତ୍ର କର୍ମଚାରୀ ଓ ବ୍ୟାଙ୍କଗୁଡ଼ିକର ସହଯୋଗ ପାଇଁ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ଏପରି ସହଯୋଗ ଜାରି ରଖିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।



ସିଦ୍ଧ ମହାବୀର ଓଭରବ୍ରିଜ୍‌ର ନିର୍ମାଣ ପାଇଁ ନିଷ୍ପତ୍ତିକୁ ସ୍ୱାଗତ କରି ଜନ ଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ପୁରୀ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

# ଏକତୃତୀୟାଂଶଙ୍କୁ ମିଳିଛି ନିଯୁକ୍ତି

**ଭୁବନେଶ୍ୱର,୨।୪(ବ୍ୟୁରୋ)**

**ଦକ୍ଷତା ବିକାଶ ତାଲିମ**

ରାଜ୍ୟରେ ବେକାରୀ ଯୁବତୀ ଯୁବକଙ୍କୁ ଦକ୍ଷତା ତାଲିମ ଦେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ତାଲିମ ପ୍ରାପ୍ତ ଯୁବତୀଯୁବକଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେକାରୀଙ୍କୁ ନିଯୁକ୍ତି ମିଳିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଦ୍ୱାରା ଦିଆଯାଇଥିବା ଏକ ଲିଖିତ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରାଜ୍ୟରେ ୫୪ ହଜାର ୩୨୫ ଜଣଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୮, ୪୧୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

ଗତ ୫ ବର୍ଷ ମଧ୍ୟରେ କଟକ ଜିଲାରେ ସର୍ବାଧିକ ୬,୩୪୩ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧,୯୩୯ ଜଣଙ୍କୁ ନିଯୁକ୍ତି ମିଳିଥିବା ବେଳେ କେନ୍ଦୁଝର ଜିଲାରୁ ୨,୫୪୩ ଜଣଙ୍କ ମଧ୍ୟରୁ ମାତ୍ର ୭୦୭, ଖୋର୍ଦ୍ଧା ଜିଲାରୁ ତାଲିମ ନେଇଥିବା ୬,୦୮୪ ଜଣଙ୍କ ମଧ୍ୟରୁ ୨୭୧୧ ଜଣ ଏବଂ ଢେଙ୍କାନାଳ ଜିଲାରୁ ୨୧୯୦ ଜଣଙ୍କ ମଧ୍ୟରୁ ୫୨୧ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ଗଞ୍ଜାମ ଜିଲାରୁ ୩୮୦୦, ସୁନ୍ଦରଗଡ ୩୧୮୪, ରାୟଗଡ ଜିଲାରୁ ୨୨୯୦ ଜଣଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଗଞ୍ଜାମରୁ ଗଞ୍ଜାମରୁ ୭୬୪, ସୁନ୍ଦରଗଡରୁ ୮୫୬ ଏବଂ ରାୟଗଡାରୁ ମାତ୍ର ୭୮୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ମାଲକାନଗିରି ଜିଲାରେ ଗତ ୫ ବର୍ଷରେ ୨୦୩ ଜଣଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ମାତ୍ର ୭୭ ଜଣଙ୍କୁ ନିଯୁକ୍ତି ମିଳିଛି।

## ଷ୍ଟେଶନରେ ଯୁବକଙ୍କ ମୃତ୍ୟୁ

**ଆଳି,୨।୪ (ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଥାନା ବୈଦିମାଳ ଗାଁର ଜଣେ ଯୁବକଙ୍କ ଯାଜପୁର ରୋଡ୍ ରେଳ ଷ୍ଟେଶନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ପତିତପାବନ ମଲିକଙ୍କ ପୁଅ ସୁରଜ(୨୫)। ଦିଲ୍ଲୀରୁ ଜଣେ ସାଙ୍ଗଙ୍କ ସହ ସୁରଜ ଟ୍ରେନରେ ଘରକୁ ଫେରୁଥିଲେ। ଗୁରୁବାର ରାତିରେ ଯାଜପୁର ରୋଡରେ ପହଞ୍ଚିବା ପରେ ସୁରଜ ବାହାରକୁ ଯାଇ ଫେରି ନ ଥିଲେ। ତାଙ୍କ ମୋବାଇଲ ଚାର୍ଜ ବସିଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଟ୍ରେନ ଛାଡି ଦେବାରୁ ସାଙ୍ଗ ବାଧ୍ୟ ହୋଇ ଘରକୁ ଆସି ସୁରଜଙ୍କ ନିଖୋଜ ସମ୍ପର୍କରେ ଆଳି ଥାନାରେ ଜଣାଇଥିଲେ। ଶୁକ୍ରବାର ସୁରଜ ଟ୍ରେନ ଲାଇନ କଡ଼ରେ ପଡିଥିବା ଖବର ମିଳିଥିଲା। ସୁରଜଙ୍କୁ ରେଳବାଇ ପୋଲିସ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ରୋଡ ଜିଆରପି ଆଳି ଥାନା ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ସୂଚନା ଦେଇଥିଲେ। ପରେ ପାଣିଗ୍ରାହୀ ସୁରଜଙ୍କ ପରିବାରକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ଲୋକ ଯାଜପୁର ରୋଡ ଯାଇଛନ୍ତି।

## କାମ କରିବାକୁ କହିବାରୁ ହାଣିଲେ


ଗୁରୁତର ଦୁଇ ଝିଅ।

**ସ୍ତ୍ରୀ, ଦୁଇ ଝିଅ ଗୁରୁତର**

**କାମାକ୍ଷାନଗର, ୨।୪(ଡି.ଏନ.ଏ.)**

କିଛି କାମଧନ୍ଦା କରୁ ନ ଥିଲେ। ବେକାର ହୋଇ ଘରେ ବସିରହିଥିଲେ। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ ସୃଷ୍ଟି ହୋଇଥିଲା ବିଶୃଙ୍ଖଳା। ପରିବାର ଚଳାଇବା କଷ୍ଟକର ହେବାରୁ ରୋଜଗାର କରିବାକୁ ପରାମର୍ଶ ଦେଇଥିଲେ ସ୍ତ୍ରୀ। ଏତକ କଥାରେ ମୁଣ୍ଡକୁ ଚଢ଼ିଗଲା ପିତ୍ତ। ଉତ୍ତ୍ୟକ୍ତ ସ୍ୱାମୀଙ୍କ ଚାପଡ଼ ଚୋଟରେ ଘାଇଲା ହେଲେ ସ୍ତ୍ରୀ। ମା'ଙ୍କୁ ରକ୍ଷା କରିବାକୁ ଯାଇଥିବା ଦୁଇ ଝିଅ ବାପାଙ୍କ କ୍ରୋଧରୁ ବର୍ତ୍ତି ନ ଥିଲେ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଗୁନେଇବିଲି ପଞ୍ଚାୟତର ଡିମିରିଆ ଗ୍ରାମରେ ଶୁକ୍ରବାର ସକାଳେ ଏଭଳି ଏକ ଅଭାବନୀୟ କାଣ୍ଡ ଘଟିଛି, ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ମିନାକ୍ଷୀ ରାଉତ (୪୫), ଝିଅ ଅଞ୍ଜଳି ରାଉତ (୨୦) ଏବଂ ମୋନାଲିସା ରାଉତ (୧୩) ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀ ପ୍ରାଣବନ୍ଧୁ ରାଉତ (୫୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ଗ୍ରାମବାସୀଙ୍କ କହିବା କଥା, ଡିମିରିଆ ଗ୍ରାମର ପ୍ରାଣବନ୍ଧୁ କୌଣସି କାମ ନ କରି ବେରୋଜଗାର ହୋଇ ଘରେ ବସିରହୁଥିଲେ। ଏହାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ଭିତରେ ସବୁବେଳେ କଳହ ଲାଗି ରହିଥିଲା। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମିନାକ୍ଷୀ ସ୍ୱାମୀ ପ୍ରାଣବନ୍ଧୁଙ୍କୁ କିଛି କାମ କରିବାକୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରାଣବନ୍ଧୁ ତାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦ କରିଥିବା ଝିଅ ଅଞ୍ଜଳି, ମୋନାଲିସା ବାପାଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ପରେ ପ୍ରାଣବନ୍ଧୁ ଏକ ଚାପଡ଼ରେ ତିନିଜଣଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ମହିଳା ଏବଂ ଦୁଇ ଝିଅଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ହେବାରୁ ମିନାକ୍ଷୀଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏଭଳି ନାରକୀୟ କାଣ୍ଡ ଘଟାଇଥିବା ପ୍ରାଣବନ୍ଧୁଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇନାହିଁ।

## ଦଳିତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଲକ୍ଷ୍ମୀପୁର ଖେରି(ୟୁପି), ୨।୪:** ଉଚ୍ଚଜାତିର ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିବା ଦଳିତ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଯୁବତୀଙ୍କ ପରିବାର ଲୋକେ ଉକ୍ତ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ସହ ମଳଦ୍ୱାରରେ ରଡ୍ ପୂରାଇ ଦେଇଛନ୍ତି। ହରେନ୍ଦ୍ର କୁମାର (୨୨) ନାମକ ଉକ୍ତ ଯୁବକ ଏବେ ଜିଲା ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଲକ୍ଷ୍ମୀପୁର ଖେରି ଅନ୍ତର୍ଗତ ଟିକୁନିଆ ସହରରେ ଗୁରୁବାର ବିଳମ୍ବିତ ରାତିରେ ଏଭଳି ଆକ୍ରମଣ ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

## ଅନ୍ୟ ଧର୍ମର ଯୁବତୀଙ୍କ ସହ ଯାତ୍ରା: ଯୁବକଙ୍କୁ ଛୁରାମାଡ଼

**ବେଙ୍ଗାଲୁରୁ,୨।୪**

କର୍ଣ୍ଣାଟକର ମାଙ୍ଗାଲୁରୁରେ ଅନ୍ୟ ଧର୍ମର ଯୁବତୀଙ୍କ ସହ ଏକ ବସ୍‌ରେ ଯାତ୍ରା କରିବାରୁ ଜଣେ ୨୩ ବର୍ଷୀୟ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁବାର ରାତି ୯ଟା ୩୦ରେ ଯୁବକଙ୍କ ସହ ତାଙ୍କ ବାନ୍ଧବୀ ଯାଉଥିଲେ। କେତେଜଣ ବ୍ୟକ୍ତି କାର୍‌ରେ ଆସି ତାଙ୍କୁ ବସ୍‌ରୁ ଓହ୍ଲାଇ ଛୁରାମାଡ଼ କରିଥିଲେ। ଯୁବତୀ ଜଣକ ମନା କରିବାରୁ ତାଙ୍କୁ ମଧ ଲୋକେ ମାଡ଼ ମାରିଥିଲେ। ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ୮ ଜଣଙ୍କୁ ଗିରଫ କରିଛି। ବଜରଙ୍ଗ ଦଳର ଅନ୍ୟ ୪ ଜଣଙ୍କୁ ଗିରଫ କରାଯିବ ବୋଲି ମାଙ୍ଗାଲୁରୁ ପୋଲିସ କମିଶନର ଶଶୀ କୁମାର ସୂଚନା ଦେଇଛନ୍ତି। ଭାଜପା ଶାସିତ କର୍ଣ୍ଣାଟକରେ ତଥାକଥିତ 'ଲଭ୍ ଜିହାଦ'ବିରୋଧୀ ଆଇନ ଅଣାଯାଇଥିବାବେଳେ ଧର୍ମୀୟ ଅସହିଷ୍ଣୁତା ବଢ଼ିବାରେ ଲାଗିଛି।

## ମନ୍ତ୍ରୀଙ୍କୁ ଘରେ ଟିକା ଦେଇ ସ୍ୱାସ୍ଥ୍ୟ ଅଧିକାରୀ ନିଲମ୍ବିତ

**ବେଙ୍ଗାଲୁରୁ, ୨।୪**

କର୍ଣ୍ଣାଟକ କୃଷିମନ୍ତ୍ରୀ ବି.ସି. ପାଟିଲ୍ ଓ ତାଙ୍କ ସ୍ତ୍ରୀଙ୍କୁ ସେମାନଙ୍କ ବାସଭବନରେ କୋଭିଡ୍ ଟିକା ଦେଇଥିବା ଜଣେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। କୋଭିଡ୍ ଟିକାକରଣ ନିୟମ ଉଲ୍ଲଂଘନ କରିଥିବା ହାଭେରି ଜିଲା ହିରେକେରୁରର୍ ତାଲୁକ୍ ସ୍ୱାସ୍ଥ୍ୟ ଅଧିକାରୀ ଡ. ଜେଡ୍.ଆର୍. ମଖନ୍ଦରଙ୍କୁ ନିଲମ୍ବନ କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ଡ. କେ.ଭି. ତ୍ରିଲୋକଚନ୍ଦ୍ର କହିଛନ୍ତି। ତଦନ୍ତ ନ ସରିବା ପର୍ଯ୍ୟନ୍ତ କାର୍ଯ୍ୟସ୍ଥଳ ଛାଡ଼ି ନ ଯିବାକୁ ମଖନ୍ଦରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ୨ରେ ମନ୍ତ୍ରୀ ଓ ତାଙ୍କ ସ୍ତ୍ରୀ କୋଭିଡ୍ ଟିକା ନେଇଥିଲେ। ସେ ଉକ୍ତ ଫଟୋ ଟୁଇଟରରେ ଶେୟାର କରିବା ପରେ ଟିକାକରଣ ନିୟମ ଉଲ୍ଲଂଘନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

# 'ପ୍ରଥମେ ଭାଜପା ଶାସିତ ରାଜ୍ୟରେ ଦର ହ୍ରାସ କରନ୍ତୁ'

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

**ବିଦ୍ୟୁତ୍ ଦର ବଢ଼ିବା ନେଇ ଭାଜପା ବିରୋଧକୁ ବିଜେଡିର ଟାର୍ଗେଟ**

ବିଜୁଳି ଦର ବୃଦ୍ଧି ନେଇ ଓଡିଶା ଭାଜପା ନେତାମାନେ ପ୍ରଶ୍ନ ଉଠାଇବା ଅତ୍ୟନ୍ତ ହାସ୍ୟାସ୍ପଦ। କାରଣ ଭାଜପା ଶାସିତ ରାଜ୍ୟଗୁଡିକରେ ବିଦ୍ୟୁତ୍ ଦରବୃଦ୍ଧି ଓଡିଶା ଠାରୁ ଢେର ଅଧିକ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ସେ କହିଛନ୍ତି, ଭାଜପା ଶାସିତ ରାଜ୍ୟ ବିହାରରେ ଚଳିତବର୍ଷ ମାର୍ଚ୍ଚ ୨୬ରେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ୩୫ ପଇସା ବଢିଥିବା ବେଳେ ଉରପ୍ରଦେଶରେ ଏହା ୬୪ ପଇସା ବୃଦ୍ଧି ପାଇଥିଲା। ମଧ୍ୟପ୍ରଦେଶର ଭାଜପା ସରକାର ଗତବର୍ଷ ବିଦ୍ୟୁତ୍ ଦର ଢେର ଅଧିକ ପରିମାଣରେ ବଢ଼ାଇଥିଲେ। ସେହିଭଳି ଭାଜପା ଶାସିତ ରାଜ୍ୟ କର୍ନାଟକରେ ଗତବର୍ଷ ନଭେମ୍ବର ୨୦ରେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ୪୦ ପଇସା ବୃଦ୍ଧି ପାଇଥିଲା। ଅନ୍ୟ ରାଜ୍ୟଗୁଡିକରେ ବିଜୁଳି ଦର ବଢ଼ାଉଥିବା ବେଳେ ଭାଜପା ଏହାକୁ ଯଥାର୍ଥ ବୋଲି ଦର୍ଶାଉଛି। କିନ୍ତୁ ଯେତେବେଳେ ଓଡିଶା କଥା ଆସୁଛି ସେତେବେଳେ ଭାଜପା ଗଳି କନ୍ଦିରେ ପ୍ରଦର୍ଶନ କରୁଛି। ଓଡିଶାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ରାଜ୍ୟ ଭାଜପାର ଏଭଳି ଦୋମୁହାଁ ନୀତି ନିନ୍ଦନୀୟ। ଭାଜପା ଭଲଭାବେ ଜାଣିଛି ଓଡିଶା ସରକାର ବିଦ୍ୟୁତ୍ ଦର ବଢ଼ାନ୍ତି ନାହିଁ। ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଯାହାକି ଏକ ସ୍ୱାଧୀନ ସଂସ୍ଥା ସିଏ ହିଁ ବିଦ୍ୟୁତ୍ ଦରବୃଦ୍ଧି ସଂକ୍ରାନ୍ତରେ ନିଷ୍ପତ୍ତି ନେଇଥାଏ। ଏହା ଜାଣି ମଧ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଭାଜପା ଶସ୍ତା ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡିଶାର ସାମଗ୍ରିକ ବିକାଶ ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ଏବଂ ଓଡିଶାବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ବେଶ୍ ସମ୍ବେଦନଶୀଳ। ବିଜେଡି ସରକାରକୁ ପରାମର୍ଶ ଦେବା ପୂର୍ବରୁ ଓଡିଶାର ଭାଜପା ନେତାମାନେ ଭାଜପା ଶାସିତ ରାଜ୍ୟରେ ବୃଦ୍ଧି ପାଇଥିବା ବିଦ୍ୟୁତ୍ ଦର ହ୍ରାସ ପାଇଁ ନିଜ ଦଳକୁ ପରାମର୍ଶ ଦିଅନ୍ତୁ ବୋଲି ଲେନିନ୍ କହିଛନ୍ତି।

## ରାତିଅଧିଆ ହଷ୍ଟେଲ ଛାଡ଼ିଲେ ୨୮ ଛାତ୍ରୀ

**ତୁମୁଡ଼ିବନ୍ଧ,୨।୪(ଡି.ଏନ୍.ଏ.)**

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ ମା' ଭୈରବୀ ଉଚ୍ଚ ବିଦ୍ୟାଳୟର ୨୮ଜଣ ଦଶମ ଶ୍ରେଣୀ ଛାତ୍ରୀ ଗୁରୁବାର ରାତିଅଧିଆ ହଷ୍ଟେଲ ଛାଡ଼ିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଓ ମ୍ୟାଟ୍ରନ କୌଣସି କାରଣ ନ ଥାଇ ବାରମ୍ବାର ଗାଳିଗୁଲଜ କରୁଥିବା ଅଭିଯୋଗ କରି ସେମାନେ ଘରକୁ ପଳାଇ ଆସିଥିଲେ। ଶୁକ୍ରବାର ଏହି ଘଟଣା ଜଣାପଡ଼ିବା ପରେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା, ତୁମୁଡ଼ିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିନା ପ୍ରଧାନ, ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ୍ ପୃଥକ ଭାବେ ଛାତ୍ରୀମାନଙ୍କ ଘରକୁ ଯାଇ ବୁଝାଶୁଝା କରିଥିଲେ। ଅପରାହ୍ନ ସୁଦ୍ଧା ୨୦ ଛାତ୍ରୀ ପୁଣି ହଷ୍ଟେଲକୁ ଫେରିଥିବା ଜଣାପଡ଼ିଛି।

ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ହଷ୍ଟେଲରେ ଖାଇବା, ରହିବା ଓ ପାଣି ସମସ୍ୟା ଥିବା ଜଣାଇଲେ ପ୍ରଧାନଶିକ୍ଷୟିତ୍ରୀ ଗାଳିଗୁଲଜ କରନ୍ତି। କୌଣସି କାରଣ ନ ଥାଇ ମ୍ୟାଟ୍ରନ ମଧ ଗାଳି କରିଥାନ୍ତି। ତେଣୁ ବାଧ୍ୟ ହୋଇ ଗୁରୁବାର ରାତି ପ୍ରାୟ ସାଢ଼େ ୩ଟାରେ ଜିନିଷପତ୍ର ଧରି ହଷ୍ଟେଲ ଛାଡ଼ିଥିଲୁ। ମ୍ୟାଟ୍ରନ ଏହା ଦେଖୁଥିଲେ ମଧ୍ୟ ଅଟକାଇ ନ ଥିବା ଛାତ୍ରୀମାନେ କହିଛନ୍ତି। ଛାତ୍ରୀମାନେ ହଷ୍ଟେଲରୁ ବାହାରି ୫୯ନଂ ଜାତୀୟ ରାଜପଥରେ ଚାଲିଥିଲେ। ପ୍ରାୟ ୫ କି.ମି. ଚାଲିବା ପରେ ଶୁକ୍ରବାର ସକାଳେ ଆଠବାଡି ଗ୍ରାମରେ ପହଞ୍ଚିଥିଲେ। ସେଠାରୁ ଟେମ୍ପୁ ଓ ବସ୍ ଯୋଗେ ନିଜ ନିଜ ଘରକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଓ ମ୍ୟାଟ୍ରନ୍ ନ ହଟିବା ଯାଏ ହଷ୍ଟେଲକୁ ଫେରିବୁ ନାହିଁ ବୋଲି ଛାତ୍ରୀମାନେ ଜିଦ୍ ଧରିଥିଲେ। ଏହି ଘଟଣାକୁ ନିନ୍ଦା କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣେ ଅଭିଭାବକ ଧନେଶ୍ୱର ଗାଉଁଟିଆ ଦାବି କରିଛନ୍ତି।

# ପାତାଳି ଶ୍ରୀକ୍ଷେତ୍ରର ବିକାଶ ପାଇଁ ୨ କୋଟି

**ସୋନପୁର,୨।୪(ନି.ପ୍ର.)**

ଅବହେଳିତ ଅବସ୍ଥାରେ ଥିବା ପାତାଳି ଶ୍ରୀକ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଚିଠି ନଂ ୪୬୬୧/୩୦.୩.୨୦୨୧ରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଏହି ପବିତ୍ର ପୀଠର ସୁରକ୍ଷା, ଉନ୍ନତି ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଅନୁଦାନ ଦିଆଯାଇଛି। ବିଳମ୍ବରେ ହେଲେ ମଧ ସରକାର ଅନୁଦାନ ଯୋଗାଇ ଦେଇଥିବାରୁ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।୧୬୦୦ ବର୍ଷ ପୂର୍ବରୁ ସୁବର୍ଣ୍ଣପୁର ଜିଲା ଛଲିଆ ପାହାଡରେ ଜଗତର ନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ଯାହାକି ପ୍ରାମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଉଲୁଣ୍ଡା ବ୍ଲକର କୋଟସମଲେଇସ୍ଥିତ ପାହାଡରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପ୍ରସ୍ତାବ ରହିଛି। ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୨୦୧୨ ଜୁଲାଇ ୫ରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଭୂମିପୂଜା କରିଥିଲେ। ତେବେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନି। ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା ଲାଗିରହିଛି। ପାତାଳି ଶ୍ରକ୍ଷେତ୍ରରେ ନିର୍ମିତ ହେବାକୁ ଥିବା ମନ୍ଦିରର ଗର୍ଭ ଗୃହ ଓ ମୁଖଶାଳା ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କାର ବ୍ୟୟ ଅଟକଳ ଥିଲା। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହା ଅନୁମୋଦିତ ହୋଇଥିଲା। ପରିତାପର ବିଷୟ ଇତି ମଧ୍ୟରେ ସାଢେ ୪ ବର୍ଷ ହେବାକୁ ବସିଛି। କିନ୍ତୁ ରାଜ୍ୟ ସଂସ୍କୃତି ବିଭାଗ ଏହି ମନ୍ଦିର ନିର୍ମାଣ ପାଇଁ ଆଦୌ ତତ୍ପରତା ପ୍ରକାଶ କରୁନି। ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ରୋପ ୱେ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିବା ବେଳେ କାର୍ଯ୍ୟ ଆରମ୍ଭ ହୋଇ ପାରିନି। ତେବେ ନିକଟରେ ପୀଠ ପାର୍ଶ୍ୱରେ ପାର୍କ, ଷ୍ଟଲ, ଓସାରିଆ ରାସ୍ତା ଓ ପାହାଚର ସୁନ୍ଦରୀକରଣ କାର୍ଯ୍ୟ ଆରମ୍ଭ ହୋଇଛି।


କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର।



ଏକତା କପୁର ଏବଂ ବିକାଶ ବହଲ ଫିଲ୍ମ 'ଗୁଡବାୟ୍‌' ମାଧ୍ୟମରେ ପୁଣିଥରେ ଏକାଠି କାମ କରିବାକୁ ଯାଉଛନ୍ତି। ଏଥିରେ ଅମିତାଭ ବଚ୍ଚନ ଏବଂ ସାଉଥ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ପ୍ରମୁଖ ଚରିତ୍ରରେ ଦେଖିବାକୁ ମିଳିବ। ଫିଲ୍ମର ଶୁଟିଂ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏକତା ସୋସିଆଲ ମିଡିଆରେ ନିଜର ଖୁସି ପ୍ରକାଶ କରିଛନ୍ତି। ତେବେ ତାଙ୍କ ଖୁସିର କାରଣ ଗୋଟିଏ ନୁହେଁ ବରଂ ଦୁଇଟି। ପ୍ରଥମଟି ତାଙ୍କର ଫିଲ୍ମ ଏବଂ ଦ୍ୱିତୀୟଟି ତାଙ୍କର ସ୍ୱପ୍ନ ସତ ହେବାକୁ ଯାଉଛି। ଏକତା ପିଲାଟି ଦିନରୁ ଅମିତାଭଙ୍କ ସହ କାମ କରିବାକୁ ଚାହୁଁଥିଲେ, ଯାହା ଏବେ ପୂରଣ ହେବାକୁ ଯାଉଛି। ଏକତା ଟୁଇଟରରେ ଫିଲ୍ମ 'ଗୁଡବାୟ୍‌' ପାଇଁ ଶୁଭକାମନା ଜଣାଇଥିବା ବେଳେ ଅନ୍ୟଟିରେ ବାପା ଜିତେନ୍ଦ୍ର ବିଗ ବିଙ୍କ ସହ ନଜର ଆସୁଛନ୍ତି।



# ଶେଷକୃତ୍ୟ ପଛରେ ତର୍କ

**ମୃତ୍ୟୁ ହେଉଛି ଚିରନ୍ତନ ସତ୍ୟ। ବିଭିନ୍ନ ଧର୍ମରେ ମୃତ୍ୟୁ ପରେ ମରଶରୀରକୁ ଅନ୍ତିମ ସଂସ୍କାର କରିବା ଲାଗି ଭିନ୍ନ ପଦ୍ଧତି ରହିଛି। କେଉଁଠି ମୃତଦେହ ପୋଡ଼ା ଯାଏ ତ ଆଉ କେଉଁଠି କବର ଦିଆଯାଏ। ତେବେ ପାର୍ସି ଧର୍ମରେ ମୃତଦେହକୁ ଉଚ୍ଚ ଖୋଲା ସ୍ଥାନରେ ମାଂସାଶୀ ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଛାଡ଼ି ଦିଆଯିବ ଭଳି ଭିନ୍ନ ପରମ୍ପରା ରହିଛି। ସେ ଯାହା ହେଉ ଜନ୍ମ, ମୃତ୍ୟୁ ଭଳି ମୃତଦେହ ସଂସ୍କାର ପଛରେ ମଧ୍ୟ ଜଳବାୟୁ, ଭୌତିକବାତାବରଣ ସମ୍ପର୍କିତ ତର୍କ ରହିଛି।**



**ନୂଆଦିଲ୍ଲୀ:** ମୃତଦେହ ଶେଷକୃତ୍ୟକୁ ନେଇ ରହିଥିବା ଧାର୍ମିକ ମତବାଦ ଆଶ୍ଚର୍ଯ୍ୟଜନକ। ଜୀବନ ଚାଲିଯିବା ପରେ ମରଶରୀରକୁ ଜାଳି ଦିଆଯାଏ। ବିଜୁଳି ଚୁଲାରେ ପାଉଁଶ କରି ଦିଆଯାଏ। ପାଣିରେ ଭସାଇ ଦିଆଯାଏ। ସର୍ବୋପରି ମାଟି ତଳେ କବର ଦିଆଯାଏ। ମୃତଦେହ ଶେଷକୃତ୍ୟ ଧାର୍ମିକ ମତବାଦ ଉପରେ ଆଧାରିତ ହେଉଥିଲେ ମଧ୍ୟ ଏହାର ପଛର ତର୍କକୁ ଅନେକେ ଜାଣନ୍ତି ନାହିଁ। ବିଭିନ୍ନ ଧର୍ମରେ ଅନ୍ତିମ ସଂସ୍କାର ପଦ୍ଧତି ସେଠାକାର ଜଳବାୟୁ, ଭୌତିକ ବାତାବରଣ ସର୍ବୋପରି ବିଶ୍ୱାସ ଆଧାରରେ କରାଯାଇଥାଏ।

ହିନ୍ଦୁ, ବୌଦ୍ଧ, ଶିଖ ଧର୍ମରେ ମୃତଦେହକୁ କାଠ ଦ୍ୱାରା ପୋଡ଼ାଯାଇଥାଏ। ହେଲେ ଏହି ୩ ଧର୍ମରେ ମୃତଦେହ ପୋତିଦେବା ପରମ୍ପରା ମଧ୍ୟ ରହିଛି। ବିଶେଷକରି ଶିଶୁଙ୍କ କ୍ଷେତ୍ରରେ ଏପରି କରାଯାଏ। ସେହିପରି ସାଧୁସନ୍ଥଙ୍କୁ ସମାଧି ଦିଆଯାଇଥାଏ। ଶିଶୁ ଏବଂ ସନ୍ଥଙ୍କ ଶରୀରକୁ ପବିତ୍ର ବୋଲି ବିବେଚନା କରାଯାଉଥିବାରୁ ଏପରି କରାଯାଇଥାଏ। ସେହିପରି କେତେକ ସ୍ଥାନରେ ମୃତଦେହକୁ ପାଣିରେ ଭସାଇ ଦିଆଯାଇଥାଏ। ସେହିପରି ମୃତଦେହ ପୋଡ଼ାଯିବା ପରେ ଅବଶେଷକୁ ପାଣିରେ ପକାଇଦେବା ଦ୍ୱାରା ଆତ୍ମା ମୋକ୍ଷ ଲାଭ କରେ ବୋଲି ବିଶ୍ୱାସ ରହିଛି। ବାରାଣସୀ, ମଣିକର୍ଣ୍ଣିକା ଘାଟରେ ଏହା ଦେଖିବାକୁ ମିଳେ। ସମ୍ପ୍ରତି ଅନ୍ତିମ ସଂସ୍କାରରେ ବିଦ୍ୟୁତ୍ ଚୁଲାର ବହୁଳ ଉପଯୋଗ କରାଯାଉଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ପରିବର୍ତ୍ତିତ ସମୟ ଏବଂ ସୁବିଧା ଅନୁଯାୟୀ ହିନ୍ଦୁ ଧର୍ମରେ ମୃତଦେହ ସଂସ୍କାର ବିଧି ରହିଛି।

ମୃତଦେହକୁ କବର ଦେବା ପରମ୍ପରା ଇହୁଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅନୁମାନ କରାଯାଏ। ସମ୍ଭବତଃ ଇସ୍ରାଇଲ ଏବଂ ପାଶ୍ଚାତ୍ୟ ଦେଶରେ ମୃତଦେହ ଜାଳିବା ଲାଗି କାଠର ଅଭାବରୁ ଏହା ଆରମ୍ଭ ହୋଇଥିଲା। ବିଶେଷ କରି ଶୀତ ପ୍ରଧାନ ଦେଶରେ ନିଆଁ ସହାୟତାରେ ମରଶରୀର ସଂସ୍କାର କଷ୍ଟସାଧ୍ୟ ହେଉଥିବାରୁ ମୃତଦେହକୁ କବର ଦିଆଯାଉଥିଲା। ତେବେ ଭାରତର ବୈଦିକ ଯୁଗରେ ସନ୍ଥଙ୍କୁ ସମାଧି ଦିଆଯିବା ତଥ୍ୟ ଇତିହାସରେ ଉଲ୍ଲେଖ ରହିଛି। ହେଲେ ପାଶ୍ଚାତ୍ୟ ରାଷ୍ଟ୍ରରେ ହଜାର ହଜାର ସଂଖ୍ୟାରେ କବର ଦିଆଯିବା ପରେ ଏହା ଲୋକଲୋଚନକୁ ଆସିଥିଲା। ମୃତଦେହ କବର ଦେବା ପରମ୍ପରା ଇସ୍‌ଲାମ ଧର୍ମରେ ଅଧିକ ପ୍ରଚଳିତ। ପାର୍ସୀ (ଜୋରାଷ୍ଟ୍ରିଆନ) ଧର୍ମରେ ମୃତଦେହକୁ ନା ପୋଡ଼ାଯାଏ ନା କବର ଦିଆଯାଏ। ସମ୍ପ୍ରଦାୟର କେହି ମରିଯିବା ପରେ ମୃତଦେହକୁ ପାହାଡ଼ର ଉଚ୍ଚ ସ୍ଥାନରେ ରଖାଯାଇଥାଏ, ଯାହା 'ଟାୱାର ଅଫ୍ ସାଇଲେନ୍ସ' ନାମରେ ପରିଚିତ। ଏହା ଏକ ଗୋଲାକାର ସ୍ଥାନ ହୋଇଥିବାବେଳେ ମୁକ୍ତ ବାୟୁ ଚଳାଚଳ ଏବଂ ସୂର୍ଯ୍ୟକିରଣ ପଡ଼ିବା ଭଳି ବ୍ୟବସ୍ଥା ଥାଏ। ଫଳରେ ମୃତଦେହ ଶୀଘ୍ର ବିଘଟନ ହୋଇଯାଏ। କେତେକ କ୍ଷେତ୍ରରେ ମାଂସାଶୀ ପକ୍ଷୀ ମୃତଦେହ ଖାଇଯାଆନ୍ତି। ମୁମ୍ବାଇର ମାଲାବାର ହିଲ୍ ଉପରେ ଏକ 'ଟାୱାର ଅଫ୍ ସାଇଲେନ୍ସ' ରହିଛି।। ମୁମ୍ବାଇର ସବୁଠାରୁ ଘଞ୍ଚ ଜଙ୍ଗଲ ଇଲାକା ଭାବେ ପରିଚିତ ଏହି ସ୍ଥାନରେ ଊନବିଂଶ ଶତାବ୍ଦୀରେ ଏହାକୁ ନିର୍ମାଣ କରାଯାଇଥିଲା। ଏଠାକୁ ଯିବା ଲାଗି ଏକ ମାତ୍ର ଲୁହା କବାଟ ରହିଛି। ଏହାର ଉପରିଭାଗ ସମ୍ପୂର୍ଣ୍ଣ ଖୋଲା। ୩୦୦୦ ବର୍ଷ ଧରି ପାର୍ସୀ ସମ୍ପ୍ରଦାୟରେ ଏଭଳି ମୃତଦେହ ସଂସ୍କାର ପରମ୍ପରା ରହିଛି। ପାର୍ସୀମାନେ ପୃଥିବୀ, ଜଳ, ଅଗ୍ନିକୁ ବହୁତ ପବିତ୍ର ମନେକରିଥାନ୍ତି। ତେଣୁ ମୃତଦେହକୁ ମାଟି, ଜଳ ଏବଂ ଅଗ୍ନିଠାରୁ ଦୂରରେ ରଖିଥାନ୍ତି। ସେମାନେ ମୃତଦେହକୁ ଆକାଶ ଏବଂ ଶାଗୁଣା ଉଦ୍ଦେଶ୍ୟରେ ସମର୍ପଣ କରିଦିଅନ୍ତି।

ଅନେକ ଦେଶରେ ମୃତ୍ୟୁପରେ ଜୀବନ ଭିନ୍ନ ରୂପରେ ଫେରିଆସେ ବୋଲି ବିଶ୍ୱାସ ରହିଛି। ତେଣୁ ମେକ୍ସିକୋ, ଶ୍ରୀଲଙ୍କା, ଚାଇନା, ତିବ୍ବତ, ଥାଇଲାଣ୍ଡ ଏବଂ ମିଶରବାସୀ ମୃତଦେହକୁ ଏକ ସ୍ୱତନ୍ତ୍ର ପ୍ରଲେପ ଲଗାଇ କାଠବାକ୍ସ (କଫିନ)ରେ ରଖି କବର ଦେବା ପ୍ରଥା ଆଜି ବି ପ୍ରଚଳିତ। ପ୍ରତ୍ନତାତ୍ତ୍ୱିକ ଖନନରୁ ୩୫୦୦ ବର୍ଷ ପୁରୁଣା ଏଭଳି ମୃତଦେହ ମିଳିବା ପରେ ପ୍ରାଚୀନ କାଳରେ ଏହି ବିଶ୍ୱାସ କେତେ ମହତ୍ତ୍ୱପୂର୍ଣ୍ଣ ଥିଲା ତାହାକୁ ଅନୁମାନ କରାଯାଇପାରେ।




## ଆୱାର୍ଡ ଶୋ'କୁ ଯାଆନ୍ତି ନାହିଁ ଆମିର

**ମୁମ୍ବାଇ:** ବଲିଉଡ ଅଭିନେତା ଆମିର ଖାନ୍ ସୋସିଆଲ ମିଡିଆରୁ ନିଜକୁ ଦୂରେଇ ରଖିଛନ୍ତି। ସେ କୌଣସି ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦିଅନ୍ତି ନାହିଁ। ସେ ବର୍ଷରେ କେବଳ ଗୋଟିଏ ଫିଲ୍ମ କରନ୍ତି ଏବଂ ସେଥିରେ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରନ୍ତି। ଫିଲ୍ମ ହିଟ୍ ପରେ ମଧ୍ୟ ଆମିର ପୁରସ୍କାର ବିତରଣ ଉତ୍ସବରେ ଯୋଗଦିଅନ୍ତି ନାହିଁ। ସେ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ୧୯୯୨ରେ ତିନୋଟି ବଲିଉଡ ଫିଲ୍ମ ଅନିଲ କପୁରଙ୍କ 'ବେଟା', ଅମିତାଭ ବଚ୍ଚନଙ୍କ 'ଶାହେନ୍ସା' ଏବଂ ଆମୀର ଖାନଙ୍କ 'ଜୋ ଜିତା ୱହି ସିକନ୍ଦର' ମୁକ୍ତିଲାଭ କରିଥିଲା। ସମସ୍ତ ତିନୋଟି ଫିଲ୍ମ ସୁପର ହିଟ ହୋଇ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆମିର ଆଶା କରିଥିଲେ ତାଙ୍କ ଫିଲ୍ମ ନିଶ୍ଚେ ପୁରସ୍କାର ପାଇବ। ମାତ୍ର ଫିଲ୍ମଫେୟାର ପକ୍ଷରୁ ଫିଲ୍ମ 'ବେଟା' ପାଇଁ ଅନିଲଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଗଲା। ପରବର୍ତ୍ତୀ ଦୁଇ ବର୍ଷ ଆମିରଙ୍କ ଫିଲ୍ମ ପୁରସ୍କାର ବିତରଣ ଉତ୍ସବରେ ପ୍ରତ୍ୟାଖ୍ୟାନ କରାଗଲା ପରେ ସେ ପୁରସ୍କାର ଉପରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଥିଲେ।

## ଇକୋ ଫ୍ରେଣ୍ଡଲି ବାହାଘର



**ଚେନ୍ନାଇ:** ବିବାହକୁ ସ୍ମରଣୀୟ କରିବା ପାଇଁ କିଏ କେତେ କ'ଣ କରନ୍ତି। କିଏ ଆକାଶରେ ବିବାହ କରେ ତ କିଏ ପାହାଡ଼ରେ। ଆଉ କିଏ ସମୁଦ୍ରରେ ତ କିଏ ଅଜବ ଢଙ୍ଗରେ ବିବାହ କରି ଢେର ଦିନ ଚର୍ଚ୍ଚିତ ହୋଇଥାନ୍ତି। ଠିକ୍ ଏମିତି ଏକ ଇକୋ ଫ୍ରେଣ୍ଡଲି ବିବାହ କରି ଏବେ ଚର୍ଚ୍ଚିତ ହୋଇଛନ୍ତି ଚେନ୍ନାଇର ଆଦିତ୍ୟ ଏବଂ ମାଧୁରୀ। ପରିବେଶ ସୁରକ୍ଷା ନିମନ୍ତେ ଏବେ ଅନେକ ଇକୋ ଫ୍ରେଣ୍ଡଲି ଜିନିଷ ତିଆରି କରାଗଲାଣି; ଯାହାକୁ ବ୍ୟବହାର କରି ଲୋକେ ପରିବେଶ ପ୍ରଦୂଷଣ ରୋକିବାରେ ସକ୍ଷମ ହୋଇପାରୁଛନ୍ତି। ବିବାହ ଦିନ ବର ବେଶରେ ଆଦିତ୍ୟ ଏକ ଇଲେକ୍ଟ୍ରିକ ବାଇକରେ ମାଧୁରୀଙ୍କ ଘରେ ପହଞ୍ଚିଥିଲେ। ବର କନ୍ୟା ପରସ୍ପରକୁ ତୁଳସୀ ମାଳ ପିନ୍ଧାଇଥିଲେ। ଖାଲି ସେତିକି ନୁହେଁ, ବିବାହ ଆୟୋଜନରେ ଅଧିକାଂଶ ଜିନିଷ ଇକୋ ଫ୍ରେଣ୍ଡଲି ଥିଲା। ଯଥାସମ୍ଭବ କମ୍ ପ୍ଲାଷ୍ଟିକ ଜିନିଷ ବ୍ୟବହାର କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ। ବିବାହ ଉତ୍ସବରେ ଯୋଗଦେଇଥିବା ସମସ୍ତ ବନ୍ଧୁ ଓ ସମ୍ପର୍କୀୟଙ୍କୁ ସେମାନେ ଉପହାର ସ୍ୱରୂପ ଗୋଟିଏ ଲେଖାଏ ଗଛ ମଧ୍ୟ ପ୍ରଦାନ କରିଥିଲେ। ଏହି ଯୋଡ଼ିଙ୍କ ବିବାହର ଷ୍ଟାଇଲକୁ ନେଇ ଫଟୋ ସହିତ ଖବରକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ ଆଇଏଏସ ଅଫିସର ସୁପ୍ରିୟା ସାହୁ। ସୋସିଆଲ ମିଡିଆରେ ଏବେ ଏହି ଯୋଡ଼ିଙ୍କର ବିବାହକୁ ନେଇ ଢେର ଚର୍ଚ୍ଚା ହେଉଛି। ଲୋକେ ଏହି ବିବାହକୁ ନେଇ ଏବେ ସୋସିଆଲ ମିଡିଆରେ ପ୍ରଶଂସା କରୁଛନ୍ତି। ବିବାହର ଏହି କ୍ରିଏଟିଭ ଷ୍ଟାଇଲ ଏବେ ଭାଇରାଲ ହେଉଛି।

## ପାଣିଟାଙ୍କି ଉପରେ ଡ୍ୟାନ୍ସ କଲେ ଯୁବକ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ପ୍ରତାପଗଡ଼ ସଦର ତହସିଲ ଗେଟ୍ ନିକଟରେ ଥିବା ଏକ ପାଣିଟାଙ୍କି ଉପରେ ଚଢ଼ି ଜଣେ ଯୁବକ ଏମିତି ଡ୍ୟାନ୍ସ କରିଛନ୍ତି ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୋତବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଟାଙ୍କି ଉପରୁ ଓହ୍ଲାଇଥିଲା। ଏହି ଯୁବକ ଏହା ପୂର୍ବରୁ ଅନେକଥର ପାଣିଟାଙ୍କି ଉପରେ ଚଢ଼ି ହଇରାଣ କରିଛନ୍ତି। କୁହାଯାଉଛି, ନିଶାରେ ଥିବା ଏହି ଯୁବକ ଜଣକ ୫୦ ଫୁଟର ପାଣିଟାଙ୍କି ଉପରକୁ ଚଢ଼ି ଡ୍ୟାନ୍ସ କରିଥିଲେ। ଏହା ଦେଖି ଲୋକେ ଭିଡିଓ କରିବାରେ ଲାଗି ପଡ଼ିଥିଲେ। କେହି ଜଣେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଯୁବକ ଜଣକ ପାଣି ଟାଙ୍କି ଉପରକୁ ଚଢ଼ି ମୋବାଇଲରେ ଗୀତ ବଜାଇ ନାଚୁଛନ୍ତି। ଖବର ପାଇ ପୋଲିସ ଠିକ୍ ସମୟରେ ପହଞ୍ଚିଯିବାରୁ ନିଶାଡ଼ି ଯୁବକଙ୍କ ଜୀବନ ରକ୍ଷା ହୋଇଗଲା। ନଚେତ୍ କ'ଣ ଘଟିଥାନ୍ତା ତାହା କହି ହେଉନାହିଁ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।



OFFICE OF THE PRINCIPAL
TENTULIA SASANDEBASTHAN COLLEGE
At/P.O.: BijayaDhanurjayaPur, Dist. Ganjam, Odisha (PIN-761120)
Tender Notice No.TSD/OHEPEE/01/2021 Date: 31.03.2021
QUOTATION / TENDER CALL NOTICE
Sealed quotations are invited from reputed Authorized Distributors/ Dealers for procurements of Lab. Equipments/CBCS Books/ Projectors (OHP)/Water Purifier/Laser Printer (HP) (All in One)/Convertible Refrigerator/Vacuum Cleaner/Desktop for IDP (World Bank Funding under OHEPEE, Govt. of Odisha). Detailed specifications, terms and conditions, tender paper are available in the OHEPEE link of college website: tsdcollege.in. Last date for submission of quotations/tender is 15 days from the date of publication of the notice.
Sd./- Principal
T.S.D. College, B.D.Pur (Gm)

## ଫୁଟ୍‌ବଲ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା ୧୦୦ ଘଣ୍ଟିଆ ଯୁଦ୍ଧ



ଫୁଟ୍‌ବଲ ମ୍ୟାଚ ପାଇଁ ଅତୀତରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା । ୧୯୭୦ ଫିଫା ବିଶ୍ୱକପ ପାଇଁ ୧୯୬୯ରେ ଏଲ ସାଲଭାଡର ଓ ହଣ୍ଡୁରାସ ମଧ୍ୟରେ ଖେଳାଯାଇଥିଲା ୩ଟି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ। ନିୟମ ଅନୁସାରେ ଦୁଇ ଦେଶ ମଧ୍ୟରେ ଦୁଇଟି ମ୍ୟାଚ ଖେଳାଯିବା କଥା। କିନ୍ତୁ ଷ୍ଟାଡିୟମରେ ହିଂସା କାରଣରୁ ଫଳାଫଳ ପାଇଁ ତୃତୀୟ ମ୍ୟାଚ ଖେଳାଯାଇଥିଲା ୧୯୬୯ ଜୁଲାଇ ୧୪ ତାରିଖରେ। ମ୍ୟାଚ୍‌ଟିକୁ ୩-୨ ବ୍ୟବଧାନରେ ଜିତି ନେଇଥିଲା ଏଲ. ସାଲଭାଡର। ଏହିଠୁ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଆରମ୍ଭ ହୋଇଥିଲା ଯୁଦ୍ଧ। ଏଲ ସାଲଭାଡରଠାରୁ ଆକାରରେ ହଣ୍ଡୁରାସ ୫ ଗୁଣା ବଡ଼ ଦେଶ। ହେଲେ ୧୯୬୯ ସୁଦ୍ଧା ଏଲ ସାଲଭାଡର ଦେଶର ଲୋକ ସଂଖ୍ୟା ଢ଼େର ଅଧିକ ଥାଏ। ଆମେରିକାରର ହସ୍ତକ୍ଷେପ ପରେ ଜୁଲାଇ ୧୮ ତାରିଖରେ ଯୁଦ୍ଧରେ ବିରତି ଲାଗିଥିଲା। ଏଣୁ ଇତିହାସରେ ଏହି ଘଟଣାକୁ ଫୁଟ୍‌ବଲ ଯୁଦ୍ଧ ବା ୧୦୦ ଘଣ୍ଟିଆ ଯୁଦ୍ଧ ବୋଲି ଉଲ୍ଲେଖ କରାଯାଇଛି। ଏହି ଯୁଦ୍ଧରେ ହଣ୍ଡୁରାସର ୨୫୦ ସୈନ୍ୟ ଓ ଦୁଇ ହଜାରରୁ ଅଧିକ ନାଗରିକ ପ୍ରାଣ ହରାଇଥିବା ବେଳେ ଏଲ ସାଲଭାଡରର ୯୦୦ ନାଗରିକଙ୍କ ଜୀବନ ଯାଇଥିଲା।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

SMS JOB
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧାର କେତେକ ସ୍ଥାନ ଏବଂ ଜଗତସିଂହପୁର, ପୁରୀ, ଗଜପତି, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟର ଗୋଟିଏ ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଶନିବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୭ | ୨୬.୧ |
| ଚାନ୍ଦବାଲି | ୩୬.୨ | ୨୫.୦ |
| କଟକ | ୩୭.୪ | ୨୫.୨ |
| ପାରାଦୀପ | ୩୨.୬ | ୨୬.୮ |
| ଭୁବନେଶ୍ୱର | ୩୮.୨ | ୨୫.୫ |
| ଗୋପାଳପୁର | ୩୪.୦ | ୨୬.୯ |
| ପୁରୀ | ୩୨.୮ | ୨୭.୫ |
| ଅନୁଗୋଳ | ୩୯.୧ | ୨୪.୬ |
| ବାରିପଦା | ୪୦.୦ | ୨୪.୦ |
| ଝାରସୁଗୁଡ଼ା | ୪୧.୦ | ୨୦.୫ |
| କେନ୍ଦୁଝର | ୩୮.୨ | ୨୩.୦ |
| ସମ୍ବଲପୁର | ୪୧.୬ | ୨୨.୦ |
| ସୁନ୍ଦରଗଡ଼ | ୪୧.୦ | ୨୩.୦ |
| ହୀରାକୁଦ | ୪୦.୫ | ୨୨.୨ |
| ତାଳଚେର | ୪୧.୫ | ୨୪.୦ |
| ଭବାନୀପାଟଣା | ୪୦.୫ | ୨୨.୦ |
| ବଲାଙ୍ଗୀର | --- | ୨୩.୦ |
| କୋରାପୁଟ | ୩୭.୨ | ୨୦.୬ |
| ଫୁଲବାଣୀ | ୩୯.୪ | ୧୮.୫ |
| ଟିଟିଲାଗଡ଼ | ୪୧.୨ | ୨୪.୮ |
| ମାଲକାନଗିରି | ୪୨.୦ | ୨୩.୦ |
| ସୋନପୁର | ୩୯.୮ | ୨୨.୫ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |
| ନୟାଗଡ଼ | ୩୮.୦ | ୨୩.୫ |
| ବୌଦ୍ଧ | --- | ୨୦.୦ |
| ଛତ୍ରପୁର | ୩୩.୦ | ୨୫.୦ |
| ପାରଳାଖେମୁଣ୍ଡି | ୩୫.୦ | ୨୧.୫ |
| ରାୟଗଡ଼ା | --- | ୨୧.୨ |

ଡିଗ୍ରୀ ସେଲ୍‌ସିୟସ୍

## ଚତୁର୍ଥୀ ରାତିରେ ଜଣାପଡ଼ିଲା ସ୍ତ୍ରୀ କିନ୍ନର

**ଭୋପାଳ:** ମଧ୍ୟପ୍ରଦେଶର ଶିବପୁରୀରେ ଶ୍ୱଶୁର ଘର ନାଁରେ ବିବାହ ପ୍ରତାରଣା ଅଭିଯୋଗ ଆଣିଛନ୍ତି ଜଣେ ବ୍ୟକ୍ତି। ଅଭିଯୋଗ ଅନୁଯାୟୀ ସେ ବିବାହ କରିଥିବା ଝିଅ ଜଣେ କିନ୍ନର। ଚତୁର୍ଥୀ ରାତିରେ ଏ ବିଷୟରେ ସେ ଜାଣି ପାରିଥିଲେ ଓ ରାତି ୧୨ଟାରେ ଶ୍ୱଶୁରଙ୍କୁ ଫୋନ କରି ଜଣାଇଥିଲେ। ସୂଚନାଯୋଗ୍ୟ, ଶିବପୁରୀର ଭାବଖେଡି ଗାଁର ପର୍ଙ୍ଖି ଜାଟବ ଏସପି କାର୍ଯ୍ୟାଳୟରେ ଅଭିଯୋଗ କରିବାବେଳେ କହିଥିଲେ, ଚତୁର୍ଥୀ ପରଦିନ ସେ ସ୍ତ୍ରୀଙ୍କୁ ଡାକ୍ତରଖାନା ନେଇ ପରୀକ୍ଷା କରାଇଥିଲେ। ତାଙ୍କର ମହିଳା ଭଳି କୌଣସି ଲକ୍ଷଣ ନ ଥିବା ଡାକ୍ତର କହିବା ପରେ ପର୍ଙ୍ଖି ତାଙ୍କ ଶାଶୁ ଓ ସ୍ତ୍ରୀ ମନୀଷାଙ୍କ ବିରୋଧରେ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଜ୍ୟୋତିର୍ମୟୀ ଭୂତିଆ**
ସ୍ୱାମୀ: ଶତ୍ରୁଘ୍ନ ଭୂତିଆ
ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଉତ୍ତର ମଧୁବନ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୧।୦୧।୧୯୪୯
ତିରୋଧାନ: ୨୪।୦୩।୨୦୨୧
ଆମର ମାତୃଦେବୀଙ୍କ ପରଲୋକ ଗମନରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ତାଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ସେ ଯେଉଁଠି ଥାଆନ୍ତୁ, ଭଲରେ ଥାଆନ୍ତୁ ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମର ପ୍ରାର୍ଥନା।
**-:ଶୋକସନ୍ତପ୍ତ:-**
ସ୍ୱାମୀ: ଶତ୍ରୁଘ୍ନ, ପୁତ୍ର: ବାବୁଲି, ବୁଲୁ, କନ୍ୟା: ରୀନା, ଲିଲି, ଡଲି, ପୁତ୍ରବଧୂ: ଲିପା, ନିବେଦିତା, ଜ୍ୱାଇଁ: ଭାଗୀରଥି, ସୁନୀଲ, ଭରତ ଏବଂ ଭୂତିଆ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୧୮

**ଏକାଦଶାହ ଉପଲକ୍ଷେ**



**୰ଗୋପୀନାଥ ପାଢଶାଣୀ**
ଆବିର୍ଭାବ: ୧୩।୦୩।୧୯୩୦
ତିରୋଧାନ: ୨୪।୦୩।୨୦୨୧
ଅତୀତର ଦିନ କେତେ ଯେ ସୁନ୍ଦର
କେତେ ଯେ ସଂଘର୍ଷମୟ
ଦିନ ଚାଲିଗଲା କଥା ରହିଗଲା
ହଜିଗଲା ଆମ ପରିଚୟ।
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୭୦୩୮୨

# ସଫଳତା ଦୋହରାଇବା ଲକ୍ଷ୍ୟରେ କୋଲକାତା

କୋଲକାତା,୨।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା କୋଲକାତା ନାଇଟ ରାଇଡର୍ସ (କେକେଆର) ଏଥର ପୁରୁଣା ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ଗୌତମ ଗମ୍ଭୀର ଦଳ ଛାଡିବା ପରେ କୋଲକାତା ତା'ର ପୁରୁଣା ଯାଦୁ ହରାଇଥିଲା। ସବୁ ବିଭାଗରେ କୋଲକାତା ସଂଘର୍ଷ କରୁଥିବା ଦେଖାଯାଇଥିଲା। ଓପନିଂ କମ୍ବିନେଶନ, ମିଡିଲ ଅର୍ଡର ଓ ଜଣେ ଫିନିଶର ଖୋଜିପାଇବାରେ କୋଲକାତା ଏ ପର୍ଯ୍ୟନ୍ତ ତା'ର ସଂଘର୍ଷ ଜାରି ରଖିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିବା ଗତ ସଂସ୍କରଣରେ ଦଳ ସ୍ଥିର ପ୍ରଦର୍ଶନ କରିପାରି ନ ଥିଲା। ଲିଗ୍ ମଝିରେ ନେତୃତ୍ୱ ପରିବର୍ତ୍ତନ ମଧ୍ୟ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

ସମ୍ପୂର୍ଣ୍ଣ ଭାବେ ଫିଟ୍ ନ ଥିବା ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ନାରିନଙ୍କ ବୋଲିଂ ଆକ୍ସନ ନେଇ ଏକାଧିକବାର ଅଭିଯୋଗ ଉଠିଥିଲା। କୋଲକାତା କ୍ରମାଗତ ଦ୍ୱିତୀୟଥର ପାଇଁ ପ୍ଲେଅଫ୍‌ରେ ପ୍ରବେଶ କରିପାରି ନ ଥିଲା। ଏଥର ଏପ୍ରିଲ ୧୧ରେ କୋଲକାତା ଚେନ୍ନାଇରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରୁ ଅଭିଯୋଗ ଆରମ୍ଭ କରିବ।

## କୋଲକାତାର ସବଳତା

ଇଂଲଣ୍ଡ ସୀମିତ ଓଭର ଅଧିନାୟକ ଇଅନ ମୋର୍ଗାନ ଫୁଲ୍ ଟାଇମ ଅଧିନାୟକ ନିଯୁକ୍ତ ହେବା ଦଳ ପାଇଁ ଏକ ବଡ଼ ଶକ୍ତିସଦୃଶ ହେବ। ମୋର୍ଗାନ ଜଣେ ବିଚକ୍ଷଣ ହ୍ୱାଇଟ ବଲ୍ ଅଧିନାୟକ ହୋଇଥିବାରୁ କୋଲକାତା ଫାଇଦାରେ ରହିବ। ଗତ ସଂସ୍କରଣରେ ୭ଟି ମ୍ୟାଚ୍ ପରେ ମୋର୍ଗାନ ନେତୃତ୍ୱ ନେଇଥିଲେ। ବାମହାତୀ ମୋର୍ଗାନ ୧୪ଟି ଇନିଂସରୁ ୪୧.୮୦ ରନ ହାରରେ ୪୧୮ ରନ ସଂଗ୍ରହ କରିଥିଲେ। ସେ ସର୍ବାଧିକ ୨୪ଟି ଛକା ମାରିଥିଲେ। ଖରାପ ପ୍ରଦର୍ଶନ ସତ୍ତ୍ୱେ ୧୭ଜଣ କୋର ଖେଳାଳିଙ୍କୁ ବଜାୟ ରଖି କୋଲକାତା ନିଜ ଚତୁରତାର ପରିଚୟ ଦେଇଥିଲା। ପୁଣି ବାଂଲାଦେଶ ଅଲରାଉଣ୍ଡର ସାକିବ ଅଲ ହାସନ ଓ ୨୦୧୬ ଆଇପିଏଲ୍ ଫାଇନାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବେନ୍ କଟିଂଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରି ବେଶ୍ ସଫଳତା ହାସଲ କରିଥିବା ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଦଳରେ ରହିଛନ୍ତି।




## ଦୁର୍ବଳତା

ଏକଦା ସ୍ପିନ୍ ବିଭାଗ ଦଳରେ ଶକ୍ତି ହୋଇ ରହିଆସିଥିଲା। ତେବେ ଏହା ଏବେ ଦଳର ଦୁର୍ବଳତା ବନିଯାଇଛି। ବାମହାତୀ ସ୍ପିନର କୁଲଦୀପ ଯାଦବ ଇଂଲଣ୍ଡ ବିପକ୍ଷ ୫ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଉଇକେଟ ହାସଲ କରି ବିଫଳ ହୋଇଛନ୍ତି। ବିସ୍ମୟ ସ୍ପିନର ସୁନୀଲ ନାରିନଙ୍କ ବୋଲିଂ ଆକ୍ସନ ଦଳ ପାଇଁ ପୁଣି ଥରେ ବିବାଦ ସୃଷ୍ଟି କରିବ। କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଫାଇନାଲରେ ସେ ଚକିଂ କରୁଥିବାର ଅଭିଯୋଗ ହୋଇଥିଲା । ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଫିଟ୍‌ନେସକୁ ନେଇ ଆଶଙ୍କା ଦେଖାଦେଇଛି।

## ସୁଯୋଗ

ଗତ ସଂସ୍କରଣରେ ନେତୃତ୍ୱରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିବା ଦୀନେଶ କାର୍ତ୍ତିକ ଏଥର ନିଜ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ। ଦିଲ୍ଲୀ ଓ ଚେନ୍ନାଇ ଟ୍ରାକ୍‌ରେ ସ୍ପିନରଙ୍କୁ ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏପରିସ୍ଥଳେ ଅଭିଜ୍ଞ ହରଭଜନ ସିଂ ଓ ସାକିବ ଅଲ ହାସନ ପୁଣି ଥରେ ଦମ୍ ଦେଖାଇବାର ସୁଯୋଗ ପାଇବେ। ନବାଗତ ମଧ୍ୟପ୍ରଦେଶ ବ୍ୟାଟ୍ସମ୍ୟାନ ଭେଙ୍କଟେଶ ଆୟାର ଓ ହିମାଚଳ ପ୍ରଦେଶ ମିଡିୟମ ପେସର ବୈଭବ ଆରୋରା ଦଳରେ ସାମିଲ ହୋଇଛନ୍ତି। ଏହି ଦୁଇ ଖେଳାଳି ବିଜୟ ହଜାରେ ଟ୍ରଫିରେ ଭଲ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଏଥର ଆଇପିଏଲ୍‌ରେ କମାଲ କରିବେ ବୋଲି ଆଶା କରାଯାଉଛି।

ଓପନର ଶୁବମନ ଗିଲ ଏଥର ଦଳକୁ ଭଲ ଆରମ୍ଭ ପ୍ରଦାନ କରିବେ ଓ ଖାସ କରି ପାୱାର ପ୍ଲେରେ ସେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବା ଆଶା କରାଯାଉଛି। ଶୁବମନ ପୂର୍ବରୁ ଅଧିକ ବଲ୍ ବ୍ୟୟ କରୁଥିଲେ ଓ ଏହା ଫଳରେ ମିଡ୍‌ଲ ଅର୍ଡରରେ ଚାପ ସୃଷ୍ଟି ହେଉଥିଲା।

**କୋଲକାତା ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଶୁବମନ ଗିଲ, ନୀତୀଶ ରାଣା, ଟିମ୍ ସିଫର୍ଟ, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, କୁଲଦୀପ ଯାଦବ, ଶିବମ ମାଭି, ଲୋକି ଫର୍ଗୁଶନ, ପ୍ୟାଟ୍ କୁମିନ୍ସ, କମଲେଶ ନାଗରକୋଟି, ସନ୍ଦୀପ ୱାରିୟର, ପ୍ରସିଦ୍ଧ କ୍ରିଷ୍ଣା, ରାହୁଲ ତ୍ରିପାଠୀ, ବରୁଣ ଚକ୍ରବର୍ତ୍ତୀ, ସାକିବ ଅଲ ହାସନ, ଶେଲଡନ ଜ୍ୟାକଶନ, ବୈଭବ ଆରୋରା, ହରଭଜନ ସିଂ, କରୁନା ନାୟାର, ବେନ୍ କଟିଂ, ଭେଙ୍କଟେଶ ଆୟାର ଓ ପବନ ନେଗୀ।

# ଷ୍ଟ୍ରାଇକର୍ସ ଓ ଆଭେଞ୍ଜର୍ସ ସେମିଫାଇନାଲରେ



ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ୍ ମ୍ୟାଚ୍।

**ଭୁବନେଶ୍ୱର, ୨।୪ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ଚାଲିଥିବା ୫ମ ମଦର୍ସ ବାସ୍କେଟବଲ ଲିଗ୍ ବାଳକ ବିଭାଗ କ୍ୱାର୍ଟରଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ୱାରିୟର୍ସ ଓ ଷ୍ଟ୍ରାଇକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଷ୍ଟ୍ରାଇକର୍ସ ଦଳ ଏହି ମ୍ୟାଚ ୭୭-୬୫ ପଏଣ୍ଟରେ ଜିତିଥିଲା। ଷ୍ଟ୍ରାଇକର୍ସ ଦଳର ଟପ୍ ସ୍କୋରର ମହେଶ ପଣ୍ଡା ୨୦ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ଆଭେଞ୍ଜର୍ସ ଓ ୟଙ୍ଗଷ୍ଟର୍ସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଆଭେଞ୍ଜର୍ସ ୫୯-୫୫ ପଏଣ୍ଟରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ଟପ୍ ସ୍କୋରର ଆଦିତ୍ୟ ପ୍ରକାଶ ୨୦ ପଏଣ୍ଟ ସ୍କୋର କରିଥିଲେ। ଉଭୟ ବାଳକ ଓ ବାଳିକା ବିଭାଗ ସେମିଫାଇନାଲ ଶନିବାର ଖେଳାଯିବ।

# ରୋନାଲ୍ଡୋଙ୍କ ଆର୍ମବ୍ୟାଣ୍ଡ ନିଲାମ

**ବେଲଗ୍ରେଡ୍, ୨।୪ (ଏପି):** ଗତ ସପ୍ତାହରେ ବେଲଗ୍ରେଡ୍‌ରେ ପର୍ତ୍ତୁଗାଲ୍‌ର ସର୍ବିୟା ବିପକ୍ଷ ଏକ ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚରେ କ୍ରିଷ୍ଟିଆନୋ ରୋନାଲ୍ଡୋ ପିନ୍ଧିଥିବା ଅଧିନାୟକ ଆର୍ମବ୍ୟାଣ୍ଡ ବହୁ ମୂଲ୍ୟରେ ନିଲାମ ହୋଇଛି। ସର୍ବିୟାର ଏକ ଚ୍ୟାରିଟି ସଂସ୍ଥା ତରଫରୁ କରାଯାଇଥିବା ନିଲାମରେ ଜଣେ ଅଜଣା ବ୍ୟକ୍ତି ୬୪,୦୦୦ ୟୁରୋ(୭୫,୦୦୦ ଡଲାର) ବିନିମୟରେ ଏହାକୁ କ୍ରୟ କରିଛି। ସ୍ପାଇନାଲ ମସ୍କୁଲାର ଆଟ୍ରୋଫିରେ ପୀଡ଼ିତ ଜଣେ ୬ ବର୍ଷୀୟ ବାଳକର ଚିକିତ୍ସା ପାଇଁ ଅର୍ଥ ସଂଗ୍ରହ ପାଇଁ ଅନଲାଇନ୍‌ରେ ବିଡ୍ ଆହ୍ୱାନ କରାଯାଇଥିଲା। ପର୍ତ୍ତୁଗାଲ-ସର୍ବିୟା ମ୍ୟାଚ ଗତ ଶନିବାର ଖେଳାଯାଇଥିଲା। ଏହି ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ମ୍ୟାଚର ଇଞ୍ଜୁରି ଟାଇମ୍‌ରେ ରୋନାଲ୍ଡୋଙ୍କର ଏକ ଗୋଲ୍‌କୁ ନାକଚ କରିଦେବାରୁ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ।

# ତିନି ବିଭାଗ ସେମିରେ ପ୍ରମୋଦ



ଭୁବନେଶ୍ୱର, ୨।୪ (କ୍ରୀଡ଼ା ପ୍ରତିନିଧି)

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ତିନୋଟି ବିଭାଗ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ଇଣ୍ଡୋନେସିଆର ଉକୁନ ରୁକାଏଣ୍ଡିଙ୍କୁ ୨୧-୧୬, ୨୧-୧୩ରେ ହରାଇଛନ୍ତି। ଶନିବାର ସେମିରେ ସେ ମାଲେସିଆର ମହମ୍ମଦ ଅବଦୁଲ ମାଲେକ ହୁଜାଇରିଙ୍କୁ ଭେଟିବେ। ସେହିପରି ଦୀପ ରଞ୍ଜନଙ୍କୁ ସାଥିକରି ଡବଲ୍ସ ସେମିଫାଇନାଲରେ ପ୍ରବେଶ କରି ସାରିଥିବା ପ୍ରମୋଦ ମିକ୍ସଡ ଡବଲ୍ସ ସେମିରେ ମଧ୍ୟ ପହଞ୍ଚିଛନ୍ତି। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ପ୍ରମୋଦ-ପଲକ କୋହଲି ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ମନଦୀପ କୌର ଓ ଚିରାଗ ବାରେଥାଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଶନିବାର ସେମିଫାଇନାଲରେ ପ୍ରମୋଦ-ପଲକ ଯୋଡ଼ି ଫ୍ରାନ୍ସର ଲୁକାସ ମାଜୁର ଓ ନୋଏଲ ଫଷ୍ଟିନଙ୍କୁ ଭେଟିବେ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ସ୍ଥଗିତ

ଲାଉସାନେ (ସୁଇଜରଲାଣ୍ଡ), ୨।୪ (ଏପି)

ଆଉ ୪ ମାସ ପରେ ଚାଇନାରେ ହେବାକୁ ଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସକୁ ଆସନ୍ତାବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍ଆଇଏସ୍‌ୟୁ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। କୋଭିଡ୍ ପାଇଁ ବର୍ତ୍ତମାନ ଯାତାୟାତ କଟକଣା ରହିଥିବାରୁ ଚାଇନାର ଅଫିସିଆଲଙ୍କ ସହ ଆଲୋଚନା ପରେ ମିଳିତ ଭାବେ ଏହି ନିଷ୍ପତ୍ତି ନିଆଯାଇଛି। ଟୋକିଓ ଅଲିମ୍ପିକ୍ସ ଶେଷ ହେବା ପରେ ୱେଷ୍ଟର୍ନ ଚାଇନା ଅନ୍ତର୍ଗତ ଚେଙ୍ଗ୍‌ଡୁଠାରେ ଅଗଷ୍ଟ ୧୮ରୁ ଆରମ୍ଭ ହେବାକୁ ଥିବା ଏହି ବହୁବିଧ କ୍ରୀଡ଼ା ଇଭେଣ୍ଟରେ ପ୍ରାୟ ୮,୦୦୦ ଆଥଲେଟ ଭାଗ ନେଇଥାନ୍ତେ। ଏହି ଇଭେଣ୍ଟ ପୁଣି କେବେ ହେବ ତାହା ସ୍ଥିର କରାଯାଇ ନାହିଁ। ଦେଶ ଅନ୍ୟ ଦୁଇଟି ବହୁବିଧ କ୍ରୀଡ଼ା ଇଭେଣ୍ଟର ଆୟୋଜକ ହୋଇଛି।

# ନଟରାଜନଙ୍କୁ ମିଳିଲା ଥର୍ ଏସ୍‌ୟୁଭି ଗାଡ଼ି

ନୂଆଦିଲ୍ଲୀ,୨।୪

**ପ୍ରତିଶ୍ରୁତି ରକ୍ଷା କଲେ ଆନନ୍ଦ ମହିନ୍ଦ୍ରା**

ମହିନ୍ଦ୍ରା ଗ୍ରୁପ୍ ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା ଶେଷରେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ଗତ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ୨-୧ରେ ଟେଷ୍ଟ ସିରିଜ ଜିତିଥିଲା। ଏହି ସିରିଜ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଟି. ନଟରାଜନଙ୍କ ସମେତ ୬ଜଣ କ୍ରିକେଟରଙ୍କୁ ଉପହାର ସ୍ୱରୂପ ଥର ଏସ୍‌ୟୁଭି ଗାଡ଼ି ପ୍ରଦାନ କରିବାକୁ ଆନନ୍ଦ ଘୋଷଣା କରିଥିଲେ। ଏବେ ନଟରାଜନଙ୍କୁ ଏହି ଉପହାର ମିଳିଛି। ଏହି ଗସ୍ତରେ ନେଟ୍ ବୋଲର ଭାବେ ଗସ୍ତ କରିଥିବା ନଟରାଜନ କିନ୍ତୁ ସବୁ ଫର୍ମାଟରେ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ ଓ ନିଜର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆହତ ହେବା ଫଳରେ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା।



ଥର ଏସ୍‌ୟୁଭି ଗାଡ଼ି ସହ ଟି. ନଟରାଜନ।

ନଟରାଜନଙ୍କ ସମେତ ଶାର୍ଦ୍ଦୁଳ ଠାକୁର, ଶୁବମନ ଗିଲ, ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର ଓ ନବଦୀପ ସଇନିଙ୍କ ପ୍ରଦର୍ଶନରେ ପ୍ରଭାବିତ ହୋଇ ଆନନ୍ଦ ସେତେବେଳେ ଏମାନଙ୍କୁ ଏହି ଏସ୍‌ୟୁଭି କାର ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ଏହି ଉପହାର ପାଇବା ପରେ ନଟରାଜନ ସୋସିଆଲ ମିଡିଆରେ ଆନନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ନଟରାଜନ ମଧ୍ୟ ମହିନ୍ଦ୍ରାଙ୍କୁ ପ୍ରତିଉପହାର ସ୍ୱରୂପ ଗାବା ଟେଷ୍ଟର ଏକ ଜର୍ସି ପ୍ରଦାନ କରିଛନ୍ତି। ସୋସିଆଲ ମିଡିଆରେ ନଟରାଜନ ଏ ନେଇ ଏକାଧିକ ଫଟୋ ଅପ୍‌ଲୋଡ କରିଛନ୍ତି। ଦେଶ ପାଇଁ ଖେଳିବା ସବୁଠାରୁ ଗର୍ବ ଓ ଗୌରବର ବିଷୟ ବୋଲି ୨୯ ବର୍ଷୀୟ ନଟରାଜନ ଉଲ୍ଲେଖ କରିଛନ୍ତି।

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣରେ ନଟରାଜନ ନିଜ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳି ସେ ଡେଥ୍ ଓଭରରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅଷ୍ଟ୍ରେଲିଆ ଗସ୍ତରେ ସେ ପ୍ରଥମ ଖେଳାଳିଭାବେ ୩ଟି ଫର୍ମାଟ୍‌ରେ ଡେବ୍ୟୁ କରିଥିଲେ। ଗାବାରେ ଖେଳାଯାଇଥିବା ଚତୁର୍ଥ ଓ ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ମାର୍ନସ ଲାବୁସେନ ଓ ମାଥ୍ୟୁ ୱେଡଙ୍କ ଉଇକେଟ ଅକ୍ତିଆର କରି ଦଳକୁ ସୁବିଧାଜନକ ସ୍ଥିତିକୁ ନେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଦ୍ୱିତୀୟ ଇନିଂସରେ ରନ୍ ଚେଜ୍ କରି ବିଜୟୀ ହୋଇଥିଲା। ଗାବାରେ ଏଥିସହିତ ଅଷ୍ଟ୍ରେଲିଆ ୩୨ ବର୍ଷ ପରେ ପ୍ରଥମ ପରାଜୟ ବରଣ କରିଥିଲା।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୭ ରୌପ୍ୟ, ୧୩ ବ୍ରୋଞ୍ଜ




ଅତିଥିଙ୍କ ଗହଣରେ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)

**ଜାତୀୟ ପେନ୍‌ଚାକ୍ ସିଲାକ ଚାମ୍ପିୟନଶିପ୍**

ଗତ ମାର୍ଚ୍ଚ ୨୪ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଶ୍ରୀନଗରଠାରେ ଅନୁଷ୍ଠିତ ଜାତୀୟ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଆକର୍ଷଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୭ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୩୦ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ହେଲେ ଶ୍ରୀମୟୀ ପାତ୍ର ଓ ନନ୍ଦିତା ଠାକୁର। ସେହିପରି କୁନାଲ ବେହେରା, ମୁକ୍ତା ହୋତା, ଆଶୁତୋଷ ପୂଜାରୀ, ସୌର୍ଯ୍ୟ ପ୍ରତାପ ସିଂ ଚଣ୍ଡେଲ, କୁନ୍ଦ ମାଝି, ହିମାଂଶୁ ପଟ୍ଟନାୟକ ରୌପ୍ୟ ଏବଂ ଅନିଷ ଶର୍ମା, ଅଂଶୁମାନ ବେହେରା, ତେଜସ୍ୱିନୀ ପୂଜାରୀ, ପିଙ୍କି ହରିଜନ, ସୁହାନି କରଜୀ, ରୋଷନ ସାହୁ, ସନ୍ତୋଷ ସାହୁ, ବିଥଲ ମିଶ୍ର, ତାନୀୟା ଠାକୁର, ତପସ୍ୱିନୀ ନାୟକ, ସୌର୍ଯ୍ୟ ପ୍ରତାପ ସିଂ ଚଣ୍ଡେଲ, ଯୋଗେଶ୍ୱର ବେହେରା ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ କୋଚ୍ ପ୍ରେମ ସିଂ ଥାପା ଓ ଟିମ୍ ମ୍ୟାନେଜର ବିଶ୍ୱନାଥ ଭୋମିକଙ୍କ ତତ୍ତ୍ୱାବଧାନରେ ଏମାନେ ଭାଗ ନେଇଥିଲେ। କୃତୀ ଓଡ଼ିଆ ପ୍ରତିଯୋଗୀଙ୍କୁ ଓଡ଼ିଶା ପେନ୍‌ଚାକ୍ ପେଞ୍ଚକ ସିଲାଟ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ନିମପୁର-ପାରାମାଉଣ୍ଟ ଫାଇନାଲ



ମହମ୍ମଦ ଡାନିଶ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)

**ପ୍ରାଚୀ ମେମୋରିଆଲ କ୍ରିକେଟ**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିବ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂକୁ ୩ ଉଇକେଟରେ ହରାଇ ନିମପୁର ଦଳ ଟାଇଟଲ ମୁକାବିଲାରେ ପହଞ୍ଚିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୩୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ କରିଥିଲା। ବିନାୟକ ସାହୁ ୩୪, ସ୍ମୃତି ମହାପାତ୍ର ୨୬ ଓ ନଦୀମ ଖାଁ ୨୦ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିଶ ଓ ଭକ୍ତିସାଗର ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୪୬ ରନର ବିଜୟ ଲକ୍ଷ୍ୟକୁ ନିମପୁର ଦଳ ୨୮.୩ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ମହମ୍ମଦ ଡାନିଶ ୨୮ ରନରେ ଅପରାଜିତ ରହିଥିବାବେଳେ ଭକ୍ତିସାଗର ୨୭ ଓ ସ୍ୱାଧୀନ କୁମାର ପାତ୍ର ୨୩ ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂର ଆଦିତ୍ୟ ରାୟ ୩ଟି ଓ ରାକେଶ ସାହୁ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ନିମପୁରର ମହମ୍ମଦ ଡାନିଶ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ରଣଜିତ ମହାରଣା ଓ ଅଜୟ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ କୁମାର ଜେନା ଓ ରଣଜୀ ଟ୍ରଫି ଖେଳାଳି ବସନ୍ତ ମହାନ୍ତି ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବାହ୍ନରେ ସିନିୟର ଓସିଏ ଅମ୍ପାୟର ବିବେକାନନ୍ଦ ମିଶ୍ର, ଜିସିପି କଲେଜ ପ୍ରିନ୍ସିପାଲ ମନମୋହନ ରାଉତ ଓ ପୂର୍ବତନ କ୍ରିକେଟର ଓମ୍ ବିକାଶ ନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୭ ଉଇକେଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା।

# ପ୍ରଥମଥର ଇନ୍‌ଡୋରରେ ଖୋ ଖୋ

ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)

- କିଟ୍‌ରେ ଶୁକ୍ରବାରଠାରୁ ଶିବିର ଆରମ୍ଭ
- ୧୮ ଜଣିଆ ବାଳିକା ଓ ବାଳକ ଦଳର ଅଂଶଗ୍ରହଣ

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଏକ ଖୋ ଖୋ ପ୍ରସ୍ତୁତି ଶିବିର କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଉପ ସଚିବ ଶୈଳେନ୍ଦ୍ର କୁମାର ଜେନା, ଅନୁଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣି, କ୍ରୀଡ଼ା ଉନ୍ନୟନ ବରିଷ୍ଠ ପରାମର୍ଶଦାତା ମନୀଷ କୁମାର, ହାଇପରଫରମାନ୍ସ ସେଣ୍ଟରର ବରିଷ୍ଠ ପରାମର୍ଶଦାତା ଲ୍ୟୁଟନାଣ୍ଟ କଲୋନେଲ ଏ. ରାଜେଶ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଏବଂ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ଓଡ଼ିଶାରେ ପ୍ରଥମଥର ପାଇଁ ଏକ ଇନ୍‌ଡୋର ଷ୍ଟାଡିୟମରେ ଖୋ ଖୋ ଖେଳାଯିବ। ଚଳିତ ବର୍ଷ ହେବାକୁଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସମେତ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଏଠାରେ ଖେଳାଳିମାନଙ୍କୁ ଏକମାସ ଧରି ପ୍ରଶିକ୍ଷଣ ଦିଆଯାଉଛି। ୧୮ ବାଳିକା ଓ ୧୮ ବାଳକ ସମେତ ଜଣେ ଲେଖାଏ ମହିଳା ଓ ପୁରୁଷ କୋଚ୍ ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। କିଟ୍ ପକ୍ଷରୁ ଉପଲବ୍ଧ କରାଯାଇଥିବା ଭିତ୍ତିଭୂମି ଏବଂ ସୁବିଧା ସୁଯୋଗରେ ସମସ୍ତ ଖେଳାଳି, କୋଚ୍ ଏବଂ ଅଫିସିଆଲମାନେ ଖୁସି ଜାହିର କରିଛନ୍ତି। ଖୋ ଖୋ ଖେଳର ବିକାଶ ପାଇଁ ସହଯୋଗର ହାତ ବଢ଼ାଇଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି। ବହୁତ କମ୍ ସମୟ ମଧ୍ୟରେ ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିବାରୁ କିଟ୍‌ର କର୍ମକର୍ତ୍ତାମାନଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ ବୋଲି ରାଜେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି।



କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ବାଳିକା ଓ ବାଳକ ଦଳର ଖେଳାଳିମାନେ ଅତିଥିଙ୍କ ସହ।

# ସୋହିନୀଙ୍କୁ ଦ୍ୱିମୁକୁଟ

## ସୁପର ସିରିଜ ଟେନିସ

**ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)**

ଏକ ଜାତୀୟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରି ପ୍ରଥମ ଓଡ଼ିଆ ଭାବେ ନିକଟରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିବା ଓଡ଼ିଶାର ଟେନିସ ପ୍ରତିଭା ସୋହିନୀ ମହାନ୍ତି ଏବେ ସଫଳତା ପର୍ଦ୍ଧକୁ ଆଗକୁ ବଢ଼ିଛନ୍ତି। ଅହମଦାବାଦର ଆଲେକଜାଣ୍ଡର ୱାସ୍‌କେ ଟେନିସ ଏକାଡେମୀରେ ଅନୁଷ୍ଠିତ ସୁପର ସିରିଜ ଇଭେଣ୍ଟର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସେ ଦ୍ୱିମୁକୁଟ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ହାଇଦ୍ରାବାଦର ବଂଶିକା ମାରିଆ ଭେଜ ବସନ୍ତଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ଗୁଜରାଟର ଆଭାନୀ ସୁଜିତ ଚିତାଲେ ଥିଲେ ସୋହିନୀଙ୍କର ଡବଲ୍ସ ପାର୍ଟନର। ଫାଇନାଲରେ ସୋହିନୀ-ଆଭାନୀ ଗୁଜରାଟ ଯୋଡ଼ି ପ୍ରାର୍ଥନା ସୋଲାଙ୍କି ଓ ପ୍ରିୟଙ୍କା ସଞ୍ଜୟ ରାଣାଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଡବଲ୍ସ ଟାଇଟଲ ଜିତିଥିଲେ।



ଟ୍ରଫି ସହ ସୋହିନୀ ମହାନ୍ତି।

ସୋହିନୀ ପଟିଆସ୍ଥିତ ଫରହାନ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ପ୍ରକାଶଯୋଗ୍ୟ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ରୀ ୧୨ ବର୍ଷୀୟା ସୋହିନୀ ଗତ ମାର୍ଚ୍ଚରେ ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ଟେନିସ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବିଭାଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲ ଖେଳି ଇତିହାସ ରଚିଥିଲେ। ଉଭୟ ବିଭାଗରେ ସେ ରନର୍ସଅପ୍ ହୋଇଥିଲେ ହେଁ ପ୍ରଥମ ଓଡ଼ିଆଭାବେ କୌଣସି ଜାତୀୟ ଟେନିସ ଇଭେଣ୍ଟ ଫାଇନାଲ ଖେଳିବାର ଗୌରବ ଅର୍ଜନ କରିଥିଲେ। ଜାତୀୟ ର୍‍ୟାଙ୍କ୍‌ର ୫୧ତମ ସ୍ଥାନରେ ଥିବା ସୋହିନୀ ଫାଇନାଲରେ ପ୍ରବେଶ ପଥରେ ଭାରତର ୨ ଓ ୬ ନମ୍ବର ଖେଳାଳିଙ୍କୁ ପରାସ୍ତ କରିଥିଲେ। ବୟସ ମାତ୍ର ୧୨ ହୋଇଥିଲେ ହେଁ ସୋହିନୀ ଇତିମଧ୍ୟରେ ୫୯ରୁ ଊର୍ଦ୍ଧ୍ୱ ଅଲ୍ ଇଣ୍ଡିଆ ଟାଇଟଲ୍ ହାସଲ କରିସାରିଛନ୍ତି। ଏହି କ୍ରମରେ ସର୍ବାଧିକ ଟାଇଟଲ ହାସଲକାରୀ ଅନ୍ୟତମ ଓଡ଼ିଆ ଖେଳାଳି ଭାବେ ସାବ୍ୟସ୍ତ ହୋଇଛନ୍ତି। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ୧୨ ବର୍ଷରୁ କମ୍ ଭାରତୀୟ ଜୁନିୟର ଡେଭିସ କପ୍ ଦଳରେ ସ୍ଥାନ ପାଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ସୋହିନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହସ୍ପିଟାଲରେ ଭର୍ତ୍ତି ହେଲେ ତେନ୍ଦୁଲକର

**ମୁମ୍ବାଇ, ୨।୪ (ପି.ଟି.):** କରୋନା ସଂକ୍ରମିତ ହୋଇଥିବା ଭାରତର ପୂର୍ବତନ ଅଧିନାୟକ ତଥା ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ଶୁକ୍ରବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୪୭ ବର୍ଷୀୟ ଏହି ପୂର୍ବତନ ଷ୍ଟାର କ୍ରିକେଟରଙ୍କ କୋଭିଡ୍ ଟେଷ୍ଟ ମାର୍ଚ୍ଚ ୨୭ରେ ହୋଇଥିଲା ଏବଂ ଫଳାଫଳ ପଜିଟିଭ ଆସିଥିଲା। ସେହିଦିନଠାରୁ ସେ ନିଜ ବାସଭବନରେ ଆଇସୋଲେଶନରେ ରହିଆସୁଥିଲେ। ଡାକ୍ତରୀ ପରାମର୍ଶ କ୍ରମେ ସତର୍କତାମୂଳକ ପଦକ୍ଷେପସ୍ୱରୂପ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଛିଦିନ ମଧ୍ୟରେ ସେ ସୁସ୍ଥ ହୋଇ ଫେରିବେ ବୋଲି ଆଶାପ୍ରକାଶ କରି କହିଛନ୍ତି ଏହି ପୂର୍ବତନ ଷ୍ଟାର ବ୍ୟାଟ୍ସମ୍ୟାନ। ତେନ୍ଦୁଲକର ୨୦୧୧ରେ ଐତିହାସିକ ବିଶ୍ୱକପ୍ ବିଜୟ ସଫଳତା



ହାସଲ କରିଥିବା ଭାରତୀୟ କ୍ରିକେଟ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ଏହାର ୧୦ମ ବାର୍ଷିକ ପୂର୍ତ୍ତି ଅବସରରେ ସେ ଟ୍ୱିଟର ଜରିଆରେ ତାଙ୍କ ଟିମ୍‌ମେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେନ୍ଦୁଲକରଙ୍କ ବ୍ୟତୀତ ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ, ତାଙ୍କ ବଡ଼ଭାଇ ୟୁସୁଫ୍ ଏବଂ ଏସ୍. ବଦ୍ରିନାଥ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି। ଏମାନେ ସମସ୍ତେ ନିକଟରେ ଅନୁଷ୍ଠିତ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଭେଟେରାନ କ୍ରିକେଟରମାନଙ୍କୁ ନେଇ ହୋଇଥିବା ଏହି ଟୁର୍ନାମେଣ୍ଟରେ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ହୋଇଥିଲା। ଖେଳ ଦେଖିବା ଲାଗି ଦର୍ଶକମାନଙ୍କୁ ଷ୍ଟାଡିୟମରେ ଅନୁମତି ଥିଲା।








**Fujitsu General (India) Pvt. Ltd., Email:** info@fujitsu-general.com, **For Enquiries:** Satya 97482 46449 / 94370 06449, **General Arcade: Bhubaneswar: Patia:** S.P. Refrigeration & Electronics 96680 91087 / 94370 11087, **Berhampur:** Kalinga Enterprises 93383 01549 / 78095 77777 / 94397 21119 / 98613 28990, **Authorised Distributors: Coastal Odisha: Baleswar:** Mohapatra Sales Mart 94370 52545, **Sambalpur:** G.N. Electronics 89081 12233, **Authorised Dealers: Bhubaneswar:** Sahid Nagar Cool Care Refrigeration 94370 44416, **Cuttack:** Mission Road Ace Enterprises 98617 68101, **Station Road:** L.P. Electronics 70085 53244 / 94370 24291, **Dolomundai:** Rausan Refrigeration 97763 26781, **Rayagada:** Maheswari Refrigeration 99382 06654, **Bargarh:** New Patra Needs 97763 23188, **Rourkela:** PMA Corporation 94370 43020. **Registered Office:** 1st Floor, 10(26), 80th Street, 18th Avenue, Ashok Nagar, Chennai 600 083. **CIN:** U31100TN2018FTC126102.

Also Available At: Great Eastern RETAIL | GUPTA DISTRIBUTORS

Terms & Conditions apply. Features and specifications may vary from model to model. Please refer to product catalogue for details. Actual product may differ from the one shown above. 10 years warranty on inverter compressor is on select models and includes 5 years standard warranty & 5 years extended warranty. 5 years warranty on inverter PCB is for the outdoor unit on select models and includes 1 year standard warranty & 4 years extended warranty. To avail extended warranty – a) Registration of product within 30 days of purchase & installation by authorised service partner is mandatory and subject to verification by the company; & b) Servicing & maintenance of product during warranty period at a nominal cost by authorised service partner is mandatory. For product registration, call 1860 2081 007 or WhatsApp 6379 881 007 or register through our General Air Conditioner Customer Mobile App. Price offered is at the sole discretion of the authorised channel partner. Low Cost EMI offer is at the sole discretion of the financier. Low Cost EMI offer is through select NBFCs. Free Standard Installation with 3 metres piping kit is valid on select models of Inverter and Split air conditioners. All offers are valid against installation by authorised service partner and subject to verification by the company. All offers are valid on select models sold through authorized channel partners only. We have not authorised any e-commerce website to sell our products. Offers valid till stocks last and for a limited period only. To dispose e-waste through an authorized recycler please visit www.fujitsu-general.com/g-in/epr-e-waste or call us at 1860 2081 007.


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ